ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ମଙ୍ଗଳବାର ୨୧ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 DECEMBER 2021
Vol.No. 32 ■ No. 326 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# ସୁମିତଙ୍କ ଘର ଗ୍ରୀଲ ଭାଙ୍ଗି ଧସେଇ ପଶିଲେ ସ୍ଥାନୀୟ ଲୋକ

## ତପସ୍ୱିନୀଙ୍କ ସପକ୍ଷରେ ବାହାରିଲେ ମହିଳା



ବ୍ରହ୍ମପୁର, ୨୦/୧୨ (ନି.ପ୍ର): ବ୍ରହ୍ମପୁରର ଦମ୍ପତି ତପସ୍ୱିନୀ-ଡାକ୍ତର ସୁମିତ ବିବାହ ବିବାଦ ମାମଲା ନେଇଛି ନୂଆ ମୋଡ଼। ତପସ୍ୱିନୀଙ୍କ ସପକ୍ଷରେ ବାହାରିଛନ୍ତି ବ୍ରହ୍ମପୁରର ଶହ ଶହ ମହିଳା। ପୁଲିସ୍ ଉପସ୍ଥିତ ଥିଲେ ମଧ ଏହି ମହିଳାମାନେ ଡାକ୍ତର ସୁମିତ ସାହୁଙ୍କ ବ୍ରହ୍ମପୁର ସ୍ଥିତ ବ୍ରହ୍ମାନଗର ଘରର ଗେଟ୍ ଭାଙ୍ଗି ଦେଇଛନ୍ତି। ଏହା ପରେ ସେମାନେ ଘରର ଅନ୍ୟ ଏକ ଫାଟକକୁ ଭାଙ୍ଗିବାକୁ ପ୍ରୟାସ କରିଥିଲେ। କିନ୍ତୁ ପୁଲିସ୍ ଆସି ସମସ୍ତଙ୍କୁ ଘଉଡ଼ାଇ ଦେଇଥିଲା। ଅନ୍ୟପକ୍ଷରେ ଆଜି ରାତିରେ ଘରର ମୁଖ୍ୟ ଦ୍ୱାର ଭାଙ୍ଗି ତପସ୍ୱିନୀଙ୍କୁ ଭିତରେ ପୂରାଇବେ ବୋଲି ଏହି ମହିଳାମାନେ ଚେତାବନୀ ଦେଇଛନ୍ତି। ପୁଲିସ୍ ସେମାନଙ୍କୁ ବୁଝାସୁଝା କରୁଛି। ମହିଳାମାନେ ଗେଟ୍ ଭାଙ୍ଗି ଦେବା ପରେ ତପସ୍ୱିନୀ ଅସ୍ଥାୟୀ ଟେଣ୍ଟ ଭାଙ୍ଗି ବରଣ୍ଡାକୁ ଚାଲି ଯାଇଛନ୍ତି। ହଜାର ହଜାର ମହିଳା ତାଙ୍କ ସପକ୍ଷରେ ବାହାରିଥିବା ବେଳେ ଖୁସି ପ୍ରକଟ କରିଛନ୍ତି ତପସ୍ୱିନୀ। ସେ କହିଛନ୍ତି, କୋର୍ଟ ତ ନ୍ୟାୟ ଦେଲେ ନାହିଁ, କିନ୍ତୁ ମା, ଭଉଣୀମାନେ ମୋତେ ନ୍ୟାୟ ଦେଇଛନ୍ତି। ସେମାନେ ମୋ ସମର୍ଥନରେ ବାହାରିଛନ୍ତି। ମୋର ଏବେ ବିଶ୍ୱାସ ହେଉଛି ଯେ ମୁଁ ମୋ ଶାଶୂ ଘରେ ପ୍ରବେଶ କରି ପାରିବି। ସମସ୍ତଙ୍କ ଆଶୀର୍ବାଦ ମୋ ସହିତ ରହିଛି। ଏହା ସହିତ ସେ କୋର୍ଟଙ୍କ ଅବମାନନା କରି ନାହାନ୍ତି ବୋଲି କହିଛନ୍ତି। ତପସ୍ୱିନୀ କହିଛନ୍ତି ଯେ ସେ ଗେଟ୍ ଭାଙ୍ଗି ନାହାନ୍ତି। ତାଙ୍କ ଉପରେ ଦୟା କରି ବ୍ରହ୍ମପୁରର ମା', ଭଉଣୀମାନେ ଆସି ଶ୍ୱଶୁର ଘର ଗେଟ୍ ଭାଙ୍ଗିଛନ୍ତି। ଡାକ୍ତର ସୁମିତଙ୍କ ଘରର ଗେଟ୍ ଭାଙ୍ଗିଥିବା ଜଣେ ମହିଳା କହିଛନ୍ତି, ତପସ୍ୱିନୀ ବାହାରେ ରହୁଥିଲେ। ଏବେ ବାରଣ୍ଡାରେ ରହିପାରିବେ। ଏହା ଦ୍ୱାରା ଅତିକମ୍‌ରେ ସେ ଶୀତରୁ ଟିକେ ରକ୍ଷା ପାଇପାରିବେ। ଆଜି ଆମେ ଗୋଟିଏ ଗେଟ୍ ଭାଙ୍ଗିଛୁ। ଦରକାର ପଡ଼ିଲେ ସବୁ ଗେଟ୍ ଭାଙ୍ଗି ତପସ୍ୱିନୀଙ୍କୁ ଘର ଭିତରକୁ ନେଇ ଯିବୁ। ଅନ୍ୟପକ୍ଷରେ ତପସ୍ୱିନୀ ଓ ସୁମିତ ମାମଲାରେ ଏସ୍‌ଡିଜେଏମ୍ କୋର୍ଟ ଆଜି ତାଙ୍କ ପୂର୍ବ ରାୟକୁ ପୁଣି ଦୋହରାଇଛନ୍ତି। ଭଡ଼ା ଘର ନେଇ ତପସ୍ୱିନୀଙ୍କୁ ରଖିବାକୁ ଡାକ୍ତର ସୁମିତ ସାହୁଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ଲାଇଟ୍, ପାଣି ଓ ପରିମଳ ବ୍ୟବସ୍ଥା ଥିବା ଘର ନେଇ ତପସ୍ୱିନୀଙ୍କୁ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶରେ ତପସ୍ୱିନୀ ସନ୍ତୁଷ୍ଟ ନଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ▶▶ପୃଷ୍ଠା ୭

# ପାକିସ୍ତାନୀ ଡଙ୍ଗାରୁ ୭୭ କିଲୋ ହେରୋଇନ୍ ଜବତ : ୬ ଚାଲାଣକାରୀ ଗିରଫ



ଅହମଦାବାଦ, ୨୦/୧୨ (ନି.ପ୍ର): ଭାରତୀୟ ତଟରକ୍ଷକ ବଳ ଓ ଗୁଜୁରାଟ ଏଟିଏସ୍ ର ମିଳିତ ଦଳ କଛରେ ଜଖାଉ ଉପକୂଳରୁ ଏକ ପାକିସ୍ତାନୀ ଡଙ୍ଗାରେ ୭୭ କିଲୋ ହେରୋଇନ୍ ଜବତ କରିଛନ୍ତି । ଏହି ମାମଲାରେ ୬ ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଛି । ଗୁଜୁରାଟ ଏଟିଏସ୍ ଏବଂ ଭାରତୀୟ ତଟରକ୍ଷକ ବଳ ଗୁପ୍ତ ସୂଚନାରେ କଛର ଜଖାଇ ଉପରେ ସଂଯୁକ୍ତ ଅଭିଯାନ ଚଳାଇ ଯେଉଁଠାରେ ଅଲ ହୁସେନୀ ନାମରେ ଏକ ପାକିସ୍ତାନୀ ଡଙ୍ଗାକୁ ଅଟକାଇଛନ୍ତି। ଡଙ୍ଗାକୁ ଯାଁଚକରିବା ପରେ ସେଥିରୁ ୪୦୦ କୋଟି ଟଙ୍କା ମୂଲ୍ୟର ୭୭ କିଲୋ ହେରୋଇନ୍ ମିଳିଥିଲା । ଏହି ମାମଲାରେ ୬ ଜଣ ଚାଲାଣକାରୀଙ୍କୁ ଗିରଫ କରିଛନ୍ତି । ଧରାଯାଇଥିବା ଚାଲାଣକାରିଙ୍କୁ ପଚରା ଉଚରା ଚାଲୁ ରହିଛି । ସୂଚନା ଥାଉକି ଏହି ଜାଗାରେ ବହୁବାର ନିଶାଦ୍ରବ୍ୟ ଚାଲାଣ ଧରାଯାଇଛି । ଜାନୁଆରି ୨୦୨୧ରେ ଗୁଜୁରାଟ ଉପକୂଳରୁ, ଅପ୍ରେଲ ୨୦୨୧ରେ ୩୦ କିଲୋ, ସେପ୍‌ଟେମ୍ବର ୨୦୨୧ରେ ୩୦୦୦ କିଲୋ ରୁ ଅଧିକ ନିଶା ଦ୍ରବ୍ୟ ମିଳିଥିଲା ।

# କରୋନା ମାଡ଼ରେ ଦୋହଲିଲା ସେୟାର ବଜାର

## ଗୋଟିଏ ଦିନରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ



ନୂଆଦିଲ୍ଲୀ,୨୦/୧୨: ଓମିକ୍ରନ ଭୟରେ ଆଜି ଭାରତୀୟ ସେୟାର ବଜାର ଦୋହଲି ଯାଇଛି । ଗୋଟିଏ ଦିନରେ ୭ଲକ୍ଷ କୋଟି ଟଙ୍କା ହରାଇଛନ୍ତି ନିବେଶକାରୀ । ସେନସେକ୍ସ ୧୧ଶହ ୯୦ପଏଂଟ ଆଜି ତଳକୁ ଖସିଯାଇଛି । ନିଫଟିରେ ମଧ ୩୭୧ପଂଏଟ ହ୍ରାସ ହୋଇଛି । ବଢୁଛି ଓମିକ୍ରନ, ଖସିଲା ସେୟାର ବଜାର । ଦୁଇ ଦିନରେ ନିବେଶକ ହରାଇଲେ ପ୍ରାୟ ୧୧ ଲକ୍ଷ କୋଟି । କରୋନାର ନୂଆ ପ୍ରଜାତି ଓମିକ୍ରନ, ଧୀରେ ଧୀରେ ସାରା ବିଶ୍ୱରେ କାୟା ମେଲାଇ ଚାଲିଛି । ବିଶେଷ କରି ବ୍ରିଟେନ୍ ଓ ଅନ୍ୟ ୟୁରୋପୀୟ ଦେଶରେ ସ୍ଥିତି ସାଂଘାତିକ ହେବାରେ ଲାଗିଛି । କିଛି ଦେଶରେ ପୁଣି ଥରେ ଲକଡାଉନ ଭଳି ଶକ୍ତ କଟକଣା ଫେରିଛି । ଆଉ ଏହାର ସିଧା ପ୍ରଭାବ ପଡ଼ିଛି ସେୟାର ବଜାର ଉପରେ । ଶୁକ୍ରବାର ଦିନ ଭାରତୀୟ ସେୟାର ବଜାର ତଳକୁ ଖସିଥିଲା, ସୋମବାର ଆରମ୍ଭରୁ ତଳମୁହାଁ ହୋଇଚାଲିଲା ସେୟାର ବଜାର । ପ୍ରଥମ ଦୁଇଟି ସେସନରେ କ୍ଷତି ବଢ଼ି ବଢ଼ି ଚାଲିଲା, ହେଲେ ଶେଷ ଆଡକୁ ସାମାନ୍ୟ ସୁଧାର ଆସିଥିଲା । ବଜାର ବନ୍ଦ ହେବାବେଳକୁ ସେନସେକ୍ସ ୧୧୯୦ ଅଙ୍କ ଅର୍ଥାତ୍ ▶▶ପୃଷ୍ଠା ୭

## 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା' ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା' ନାମରେ ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଆଜି ମାଲକାନଗିରିକୁ ଏକ ଡାକ୍ତରୀ ଦଳକୁ ନେଇ ପ୍ରଥମ ବିମାନ ଉଡାଣ ଆରମ୍ଭ ହୋଇଛି। ଏହି ଯୋଜନାରେ ଆଦିବାସୀବହୁଳ ୪ଟି ଜିଲ୍ଲା ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଭିନ୍ନ ମେଡିକାଲ କଲେଜ ଏବଂ କର୍ପୋରେଟ୍ ହସ୍‌ପିଟାଲର ଦକ୍ଷ ଓ ସ୍ୱନାମଧନ୍ୟ ଡାକ୍ତରମାନେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଏହିସବୁ ଜିଲ୍ଲାର ଚିକିତ୍ସାଳୟକୁ ବିମାନ ଯୋଗେ ଯାଇ ସେଠାରେ ହୃଦରୋଗୀ, ସ୍ନାୟୁରୋଗୀ, କିଡନୀ ଓ ମୂତ୍ରାଶୟ ରୋଗୀଙ୍କ ଭଳି ସୁପର ସ୍ପେସାଲିଟି ସେବା ଆବଶ୍ୟକ କରୁଥିବା ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା କରିବେ । ଏଥିପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ । ଏହି ସେବାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହିତ ଏହାଦ୍ୱାରା ଏହି ୪ଟି ଜିଲ୍ଲାର ଗରିବ ଜନସାଧାରଣ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶାପ୍ରକାଶ କରିଛନ୍ତି।

# ଅଶାନ୍ତ ହେଉଛି ଢିଙ୍କିଆ : ପୁଲିସ୍- ଆନ୍ଦୋଳନକାରୀ ମୁହାଁମୁହିଁ



ଭୁବନେଶ୍ୱର,୨୦/୧୨(ନି.ପ୍ର): ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ପଥର ମାଡ । ଗାଁର ପୁରୁଷ, ମହିଳାଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ଆଜି ରାସ୍ତା ଉପରକୁ ବାହାରି ଆସିଥିଲେ । ଏବଂ ଢିଙ୍କିଆ ନିକଟସ୍ଥ ମାହାଳ ଗାଁ ରଣକ୍ଷେତ୍ର ପାଲଟି ଯାଇଥିଲା । ମାହାଳ ଗାଁକୁ ଢିଙ୍କିଆରୁ ଅଲଗା କରି ନୂତନ ଭାବେ ରାଜସ୍ୱ ଗ୍ରାମ କରାଯାଇଛି । ଏବେ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯିବାକୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଏହି ବିରୋଧ ଦେଖିବାକୁ ମିଳିଛି । ଏପଟେ ପୋଲିସ୍, ସେପଟେ ଗାଁ ଲୋକ । ଉଭୟଙ୍କ ହାତରେ ଟେକା । ପରସ୍ପରକୁ ଲକ୍ଷ୍ୟ କରି ଫିଙ୍ଗି ଚାଲିଛନ୍ତି । ମାଡ଼ି ଆସୁଛନ୍ତି ଉତ୍ୟକ୍ତ ଗାଁ ଲୋକ, ଆଉ ପଛଘୁଞ୍ଚା ଦେଉଛି ପୋଲିସ । ବଲିଉଡ୍ ଫିଲ୍ମର ଦୃଶ୍ୟ ପରି ଲାଗୁଥିବା ଏ ଘଟଣା ଆସିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢିଙ୍କିଆ ଗ୍ରାମରୁ । ଅଶାନ୍ତ ହୋଇପଡ଼ିଛି ଢିଙ୍କିଆ । ପୋଲିସ୍-ଗ୍ରାମବାସୀ ଛକାପଂଝା । ପୋଲିସ୍ ସହ ପ୍ରଶାସନ ଯେତେବେଳେ ଢିଙ୍କିଆରେ ପହଞ୍ଚିଥିଲା, ଏତେବଡ଼ ବିରୋଧର ସାମ୍ନା କରିବ ବୋଲି ବୋଧହୁଏ ବୁଝିପାରି ନଥିଲା । ▶▶ପୃଷ୍ଠା ୭

## ନିୟମ ମାନିଲେ ତୃତୀୟ ଲହର ଆଶଙ୍କାକୁ ଏଡ଼ାଇ ଦେଇପାରିବା : ଡିଏମଇଟି

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ବିଦେଶ ଫେରନ୍ତା ସାତ ଜଣଙ୍କ ମଧ୍ୟରୁ ଚାରିଜଣଙ୍କ ଓମିକ୍ରନ ନେଗେଟିଭ ରହିଛି। ତିନି ଜଣଙ୍କ ଜିନମ ସିକ୍ୟୁଏନ୍ସ ପାଇଁ ଯାଇଛି ରିପୋର୍ଟ ଆସିନାହିଁ। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଦେଶରେ ଓମିକ୍ରନ ବହୁ ଜୋରରେ ବ୍ୟାପିଲାଣି। ନଭେମ୍ବରରେ କିଛି ଦେଶ ମଧ୍ୟରେ ସୀମିତ ଥିବା ବେଳେ ଏବେ ଶହେ ପାଖାପାଖି ଛୁଇଁଲାଣି। ଓମିକ୍ରନ କ୍ଷିପ୍ର ବେଗରେ ବଢିଚାଲିଛି ତାକୁ ନଜରରେ ରଖି ଆମକୁ ସଜାଗ ହେବାକୁ ପଡ଼ିବ। ଟିକା ନେବା, କୋଭିଡ ନିୟମ ମାନିବା, ଅଯଥା ଭିଡ଼କୁ ଯିବା ନାହି। ଏତିକି କଲେ କେଶ ଲୋଡ୍ କମ ରହିବ ଓ ଆମେ ନିରାପଦ ରହିବା। ଆମେ ନିୟମ ମାନି ଚଳିଲେ ତୃତୀୟ ଲହର ଆଶଙ୍କାକୁ ଏଡ଼ାଇ ଯାଇପାରିବା ।

# ନିଜ ନିର୍ବାଚନ ମଣ୍ଡଳିର ରାସ୍ତାକୁ ହେମାମାଳିନୀଙ୍କ ଗାଲ ସହ ତୁଳନା କରି ଅଡୁଆରେ ମହାରାଷ୍ଟ୍ରର ମନ୍ତ୍ରୀ



ନୂଆଦିଲ୍ଲୀ,୨୦/୧୨: ଉଦ୍ଧବ ସରକାରର ମନ୍ତ୍ରୀ ଗୁଲାବ ରାଓ କହିଛନ୍ତି ତାଙ୍କ ନିର୍ବାଚନ ମଣ୍ଡଳୀର ରାସ୍ତା ଡ୍ରିମ ଗର୍ଲ ହେମା ମାଳିନୀଙ୍କ ଗାଲ ପରି ଚିକ୍କଣ । ଗୁଲାବ ଏପରି କହି ତାଙ୍କ ନିର୍ବାଚନ ମଣ୍ଡଳୀର ରାସ୍ତା କିପରି ବିକାଶ ହୋଇଛି କହିବାକୁ ଚାହୁଁଥିଲେ । ହେଲେ ଏପରି ଅରୁଚିକର ମନ୍ତବ୍ୟ ଦେଇ ସମାଲୋଚନାର ଶିକାର ହେବା ପରେ କ୍ଷମା ମାଗିଛନ୍ତି । ହେଲେ ତାଙ୍କର ଏପରି ମନ୍ତବ୍ୟକୁ କିନ୍ତୁ ସମର୍ଥନ କରିଛନ୍ତି ଶିବସେନା ସାଂସଦ ସଞ୍ଜୟ ରାଉତ । ଡ୍ରିମ୍ ଗର୍ଲଙ୍କ ଗାଲକୁ ସଡକ ସହ ତୁଳନା । ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ମହାରାଷ୍ଟ୍ରର ମନ୍ତ୍ରୀ । ରବିବାର ଏକ ସଭାରେ ଉଦ୍ଧବ ସରକାରରେ ମନ୍ତ୍ରୀ ତଥା ଶିବସେନା ବିଧାୟକ ଗୁଲାବ ରାଓ ପାଟିଲଙ୍କ ଏହି ମନ୍ତବ୍ୟ ଅଡୁଆ ବଢାଇଛି । କିନ୍ତୁ ଏପରି ▶▶ପୃଷ୍ଠା ୭

# ଇଡି ଜାଲରେ ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା



ନୂଆଦିଲ୍ଲୀ,୨୦/୧୨: ଆଇନ ଜାଲରେ ଛନ୍ଦିହେଲେ ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ବଲିଉଡ୍‌ର ଏହି ନାମି ଦାମି ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଇଡି କରିଛି ସମନ । ପାନାମ ପେପର୍ସ ଲିକ୍ ମାମଲାରେ ସମନ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ପୂର୍ବତନ ବିଶ୍ୱ ସୁନ୍ଦରୀଙ୍କୁ ପଚରାଉଚରା ପାଇଁ ଡାକିଛି ଇଡି । ପୂର୍ବରୁ ମଧ ଏହି ମାମଲାରେ ଐଶ୍ୱର୍ଯ୍ୟାଙ୍କୁ ଦୁଇ ଥର ଡାକିଥିଲା ଇଡି । ଦୁଇ ଥର ନୋଟିସକୁ ସ୍ଥଗିତ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ନିବେଦନ କରିଥିଲେ ଐଶ୍ୱର୍ଯ୍ୟା । ହେଲେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନୂଆ ନୋଟିସ୍ ପରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ପଡିଛି ଐଶ୍ୱର୍ଯ୍ୟାଙ୍କୁ । ବିବାଦରେ ବଚ୍ଚନ ବୋହୂରାଣୀ ଐଶ୍ୱର୍ଯ୍ୟା । ପାନାମା ପେପର୍ସ ମାମଲାରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଇଡି ସମନ । ଐଶ୍ୱର୍ଯ୍ୟାଙ୍କୁ ପଚରା-ଉଚୁରା ପାଇଁ ଡାକିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଦୁଇ ଦୁଇ ଥର ନୋଟିସ୍କୁ ସ୍ଥଗିତ ରଖିବା ପରେ ସୋମବାର ଦିଲ୍ଲୀ ସ୍ଥିତ ଇଡି କାର୍ଯ୍ୟାଳୟରେ ପଚରା-ଉଚୁରା ପାଇଁ ହାଜର ▶▶ପୃଷ୍ଠା ୭

# ପ୍ରବଳ ଥଣ୍ଡାରେ ଥରିବ ଓଡିଶା



ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଅସମ୍ଭାଳ ଜାଡରେ ଥରିବ ଓଡିଶା। ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ନିସ୍ତାର ନାହିଁ। ଏହି ସମୟରେ ସ୍ୱାଭାବିକ ଠାରୁ ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିପାରେ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଂଟା ମଧ୍ୟରେ ତୀବ୍ର ଶୀତ ଲହରୀ ସମ୍ଭାବନା ରହିଥିବାରୁ ୧୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୋନପୁର, ବୌଦ୍ଧ, କନ୍ଧମାଳ, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼ ଏବଂ ସମ୍ବଲପୁର। ସେହିପରି ୨୨ ତାରିଖ ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ୪ ଟି ଜିଲ୍ଲା ହେଲା ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼ ଏବଂ କନ୍ଧମାଳ। ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୩ ରେ ୧୦ ଜିଲ୍ଲାକୁ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ▶▶ପୃଷ୍ଠା ୭

# ଓମିକ୍ରନ ମୁକାବିଲାରେ କାମ କରିନପାରେ ଟିକା !

ନୂଆଦିଲ୍ଲୀ,୨୦/୧୨: ସାରାବିଶ୍ୱରେ କରୋନା ଭୂତାଣୁର ନୂଆ ପ୍ରଜାତି ଓମିକ୍ରନ ସଂକ୍ରମଣ ବଢ଼ି ବଢ଼ି ଚାଲିଥିବାବେଳେ, ଏହା ବିରୋଧରେ ଟିକା ପ୍ରଭାବି ହୋଇନପାରେ ନେଇ ବିଦେଶୀ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଚର୍ଚ୍ଚାର ବିଷୟ ହୋଇଛି । ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଅନୁସାରେ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ କରୋନା ଭୂତାଣୁର ମୁକାବିଲା ପାଇଁ ବ୍ୟବହାର ହେଉଥିବା ଅଧିକାଂଶ ଟିକା କାର୍ଯ୍ୟ କରିନପାରେ । କେବଳ ମଡେର୍ଣ୍ଣା ଓ ଫାଇଜର ଟିକା ଏମଆରଏନଏ ପଦ୍ଧତିରେ ତିଆରି ହୋଇଥିବାରୁ କିଛି ମାତ୍ରାରେ ପ୍ରଭାବି ହୋଇପାରେ । କିନ୍ତୁ ଆଷ୍ଟ୍ରାଜେନିକା, ଜନସନ ଆଣ୍ଡ ଜନସନ୍, ସିନୋଭାକ୍, ସ୍ପୁଟନିକ ଭି ଭଳି ଟିକା ପୁରୁଣା ପଦ୍ଧତିରେ ପ୍ରସ୍ତୁତ ହୋଇଥିବାରୁ ଓମିକ୍ରନ ବିରୋଧରେ ଏହା ପ୍ରଭାବି ହୋଇନପାରେ । ଗ୍ଲୋବାଲ ହେଲଥ ପଲିସି ସେଣ୍ଟରର ନିର୍ଦ୍ଦେଶକ ଷ୍ଟିଫେନ ମୋରିସନ କହିଛନ୍ତି, ଟିକା ଦ୍ୱାରା ଯେତିକି ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହେଉଛି ତାହା ଓମିକ୍ରନକୁ ରୋକିବାରେ ସକ୍ଷମ ହୋଇନପାରେ । ଯାହାକି ସାରା ବିଶ୍ୱ ପାଇଁ ଏକ ବଡ ସମସ୍ୟା ହୋଇପାରେ ।

# ଭଗବତ ସିଂ ଫିଜିକାଲ ଏକାଡେମୀ ପକ୍ଷରୁ ମିନି ମାରାଥନ

ଧର୍ମଶାଳା,୨୦/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତରେ ଭଗତ ସିଂ ଫିଜିକାଲ ଏକାଡେମୀ ପକ୍ଷରୁ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର କୋଅଡିନେଟର ଅବସରପ୍ରାପ୍ତ ସୁବେଦାର ମେଜର ଅଶୋକ କୁମାର ସାହୁ ଓ ସ୍କାଉଟ ଶିକ୍ଷକ ସୁଶାନ୍ତ କୁମାର ସାହାଣୀଙ୍କ ତତ୍ତ୍ୱାବଧାନରେ ଏହି ମିନି ମାରାଥନ କାର୍ଯ୍ୟକ୍ରମ ମାରୁତି କୃପା ପରିଷଦ ପ୍ରାଙ୍ଗଣରେ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ଅତିଥିଭାବେ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲା ତଥା ଜିଲା ବାହାରୁ ୫୫ ଜଣ ପ୍ରତିଯୋଗୀ ଏହି ମିନି ମାରାଥନରେ ଯୋଗ ଦେଇଥିଲେ । ପ୍ରତିଯୋଗୀମାନେ ମାରୁତି କୃପା ପରିଷଦ ପ୍ରାଙ୍ଗଣରୁ ବାହାରି ଅରାବଳ,ନାଳକୁଳ ଓ ବ୍ରହ୍ମବରଦା ଦେଇ ବନ୍ଧଡିହଠାରେ ପଂହଚିଥିଲେ । ଏହି ମାରାଥନରେ ରାଜେନ୍ଦ୍ର କୁମାର ଜେନା ପ୍ରଥମ ସ୍ଥାନ, ବିଶ୍ୱଜିତ ପରିଡା ୨ୟ ଓ ଜଗବନ୍ଧୁ ସେଠୀ ୩ୟ ସ୍ଥାନ ଅଧିକାର କାରିଥିଲେ । ଶେଷରେ ମାରୁତି କୃପା ପରିଷଦ ପରିସରରେ ପୁରସ୍କାର ବିତରଣୀ ଉତ୍ସବ ସାମାଜିକ କର୍ମୀ ଅଶୋକ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷାବିତ୍ ବିଶ୍ୱନାଥ ସ୍ୱାଇଁ , ସମ୍ମାନୀତ ଅତିଥିଭାବେ ବନ୍ଧଡିହ ପଂଚାୟତର ପୂର୍ବତନ ସରପଂଚ ବିଜୟ କୁମାର ଜେନା, ସନ୍ତୋଷ ସାହୁ ଓ ଶଙ୍କର ସେଠୀ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଗ୍ରାମାଂଚଳରେ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ସ୍ୱାସ୍ଥ୍ୟ ହିଁ ସମ୍ପଦ, ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଏହାର ମୂଳ ଲକ୍ଷ୍ୟ ଏବଂ ସ୍ଥାନୀୟ ଯୁବକମାନେ ଆଗାମୀ ଦିନରେ ଏହି ମହାନ୍ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁପ୍ରାଣୀତ କରିଥିଲେ । ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ନଗଦ ରାଶି ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୭ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ମେଡାଲ ପ୍ରଦାନ କରିଥିଲେ । ଏକାଡେମୀର ସଦସ୍ୟ ପ୍ରସନ୍ନଜିତ ବେହେରା, ଗଣେଶ୍ୱର ବେହେରା,ଶ୍ୟାମସୁନ୍ଦର ସେଠୀ, ଆର୍ଶୀବାଦ ପାଢୀ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସ୍କାଉଟ ଶିକ୍ଷକ ଶ୍ରୀଯୁକ୍ତ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଏକ ସାଧାରଣ ସଭା

ଜୟପୁର,୨୦/୧୨ (ନି.ପ୍ର): ସ୍ଥାନୀୟ ଜୟନଗରସ୍ଥିତ ଚିତବିନୋଦନ କେନ୍ଦ୍ର ପରିସରରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ଟ୍ରଷ୍ଟ ପକ୍ଷରୁ ଏହା ତୃତୀୟ ବୈଠକ ହୋଇଥିବା ଜଣାପଡିଛି । ଏଥିପୂର୍ବରୁ ଜଗନ୍ନାଥ ସାଗର ବଞ୍ଚାଅ ନଚେତ ଆଗାମୀ ଦିନରେ ଜୟପୁର ବନ୍ଦ କରିବାକୁ ଡାକରା ଦେଇଥିବା ବେଳେ ଆଜି ପୁଣି ଥରେ ଏକ ବୈଠକ ଡକାଯାଇଥିଲା । ଏଥିରେ ଜୟପୁର ସହରର ବୁଦ୍ଧିଜୀବୀ ସମେତ ଯୁବକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ମାନେ ସାମିଲ ହୋଇଥିଲେ । ଏହି ବୈଠକରେ ଜଗନ୍ନାଥ ସାଗର ସୁରକ୍ଷା ତଥା ପୁନରୁଦ୍ଧାର ସହ ଟ୍ରଷ୍ଟର ସଦସ୍ୟ ଚୟନ, ସାଗର କୂଳରେ ତଥା ଭିତରେ ପ୍ରବେଶ କରୁଥିବା ଅଳିଆ ଆବର୍ଜନାକୁ ରୋକିବା,ସାଗର କେତେ ଜାଗାରେ ରହିଛି,ତାର ପ୍ରକୃତ ଆକଳନ,ସାଗରକୁ ମାଡି ଆସୁଥିବା ଜମି ମାଫିଆଙ୍କୁ ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଆଲୋଚନା,ମୁଖ୍ୟ ନାଳ ଦେଇ ଯାଉ ଥିବା ଅଳିଆ,ଦୂଷିତ ପାଣି ର ସଠିକ ଗମନାଗମନ ତଥା ତାର ପୁନଃ ନିର୍ମାଣ, ଜୟପୁରବାସୀଙ୍କୁ ସାଗର ସମ୍ବନ୍ଧୀୟ ସଚେତନତା, ସାଗର ପ୍ରତି ପ୍ରଶାସନିକ ଅଣଦେଖା, ସଗାର ପ୍ରତି ଅଣଦେଖା ପ୍ରତିବାଦରେ ଆଗାମୀ ଦିନରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ,ସାହି ବୁଲି ଲୋକଙ୍କ ଦସ୍ତଖତ, ଶେଷରେ ଜୟପୁର ବାସୀଙ୍କୁ ସାଗର ପ୍ରତି ଥିବା ପ୍ରେମ ସ୍ନେହ ମନରେ ନରଖି ସାଗର ବଞ୍ଚାଇବା ଆନ୍ଦୋଳନ ରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା । ଏଥିରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ମାନେ ଯୋଗ ଦେଇଥିଲେ ।

# ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି,୨୦/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ ପୋଟେରୁ ନାରନାରାୟଣ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ନିମାଇ ଚନ୍ଦ୍ର ପାଲ ସଭାପତିତ୍ୱ କରିଥିବା ବେଳେ ବିଧାୟକ ଆଦିତ୍ୟ ମାଢ଼ି, ଶ୍ୟାମଲ ସୁନାନୀ, ସାଧାରଣ ସଂପାଦକ ମାଣିକ ଚକ୍ରବର୍ତ୍ତୀ, ଯୁବ ସଭାପତି ଭବାନୀ ଶଙ୍କର ମୁଖାର୍ଜୀ, ପୂର୍ବତନ ସଭାପତି ଗୁରୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଆଗାମୀ ପଚାଂୟତ ନିର୍ବାଚନକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଗତ ପଚାଂୟତ ନିର୍ବାଚନରେ ବିଜେପି ବିପୁଳ ସଂଖ୍ୟାରେ ବିଜୟୀ ହୋଇଥିବା ବେଳେ ଆଗାମୀ ପଚାଂୟତ ନିର୍ବାଚନରେ ମଧ୍ୟ ଏହି ବିଜୟଯାତ୍ରା ଜାରି ରହିବ ବୋଲି କୁହାଯାଇଥିଲା । ବୈଠକରେ ବିଶେଷ କରି ମଣ୍ଡିକୁ ନେଇ ଆଲୋଚନା କରାଯାଇଥିଲା । ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ ଯେପରି ଉଠିବ ସେନେଇ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିବା, ବୋନସ୍ ଦେବାର ବ୍ୟବସ୍ଥା କରିବା, ଚାଷୀଙ୍କୁ ଖାଲି ବସ୍ତାର ମୂଲ୍ୟ ମଧ୍ୟ ଫେରସ୍ତ କରିବାକୁ ଦାବି କରାଯାଇଥିଲା । ସେହିପରି ବିଜେପି ବିଗତ ଦିନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବି ପୂରଣ ନେଇ ଦାବି କରିଥିଲା । ଏଥିସହ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ ନେଇ ମଧ୍ୟ ଦାବି କରିଥିଲା । ଆଜି ପର୍ଯ୍ୟନ୍ତ ଏହାର ସମାଧାନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କରିପାରିଲା ନାହିଁ ବୋଲି ଅଭିଯୋଗ ହୋଇଥିଲା । ମାଲକାନଗିରି ଜିଲ୍ଲାରେ ବଙ୍ଗଳା ଭାଷୀ ଶିକ୍ଷକ ନିଯୁକ୍ତି ନେଇ ମଧ୍ୟ ଦାବି କରାଯାଇଥିଲା । ୫-ଟି ମାଧ୍ୟମରେ କେବଳ ବିଦ୍ୟାଳୟ ଗୁଡିକର ରୂପରେଖ ପରିବର୍ତନ ହେଉଛି । ତେଣୁ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯାଉ ବୋଲି ବିଜେପି ଦାବି କରିଥିଲା । ଜିଲ୍ଲାରେ ପାନୀୟ ଜଳର ଭଲ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ରାଜସ୍ୱ ଗ୍ରାମ ଏବଂ ପଡା ଗ୍ରାମରେ ପ୍ରତ୍ୟେକ ଘରେ ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଉ । ଏହି ଦାବି ଗୁଡିକ ଯଦି ତୁରନ୍ତ ପୂରଣ କରାନଯାଏ ତେବେ ଆଗାମୀ ଦିନରେ ବିଜେପି ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଥିଲା । ବୈଠକରେ ଉତମ ରାୟ, ପଡିଆ ପଚାଂୟତ ସମିତି ଅଧକ୍ଷ ଦେବ ମାଡକାମୀ, କୋରୁକୋଣ୍ଡା ବ୍ଲକ୍ ଅଧକ୍ଷ ସାବିତ୍ରୀ ପଡିଆମି, ରବୀ ମାଢ଼ି, ଦେବୀକା ମାଡକାମୀ, ପ୍ରମିଳା ଦାସ, ରତ୍ନାକର ପାଣିଗ୍ରାହୀ, ଗଙ୍ଗା ସୋଡି ପ୍ରମୁଖ ଉପସ୍ଥିତ ଥିଲେ ।

# କାଲିମେଲା ବ୍ଲକର ୬ ଟି ପଞ୍ଚାୟତରେ ବିଜୁ ଜନତା ଦଳର ସମୀକ୍ଷା ବୈଠକ

ମାଲକାନଗିରି,୨୦/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଦଳକୁ ସୁସଂଗଠିତ କରି ଆଗାମୀ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ବାଜିମାତ୍ ପାଇଁ ବିଧାୟକ ଯାଜପୁର ତଥା ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ମାନ୍ୟମକୋଣ୍ଡା ପଚାଂୟତ ସଭା କକ୍ଷରେ କାଲିମେଲା ଜୋନ୍ ୨ ର ୭ ଗ୍ରାମ ପଚାଂୟତରୁ ୬ ଗୋଟି ଗ୍ରାମପଚାଂୟତରେ ବିଜୁ ଜନତା ଦଳ ତରଫରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ତଥା ମାଲକାନଗିରି ଜିଲ୍ଲା ସଂଯୋଜକ ପ୍ରକାଶ ଚନ୍ଦ୍ର ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜୋନ୍ ୨ ର ସଂଯୋଜକ ଗୋପାଳକୃଷ୍ଣ ପଣ୍ଡା, ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ସାଂସଦ ପ୍ରତିନିଧି ଇଂ. ଭେଙ୍କଟ ରାଓ, ଜୋନ୍ ସହ ସଂଯୋଜକ ଦିଲ୍ଲୀପ ବିଶ୍ୱାସ, ଜିଲ୍ଲା ସମ୍ପାଦକ ଅନୁପ ମିସ୍ତ୍ରୀ, ମାନ୍ୟମକୋଣ୍ଡା ସରପଚଂ ହରି ଗୋଲରି, ଯୁବ ନେତା ଅମିତ ବଳ, ଋିନ ଦାସ, ନିର୍ମଳ ସରକାରଙ୍କ ସହ ପଚାଂୟତ ସଭାପତି ମାନଙ୍କୁ ନେଇ ୱାଡ଼ କମିଟି ଓ ହାଉସ ଟ୍ୟାଗିଂ ଉପରେ ସମୀକ୍ଷା ହୋଇଥିଲା ।

ଏହି ବୈଠକ ରେ ପ୍ରେମାନନ୍ଦ ବାଚାଡ, ନିମାଇଁ ରଞ୍ଜଧର, ବିଷ୍ଣୁପଦ ମଣ୍ଡଳ, ଆନନ୍ଦ ଖିଲ,ବିଷ୍ଣୁ ମଣ୍ଡଳ, ସପନ ମଜୁମଦାର, ୱାଡ଼ କମିଟି ଗଠନ କରିବାରେ ସହଯୋଗ କରିଥିଲେ । ସେହିପରି କାଲିମେଲାର ଠାରେ ଅନୁଷ୍ଠିତ ବୈଠକରେ ଜୋନ୍ ସଭାପତି କାର୍ତିକ ଦେବନାଥ, ବ୍ଲକ ଯୁବ ସଭାପତି ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ମଣ୍ଡଳ, କାଲିମେଲା ପଚାଂୟତ ସଭାପତି ସୁଜୟ, ଯୁବ ନେତା ପୃଥ୍ୱୀରାଜ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜନକ ଗ୍ରାମରେ ବାଦିପାଲା ଉଦ୍‌ଯାପିତ : କଳାକାରଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୦/୧୨ (ନି.ପ୍ର): ସମ୍ପ୍ରତି ସମାଜରେ ବହୁ ପୁରାତନ ସଂସ୍କୃତି ହଜିବାକୁ ବସିଲାଣି । ତେବେ ଏହି ସଂସ୍କୃତିକୁ ବଂଚାଇ ରଖିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ୟମ ଜାରି ରଖିଛନ୍ତି । ତେବେ ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ଜନକ ଗ୍ରାମରେ । ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଓମ୍ ମା ତାରିଣୀ କଳାପରିଷଦ' ଅନୁକୂଲ୍ୟରେ ଜନକ ଦୁର୍ଗା ମଣ୍ଡପ ପରିସରରେ ୩ ଦିନ ଧରି ଚାଲିଥିବା ବାଦିପାଲା ଉଦଯାପିତ ହୋଇଯାଇଛି । ଏହି ବାଦିପାଲରେ ଓଡିଶାର ସୁନାମଧନ୍ୟ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ ସୂର୍ଯ୍ୟ ପର୍ଶୁର୍ୟରାମ ପଣ୍ଡା ପ୍ରମୁଖ ଯୋଗଦେଇ ପାଲା ପରିବେଷଣ କରିଥିଲେ । ଏହି ପାଲା ପରିବେଷଣ କରି ଓଡିଶାର କଳା ସଂସ୍କୃତି,ପୁରାଣ ଓ ଛାନ୍ଦ ପରିବେଷଣ କରି ଲୋକମାନଙ୍କ ମନ ମୁଗ୍ଧ କରିଥିଲେ । ଏହି ଉଦଯାପନି ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଗାୟକ ସମ୍ରାଟ ଓ ଗାୟକ ସୂର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧିତ ଉତ୍ସବକୁ ଜନକ ପଲ୍ଲୀପ୍ରଭା ବିଦ୍ୟାୟନର ପ୍ରଧାନଶିକ୍ଷକ ଅନାଦି ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଭାଗ୍ୟଧର ସାହୁ ଓ ପଲ୍ଲୀପ୍ରଭା ବିଦ୍ୟାୟନର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ ସୂର୍ଯ୍ୟ ପଶ୍ୟୁରାମ ପଣ୍ଡାଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଯୁବ ପ୍ରତିଭାମାନେ ଏବେ ମୋବାଇଲ ସେବାରେ ବ୍ୟସ୍ତ ରହି ନିଜର ପ୍ରଥମ କର୍ତବ୍ୟକୁ ଭୁଲି ଯାଉଛନ୍ତି । ମୋବାଇଲ ପଛରେ ନ ଧାଇଁ ଅବସର ସମୟରେ ପୁରାଣ ପୁସ୍ତକ ପଢିବା ପାଇଁ ମତ ଦେଇଥିଲେ ।

ଏହି ସମ୍ବର୍ଦ୍ଧନା ଉତ୍ସବକୁ ପରିଷଦର ବରିଷ୍ଠ ସଭ୍ୟ ସୁନନ୍ଦ ନାୟକ, ସମ୍ପାଦକ ଅଖିଳ ଜେନା, ଶିଶିର କୁମାର ସ୍ୱାଇଁ, ପ୍ରତାପ କୁମାର ଦେଓ, ରବିନ୍ଦ୍ର ନାୟକ, ରବି ନାରାୟଣ ଜେନା, ତପନ କୁମାର ଜେନା, ମନୋଜ କୁମାର ଜେନା, ଦୁଃଶାସନ ଦାସ ଓ ଅନୁଷ୍ଠାନ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ଗ୍ରାମବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।ଏହି ପାଲା ଦେଖିବା ପାଇଁ ଜନକ ସମେତ ଅରାବଳ, ମହନପୁର, ବଡବାଲିକୁଦା, ସାନ ବାଲିକୁଦା, କଦମପାଳ, ନୋଷା, ବନ୍ଧଡିହ ଓ ବ୍ରହ୍ମବରଦା ଆଦି ଅଂଚଳରୁ ବହୁ ପାଲାପ୍ରେମୀ ଯୋଗ ଦେଇ ପାଲା ଉପଭୋଗ କରିଥିଲେ ।

# ଟିଟଲାଗଡ଼ ଭିତ୍ତିଭୂମିର ବିକାଶ ପାଇଁ ଦାବି

ବଲାଙ୍ଗୀର,୨୦/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଫାଇବ ଟି ସଚିବଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଥିବା ଭର୍ଚୁଆଲ ସଭାରେ ରେ ଟିଟିଲାଗଡ ସହରାଞ୍ଚଳ ର ଧନ ଜୀବନ ତଥା ସାମଗ୍ରିକ ବିକାଶ କୋଭିଡ଼ ମହାମାରୀ ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୋଇଥିବା ଯୋଗୁଁ ବର୍ତମାନ ପରିପ୍ରେକ୍ଷୀରେ ରେ ଜନ ସାଧାରଣ ଙ୍କ ଜୀବିକା ଉପାର୍ଜନ ର ସୁଯୋଗ ସୃଷ୍ଟି ସହିତ ଟିଟିଲାଗଡ ପୌରପରିଷଦ ଅନ୍ତର୍ଗତ ପ୍ରତ୍ୟେକ ୱାର୍ଡ ର ଭିତି ଭୂମି ର ବିକାଶ ନିମନ୍ତେ ଆବଶ୍ୟକ ଥିବା ଏକାଧିକ ଜନ କଲ୍ୟାଣ ପ୍ରକଳ୍ପ ଯଥା ମିନି ପାର୍କ,ଉଦ୍ୟାନ,ଖେଳ ପଡିଆ ,ଭେଣ୍ଡିଂ ଜୋନ,ଶୌଚାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ର ତାଲିକା ପ୍ରସ୍ତୁତ ସହ ଆବଶ୍ୟକତା ଥିବା ୩ କୋଟି ୬୪ ଲକ୍ଷ ଟଙ୍କା ର ଆନୁମାନିକ ଅଟକଳ ସଂଲଗ୍ନ ତାଲିକା ସହ ମୁଖ୍ୟମନ୍ତ୍ରୀ ଙ୍କ ଅନୁମୋଦନ ପାଇଁ ପୌରାଞ୍ଚଳ ବାସି ଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ସରକାର ଙ୍କ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହା ବ୍ୟତୀତ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଶ୍ରୀମତି ସାହୁ ଟିଟିଲାଗଡ ସହରବାସୀ ଙ୍କ ବିଦ୍ୟୁତ୍ ସମସ୍ୟା ଦୂର କରିବା ପାଇଁ ଏକ ନୂତନ ୩୨ କେଭି ର ଗ୍ରିଡ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ଫାଇବ ଟି ସଚିବ ଙ୍କ ଠାରେ ଦାବି କରିଥିଲେ ।ଆୟୋଜିତ ଏହି ସଭାରେ ଟିଟିଲାଗଡ ବିଜେଡି ର ବରିଷ୍ଠ ସଭ୍ୟ ପ୍ରେମ ଜୈନ,ପ୍ରମୋଦ ପ୍ରଧାନ,ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର,ରଣଜିତ୍ ପୃଷ୍ଟି,ସୁଧୀର ମିଶ୍ର,ରୁଟୁ ବାଗ,ଦେବାଶିଷ ସୌର,ସୁକାନ୍ତି ପାଢ଼ୀ,ମମତା ସାହୁ,ଭାଗ୍ୟଶ୍ରୀ ନାଗ,ଧନ ମତି ସାହୁ,ଦିନଦୟାଲ ଶର୍ମା,ଅଚ୍ୟୁତ ରାଣା, କମଲ ଜୈନ,ନନ୍ଦୁ ଜସ୍ୱାଲ, ସୌମ୍ୟ ରଞ୍ଜନ ଭୋଇ, ଅଜୟ ଜୟସ୍ୱଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସିନ୍ଧେକେଲା ପ୍ଲାଂଟେସନ ପରିଦର୍ଶନ କଲେ ସିସିସିଏଫ୍

ବଲାଙ୍ଗିର,୨୦/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ସ୍ଥିତ ଗୀତଘରା ପାହାଡ଼ରେ ପାଖାପାଖି ୬ ମାସ ତଳେ ଲଗାଯାଇଥିବା ନୂଆ ପ୍ଲାଂଟେସନର ପରିଦର୍ଶନ କରିଛନ୍ତି ସିସିସିଏଫ ଶିଶିର କୁମାର ରଥ । ଗିତଘରା ପାହାଡ଼ର ୧୧.୮ ହେକ୍ଟର ଜମିରୁ ୧୦ ହେକ୍ଟର ଜମିରେ ୧୬ ହଜାର ଗଛ ଲଗାଯାଇଛି । ଏଥିରେ ବାଉଁଶ, ପଣସ, କରଞ୍ଜ, କାଜୁ, ଅଁଳା, ନିମ୍ବ, ବାହାଡା, ବଡ ଚାକୁଣ୍ଡା, ଧଳା ସିରିସ, ମୁନ୍ଦେ, କୁରେ , ତେନ୍ତୁଳି, ଆମ୍ବ ଭଳି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି ହେଲେ ଖରା ମାସରେ ତତଲା କଡେଇ ଉପରେ ଥିବା ଭଳି ଅନୁଭବ ହୋଇଥାଏ ଅଂଚଳ ବାସିଙ୍କୁ । କାହିଁକି ନା ଏହି ଅଂଚଳରେ ଥିବା ଟିଟିଲାଗଡ ରାସ୍ତା ଖୁଜେନ ପାହାଡକୁ ଛାଡିଦେଲେ ପ୍ରାୟ ପାହାଡ଼ ଲଣ୍ଡା ଅବସ୍ଥାରେ । ଉନ୍ଦେର ନଦୀରେ ବର୍ଷର ବାର ମାସରୁ କେବଳ ବର୍ଷା ସମୟରେ ପାଣି ରହେ ବାକିଦିନ ସୁଖା ରହୁ ଥିବାରୁ ଏଠାରେ ବିସ୍ତିର୍ଣ୍ଣ ବାଲୁକାରାଶି, ତେଣୁ ଏହାର ପ୍ରଭାବରେ ସାଧାରଣ ଦିନରେ ଏଠାରେ ୩୫ ଡିଗ୍ରୀ ପାର କରିଥାଏ ଗରମ । ଏହାକୁ ନଜରରେ ରଖି ଜୁଲାଇ ମାସରେ ପ୍ଲାଟେଂସନ ସମୟରେ ଅତିଥି ଭାବେ ଯୋଗଦେଇ ଥିବା ସମାଜସେବୀ ଅନିଲ କୁମାର ତ୍ରିପାଠୀ, ସିନ୍ଧେକେଲା ସରପଚଂ ରାଜା ଥନାପତୀ, ଜିଲ୍ଲାପରିଷଦ ସଦସ୍ୟା ଛନ୍ଦାରାଣୀ ନାଏକ ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ବିଭାଗ ଅଧିକାରୀ ମାନଙ୍କୁ ଖରାଦିନେ ପାଣି ବ୍ୟବସ୍ଥା କରିବା କରିବା ପାଇଁ ନିବେଦନ କରିଥିଲେ । ସିସିସିଏଫ ଏହି ନୂଆ ପ୍ଲାଣ୍ଟେସନ ପରିଦର୍ଶନ କରିବା ସହ ଖରାଦିନେ ପାଣିର ଆବଶ୍ୟକତାକୁ ଅନୁଭବ କରି ସେ ଏହା କାର୍ଯ୍ୟକାରି କରିବାକୁ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି । ଏହି ଅବସରରେ ଆରସିସିଏଫ ଅଶ୍ୱିନୀ କୁମାର କର, ଡିଏଫଓ ନିତିଶ କୁମାର, ଏସିଏଫ ରାଜୁ ବେହେରା, ବାବାଜୀ କୁମାର ରାଉଳ, ଅଜିତ କୁମାର ବିଶି, ରେଞ୍ଜର ନୀଳାଦ୍ରି ଭୋଇ, ଫରେଷ୍ଟର ହରିହର ସ୍ୱାଇଁ, ଫରେଷ୍ଟ ଗାର୍ଡ ହିମାଂଶୁ ପଣ୍ଡା, କିର୍ତି ଚନ୍ଦ୍ର ସୁଆର, ସତ୍ୟ ନାରାୟଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପତଞ୍ଜଳୀ ଯୋଗ ସମିତିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଜୟପୁର,୨୦/୧୨ (ନି.ପ୍ର): ସ୍ଥାନୀୟ ରାଜନହର ସ୍ଥିତ ଯୋଗ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାଯ୍ର୍ୟକାରିଣୀର ଏକ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଅମ୍ବିକା ରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟାଳୟ ହରିଦ୍ୱାରରୁ ରାଜ୍ୟ ଗ୍ରସ୍ତରେ ଆସୁଥିବା ବରିଷ୍ଠ ଯୋଗ ଶିକ୍ଷକ ସ୍ୱାମୀ ବିପ୍ର ଦେବଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପରେ ଆସନ୍ତା ୨୭ ତାରିଖ ପ୍ରାତଃ ସାଢେ ୫ଟାରେ ଯୋଗ ଏବଂ ପରେ ପରେ ବିଶ୍ୱ କଲ୍ୟାଣ ଯୋଗ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସେହିଦିନ ହିଁ ସାର ଟ୍ୟୁଟରିଆଲ ଅଧକ୍ଷ ଦୟାନିଧି ବେନିଆଙ୍କ ନେତୃତ୍ୱରେ ଛାତ୍ରମାନଙ୍କୁ ଯୋଗ ଶିକ୍ଷା ଓ ଏହାର ଆବଶ୍ୟକତା ବିଷୟରେ ଏକ କାର୍ଯ୍ୟକ୍ରମରେ ସ୍ୱାମୀଜୀ ନିଜ ବକ୍ତବ୍ୟ ପ୍ରଦାନ କରିବେ । ଆଜିର ଏହି ବୈଠକରେ ଭାରତ ସ୍ୱାଭିମାନ ଅଧକ୍ଷ ହରିହର କରସୁଧା ପଟ୍ଟନାୟକ, ଜିଲ୍ଲା କୃଷକ ପ୍ରଭାରୀ ମଦନ ମୋହନ ନାୟକ, ମହିଳା ପ୍ରଭାରୀ ମଞ୍ଜୁଳା ପାତ୍ର, ରାଜ୍ୟ କାଯ୍ର୍ୟକାରିଣୀ ସଦସ୍ୟ ଜାନକୀ ପାଣିଗ୍ରାହୀ, କୃଷ୍ଣ ମୋହନ ଦୋରା, ମିଡିଆ ପ୍ରଭାରୀ ତରୁଣ ମହାପାତ୍ର, ବିନୋଦିନୀ ଦାସ, ଉଷା ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ରାଜ୍ୟ ଓ କେନ୍ଦ୍ର ଉପରେ ବର୍ଷିଲେ କଂଗ୍ରେସର ରାଜ୍ୟ ପ୍ରଭାରୀ ଚେଲା କୁମାର, ମୋଦି ଓ ନବୀନ ହଟାଓ : ତାରାପ୍ରସାଦ ବାହିନୀପତି

କନ୍ଧମାଳ,୨୦/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ଓ ମିଶ୍ରଣ ପର୍ବ ଫୁଲବାଣୀ କରୋନେସନ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି । ଏହି ମିଶ୍ରଣ ପର୍ବରେ ଓଡିଶା ପ୍ରଭାରି ଡଃ ଚେଲ୍ଲା କୁମାର, ଓଡିଶା ସହାପ୍ରଭାରୀ ରୁଦ୍ର ରାଜୁ, ବିଧାୟକ ତାରାପ୍ରଶାଦ ବହିନୀପତି, ବିଧାୟକ ରମେଶ ଜେନା, ବିଧାୟକ ଦାଶରଥି ଗମାଙ୍ଗ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପୂର୍ବତନ ସାଂସଦ ନକୁଳ ନାୟକ, ଯୁବକଂଗ୍ରେସ ସଭାପତି ବସନ୍ତ ପାଢ଼ୀ, ମିନାକ୍ଷୀ ବାହିନୀପତି, କନ୍ଧମାଳ ଜିଲ୍ଲା ସଭାପତି ଅନାମ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ ଓ ଉକ୍ତ ମିଶ୍ରଣ ପର୍ବରେ ଭାରତୀୟ ପ୍ରଶାସନିକ ସେବାର ଅସର ପ୍ରାପ୍ତ ଅଧିକାରୀ ଅମୀର ଚାନ୍ଦ ନାୟକଙ୍କ ନେତୃତ୍ୱରେ ପୂର୍ବତନ ଓଏସ କରୁଣାକର ପ୍ରଧାନ, ଶରତ ଦିଗାଲ, ଲିଓ ନାୟକ, ଜିରିମୀୟ ପ୍ରଧାନ, ସମୀର ସୁନାମାଝି, ସୁରେଶ ବଳିଆରସିଂଙ୍କ ସମେତ ବହୁ ବିଜେପି ଓ ବିଜେଡି ଦଳର କର୍ମୀ କଂଗ୍ରେସର ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ସାମିଲ ହୋଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଆଙ୍କ ପାଇଁ କଗ୍ରେସ ଆଣିଥିବା ଆଇନ ସମ୍ପର୍କରେ ଉପସ୍ଥିତ ଥିବା କଂଗ୍ରେସ କର୍ମୀଙ୍କୁ ଅବଗତ କରିବା ସହ ୨୧ ବର୍ଷ ବିଜେଡି ଶାସନରେ କୌଣସି ଆଖିଦୃଶିଆ ଉନ୍ନତି ମୂଳକ କାର୍ଯ୍ୟ ହୋଇନଥିବା ଓ କେବଳ ଦୁର୍ନିତୀ ଓ ଭ୍ରଷ୍ଟ । ଚାରବୃଦ୍ଧି ପାଇଥିବା କହି ବର୍ଷୀ ଥିଲେ ଡ.ଏ ଚେଲା କୁମାର । ଜିଲ୍ଲାରେ କଂଗ୍ରେସ ସଂଗଠନକୁ ସୁଦୃଢ କରିବାଲାଗି ସମସ୍ତେ ଏକ ମନ ଏକ ପ୍ରାଣହୋଇ ଉଦ୍ୟମକରିବା ଲାଗି ସେ ପରାମର୍ଶ ଦେଇଥିଲେ ଓଡିଶା ପ୍ରଭାରୀ ସାଂସଦ ଡଃ. ଏ ଚେଲ୍ଲା କୁମାର । କଂଗ୍ରେସ ଶାସନ ସମୟରେ ଏହିସବୁ ଆଇନକୁ ପାଳନ କରାଯାଇ ଥିଲା ବୋଲି ପ୍ରଭାରି କହି ଥିବା ବେଳେ ମୋଦି ଓ ନବୀନ ହଟାଓ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି ବକ୍ତବ୍ୟରେ କହିଥିଲେ । ଆଗାମୀ ଦିନରେ ପୁଣି କଂଗ୍ରେସକୁ ଫେରାଇ ଆଣିବା ପାଇଁ ବିଧାୟକ ରମେଶ ଜେନା ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ କହିଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ କଂଗ୍ରେସ କର୍ମୀ ଯୋଗ ଦେଇ ଥିଲେ । କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ପାରମ୍ପାରିକ ବାଦ୍ୟ ଯନ୍ତ୍ର ଓ ନୃତ୍ୟରେ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରାଯିବା ସହ ସର୍କିଟ ହାଉସରୁ ଏକ ବିଶାଳ ରାଲିରେ ସଭାସ୍ଥଳକୁ ନିଆ ଯାଇ ଥିଲା ।

## ୬୮ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୨୦/୧୨ (ନି.ପ୍ର): ଦ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ବୋଲଗଡ ବ୍ଲକ୍ ଅନ୍ତର୍ଗତ ମାଣୀବନ୍ଧ ଗ୍ରାମ ପଂଚାୟତ ଓ ଗଡମଣିତିରି ଠାରେ ଅନଷ୍ଠିତ ହୋଇଯାଇଛି । ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦଘାଟନ କରିଥିଲ । ସେଂଟ୍ରାଲ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଅଛି । ବହୁ ମହିଳା ଓ ଛାତ୍ରୀ ଏହି ରକ୍ତଦାନ ଶିବିରରେ ରକ୍ତଦାନ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜୟ ମା' ଦୁର୍ଗା ଟ୍ୟାକ୍ସି ଚାଳକ ସଂଘର କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି,୨୦/୧୨ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ଜୟ ମା ଦୁର୍ଗା ଟାକ୍ସି ଚାଳକ ସଙ୍ଘ ତରଫରୁ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଗାମୀ ଦିନରେ ସଙ୍ଘର ନିର୍ବାଚନ , କାର୍ଯ୍ୟ ଗୃହ ଓ ସଙ୍ଘ କିପରି ସୁପରିଚାଳନା ହେବ ସେ ନେଇ ଆଲୋକ ପାତ କରାଯାଇଥିଲା । ଏହି ବୈଠକ ମାଲକାନଗିରି ର ପୁରୁଣା ମେଡ଼ିକାଲ ଛକ ରେ ଆୟୋଜନ କରାଯାଇଥିଲା ଏଥି ରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ମାନସ ମାଡ଼କାମୀ , ବିଜୁ ଯୁବ ଜନତା ଦଳର ସଭାପତି ଆଡ଼ମା ରାବା , ବରିଷ୍ଠ ଆଇନଜୀବି ଲମ୍ବୋଦର ତୁରୁକ୍ , ଟ୍ୟାକ୍ସି ଚାଳକ ସଂଘ ସଂପାଦକ ଶିବୁ ପ୍ରସାଦ କିର୍ତାନୀୟା , ପୂର୍ବତନ ମାଲକାନଗିରି ବ୍ଲକ ସଭାପତି ସର୍ବେଶ୍ୱର ବିଷୋୟୀ , ମାଲକାନଗିରି ପୌରପରିଷଦ ଯୁବ ସଭାପତି ରାଜିବ ଲୋଚନ ସୀସା , ଟ୍ୟାକ୍ସି ସଂଘ ଉପଦେଷ୍ଟା ସଞ୍ଜୀବ କୁମାର ବାଲା , ସୁରେନ୍ଦ୍ର ପଟ୍ଟନାୟକ , ଦିନେଶ୍ ଶଗରିଆ , କୋଷାଧକ୍ଷ ସୁଶିଲ ଖୋସ୍ଲା , ରାଜୁ ହିଆଲ , ରାମ କୁମାର , ଡମ୍ବରୁ ମାଝୀ , ଗୁରୁ କବାସି , ଓ ଚାଳକ ସଂଘର ବହୁ ସଭ୍ୟ ଯୋଗ ଦେଇଥିଲେ ।

# ପାଣି ପମ୍ପ ମୋଟର ଚୋରି

ଜୟପୁର ,୨୦/୧୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ଅଞ୍ଚଳରେ ପାଣି ପମ୍ପ ମୋଟର ଚୋରି ହୋଇଛି । ଗୋଟିଏ ରାତ୍ର ରେ ୩ଟି ଜମିରୁ ପାଣି ପମ୍ପର ମଟର ଚୋରି ହୋଇଛି । ବିଦ୍ୟୁତ ଚାଳିତ ପାଣି ପମ୍ପ ମୋଟର ଚୋରି ହୋଇଛି । ଉମୁରି ଗ୍ରାମର ଜଗନ୍ନାଥ ପୁଜାରୀ, ନିଳ ମାଝୀ ଓ ଅର୍ଜୁନ ମାଝୀ ଙ୍କ ମୋଟର ଚୋରି ହୋଇଛି । ଉମୁରି ଗ୍ରାମ ନିକଟରେ ନଦୀ କୁଳରେ ସଂଯୋଗ କରାଯାଇଥିବା ବିଦ୍ୟୁତ ଚାଳିତ ପାଣି ପମ୍ପ ମୋଟର ଗତ ବିଳମ୍ବିତ ରାତ୍ର କେହି ଦବୃତ ପାଣି ପମ୍ପ ମୋଟରକୁ ତାଡି ଚୋରି କରି ନେଇଛନ୍ତି । ଆଜି ସକାଳୁ ଚାଷି ମାନେ ନିଜ ଜମିକୁ ଆସି ଦେଖିବା ବେଳେ ମୋଟର ନଥିବା ଦେଖିବାକୁ ପାଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ମୋଟର ଉପରେ ଚାଷି ନିର୍ଭର କରୁଥିବା ବେଳେ ମୋଟରକୁ ପୋଲିସ ତୁରନ୍ତ ତଦନ୍ତ କରି ଜବତ କଲେ ଚାଷି ଉପକୃତ ହେବେ ବୋଲି ଲିଖିତ ଅଭିଯୋଗ କରିଛନ୍ତି ।

# ଗଜପତି ଜିଲ୍ଲାପାଳଙ୍କ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଅନୁଧ୍ୟାନ ଓ ବିସ୍ଥାପିତଙ୍କ ସହ ଆଲୋଚନା

ଆର.ଉଦୟଗିରି,୨୦/୧୨ (ନି.ପ୍ର): ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଆଜି ଦିନିକିଆ ଆର. ଉଦୟଗିରି ବ୍ଲକ ଗସ୍ତରେ ଆସି ବ୍ଲକ ଅନୁଦାନରେ ନିର୍ମିତ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ କରିଥିବା ବେଳେ ଆଜି ଜିଲାପାଳ ଶ୍ରୀ ପଣ୍ଡା ସ୍ଥାନୀୟ ଅଂଚଳର ଉନ୍ନତି ସହ ବିକାଶ ଦିଗରେ କାର୍ଯ୍ୟ ଚାଲୁଥିବା ଛେଳିଗଡ଼ ଜଳସେଚନ ପ୍ରକଳ୍ପ ମଧ୍ୟ ତଦାରଖ କରି ବିଭାଗୀୟ ଅଧିକାରୀ ଏବଂ ଅଂଚଳବାସୀଙ୍କ ସମେତ ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ । ଜିଲାପାଳ ଏହି ଗସ୍ତ ଅବସରରେ ପ୍ରକଳ୍ପ ମଧ୍ୟରେ ବିସ୍ଥାପିତ କଲୋନୀ ମଧ୍ୟରେ ବିଦ୍ୟାଧରପୁର ଠାରେ ଯାଇ ଲୋକଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ସେଠାରେ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା, ଜମି ଅଧିଗ୍ରହଣ ଅଧିକାରୀ ରାଜେନ୍ଦ୍ର ରଣଜିତ, ଯନ୍ତ୍ରୀ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିସ୍ଥାପିତଙ୍କ ନିମନ୍ତେ ପ୍ରକଳ୍ପ ମଧ୍ୟରେ ପକ୍କା ରାସ୍ତା, ସଂଯୋଗୀକରଣ ରାସ୍ତା ଓ ଡ୍ରେନ, ଗୋଷ୍ଠି କେନ୍ଦ୍ର ଓ ଚର୍ଚ୍ଚର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଜିଲ୍ଲାପାଳ । ଜିଲାପାଳ ଶ୍ରୀ ପଣ୍ଡା ଅଂଚଳ ବାସୀ ଏବଂ ବିସ୍ଥାପିତଙ୍କ ଜୀବନ ଜୀବକାର ମାନଦଣ୍ଡ ବୃଦ୍ଧି ନିମନ୍ତେ ଅଧିକାରୀଙ୍କୁ ଯୋଜନା ପ୍ରସ୍ତୁତ ସହ ଲୋକଙ୍କ ଆମ୍ବ, କମଳା, ସପୁରୀ ସହ ଲାଭ ଦାୟକ ଫସଲ କରି ବ୍ୟବସାୟ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳ ବିସ୍ଥାପିତଙ୍କୁ ଯଥାଶୀଘ୍ର ଗୃହ ନିର୍ମାଣ ପାଇଁ କହିବା ବେଳେ ବିସ୍ଥାପିତ ବ୍ୟକ୍ତି ଖ୍ରୀଷ୍ଟ ମାସ ପରେ ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ଜିଲାପାଳଙ୍କୁ କହିଥିଲେ । ଜିଲାପାଳ ଲୋକଙ୍କ ସହ ଆଲୋଚନା କରିବା ସହ ପ୍ରକଳ୍ପ କାର୍ଯ୍ୟକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ ।

# ଡୋକ୍ରି ଚଞ୍ଚରା




ଦିଲ୍ଲୀପ କୁମାର ସାହୁ


ଚତୁର୍ପାର୍ଶ୍ୱରେ ଘନ ବଣଜଙ୍ଗଲ ପରିପୂର୍ଣ୍ଣ ପର୍ବତମାଳା, ମଧ୍ୟଭାଗରେ ବିଶାଳ ପଥର ଚଟାଣ । ସ୍ଥାନୀୟ ଭଷାରେ ଚଟାଣକୁ କୁହାଯାଏ ଚଞ୍ଚରା । ସ୍ଥାନର ଇଷ୍ଟଦେବୀ ହେଉଛନ୍ତି ଡୋକ୍ରି ଠାକୁରାଣୀ । ତେଣୁ ସ୍ଥାନଟି ଡୋକ୍ରି ଚଞ୍ଚରା ଭାବରେ ଖ୍ୟାତ । କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକରେ ଅବସ୍ଥିତ ଡୋକ୍ରିଚଞ୍ଚରା, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏକ ଅନନ୍ୟ ପର୍ଯ୍ୟଟନ ସ୍ଥଳୀ । ଏଠାରେ ଥିବା ଏକକିଲୋମିଟର ପରିବ୍ୟାପ୍ତ ପଥର ଚଟାଣର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ରହିଛି ଦୁଇଗୋଟି ବଡ ଓ ଗୋଟିଏ ଛୋଟ ଜଳପ୍ରପାତ । ଭଏଁରା ଘୁମର ବା ଭୈରବ ଦର, ସାନ ଘୁମର ଏବଂ ଡୋକ୍ରି ଦର । କୋରାପାଣି ନାମକ ଏକ ପାହାଡି ଝରଣା ଶିଳାସନ୍ଧିରେ ଡେଇଁଡେଇଁ



ସୃଷ୍ଟିକରିଛି ଏହିସବୁ ଜଳପ୍ରପାତ । ଜଳପ୍ରପାତ ଗୁଡିକ ଡୋକ୍ରିଚଞ୍ଚରାର ବଡ ଆକର୍ଷଣ । ଯାହାକୁ ଦେଖିବା ନିମନ୍ତେ ବର୍ଷାଋତୁ ବ୍ୟତୀତ ବର୍ଷର ଅନ୍ୟ ସବୁ ସମୟରେ ପର୍ଯ୍ୟଟକ ମାନେ ଧାଇଁ ଆସିଥାନ୍ତି ଡୋକ୍ରିଚଞ୍ଚରା ।

କଳାହାଣ୍ଡିର ସଦର ମହକୁମା ଭବାନୀପାଟଣା ଠାରୁ ୨୬ ନଂ ଜାତୀୟ ରାଜପଥରେ ୬୦ କିଲୋମିଟର ରାସ୍ତା ଅତିକ୍ରମ କଲେ ପଡେ କୋକସରା । କୋକସରା ଠାରୁ ଡୋକ୍ରିଚଞ୍ଚରାର ଦୂରତା ପ୍ରାୟ ୨୫ କିଲୋମିଟର । ସେଥିମଧ୍ୟରୁ ୧୦ କିଲୋମିଟର ଗ୍ରମୀଣ ରାସ୍ତା ହୋଇଥିବା ବେଳେ ବାକି ୧୫ କିଲୋମିଟର ଜଙ୍ଗଲ ରାସ୍ତା ।

ଡୋକ୍ରିଚଞ୍ଚରାରେ ପରମପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କର ମନ୍ଦିରଟିଏ ରହିଛି । ମଧୁର ଜଳ ପ୍ରବାହିତ ହେଉଥିବା ଝରଣାକୂଳରେ ଶ୍ରୀରାମରୂପି ମାଧବଙ୍କର ମନ୍ଦିରଟି ରହିଥିବାରୁ ସ୍ଥାନକୁ ମଧୁମାଧବ କ୍ଷେତ୍ର ମଧ କୁହାଯାଏ । ଶ୍ରୀରାମ ମନ୍ଦିର ସମ୍ମୁଖରେ ଏକ ବୃକ୍ଷ ମୂଳେ ପୂଜାପାଆନ୍ତି ସ୍ଥାନର ଆରାଧ ଦେବୀ ମା ଡୋକ୍ରି ଠାକୁରାଣୀ, ଯାହାଙ୍କ ନାମରେ ସ୍ଥାନଟି ଡୋକ୍ରିଚଞ୍ଚରା ଭାବରେ ଖ୍ୟାତ । ଶ୍ରୀରାମ ମନ୍ଦିରର ପଶ୍ଚତ୍ ଭାଗରେ ରହିଛି ସ୍ଥାନର ଅନ୍ୟତମ ଆକର୍ଷଣ ଚଞ୍ଚରା ବା ପଥର ଚଟାଣ । ଚଟାଣର ଉଭୟ ପାର୍ଶ୍ୱରେ କୂଳୁକୂଳୁ ନାଦରେ ବହିଯାଉଛି ଚିରସ୍ରୋତା କୋରାପାଣି ନାଳା ବା ଝରଣା । ଚଞ୍ଚରାର ପଶ୍ଚମ ପାର୍ଶ୍ୱରେ ଥିବା ପର୍ବତଟି, ପଥର ଉପରେ ପଥର ଖଞ୍ଜା ହୋଇଥିବା ଏକ ପ୍ରାଚୀର ସଦୃଶ ମନେହୋଇଥାଏ । ଏହି ଅଦ୍ଭୁତ ଭୂମିରୂପ ସୃଷ୍ଟିର ରହସ୍ୟ ସମ୍ପର୍କରେ ଭୂତତ୍ତ୍ୱବିତ୍ ମାନେ ଭିନ୍ନଭିନ୍ନ ମତ ପୋଷଣ କରିଥାନ୍ତି । କିଏ ଏହାର କାରଣ ଭୂସ୍ଖଳନ କହୁଥିବାବେଳେ ଆଉକିଏ ଏହା ଆଗ୍ନେୟ ଉଦ୍ଗୀରଣ ଯୋଗୁ ସୃଷ୍ଟି ହୋଇଥିବା କଥା ସୂଚୀତ କରିଥାନ୍ତି । ଏକ କିଲୋମିଟର ବ୍ୟାପୀ ଏହି ପଥର ଚଟାଣରେ ପର୍ଯ୍ୟଟକମାନେ ବୁଲିବୁଲି ଖୁବ୍ ଆନନ୍ଦ ଉପଭୋଗ କରିଥାନ୍ତି ।



ଫଟୋ ଉଠାଇବା ସହିତ ଝରଣା ପାଣିରେ ଖେଳିବାରେ ମସଗୁଲ ହୋଇଯାନ୍ତି ଯୁବକ ଯୁବତୀ ମାନେ ।

ଡୋକ୍ରିଚଞ୍ଚରାର ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଗାଡିମଟର ଯିବାର ସୁବିଧା ରହିଛି । ତେଣୁ ଏଠାରେ ଥିବା ପ୍ରପାତ ଦ୍ୱୟ ନିକଟରେ ପହଞ୍ଚିବା ପାଇଁ ପର୍ଯ୍ୟଟକ ମାନଙ୍କୁ ଚାଲିଚାଲି ଯିବାକୁ ପଡିଥାଏ । ଡୋକ୍ରିଚଞ୍ଚରାର ଦକ୍ଷିଣରେ ଥିବା ଭୈରବ ଦରର ଦୂରତା ଶ୍ରୀରାମ ମନ୍ଦିର ନିକଟରୁ ପ୍ରାୟ ତିନି କିଲୋମିଟର । ଅଙ୍କାବଙ୍କା ପାହାଡି ରସ୍ତା ଅତିକ୍ରମ କରି ପର୍ଯ୍ୟଟକ ମାନେ ସେଠାରେ ପହଞ୍ଚିଥାନ୍ତି । ପଥ ମଧ୍ୟରେ କୋରାପାଣି ନାଳାକୁ ଅତିକ୍ରମ କରିବା ପାଇଁ ବାଉଁଶର ପୋଲମାନ କରାଯାଇଥାଏ, ଫଳରେ ପର୍ଯ୍ୟଟକମାନେ ସହଜରେ ଭୈରବଦର ନିକଟରେ ପହଞ୍ଚିଥାନ୍ତି ।

କୋରାପାଣି ନାଳର ଜଳ ପ୍ରାୟ ଦୁଇଶହ ପଚାଶମିଟର ଉଚ୍ଚରୁ ଲମ୍ଫ ପ୍ରଦାନ କରି ସୃଷ୍ଟି କରିଛି ଭୈରବଦର ଜଳପ୍ରପାତ । ସେହି ଜଳରେ ଗାଧୋଇବାର ମଜାଉଠାଇଥାନ୍ତି ଏଠାକୁ ଆସୁଥିବା ପର୍ଯ୍ୟଟକମାନେ । ବିପଦର ଆଶଙ୍କା ନଥିବାରୁ ଯୁବକ ଯୁବତୀ ଓ ଶିଶୁମାନେ ଏଠାରେ ନିର୍ଭୟରେ ସ୍ନାନ କରିଥାନ୍ତି । ଭୈରବ ଦରରେ ପାହାଡର କାନ୍ଥକୁ ଆଉଜି ପ୍ରପାତ ଜଳରେ ସ୍ନାନ କରିବାର ଅନୁଭୂତି ନିଆରା । ମୂଷଳ ଧାରାରେ ବର୍ଷୁଥିବା ବର୍ଷାପାଣିରେ ଭିଜିଲା ପରି ମନେହୋଇଥାଏ ଏଠାରେ । ଏଠି ବୟସ ବି ବୋଲ ମାନେନାହିଁ । ବୁଲିଆସୁଥିବା ବୟସ୍କ ମାନେ ମଧ ପ୍ରପାତ ପାଣିରେ ଗାଧୋଇବା ପାଇଁ ଆଗେଇ ଆସିଥାନ୍ତି । କୋରାପାଣି ଝରଣାର ଜଳ ଭୈରବଦର ଜଳପ୍ରପାତ ସୃଷ୍ଟି କରିବାପରେ ଡୋକ୍ରିଚଞ୍ଚରା ଦିଗରେ ନିମ୍ନଗାମୀ ହୋଇଛି ଓ ପଥ ମଧ୍ୟରେ ସୃଷ୍ଟି ହୋଇଛି ଆଉ ଏକ ଛୋଟ ପ୍ରପାତ, ଯାହାର ନାମ ସାନ ଘୁମର । କୋରାପାଣି ଝରଣାଟି ଯେଉଁ ପଥରେ ବହିଯାଉଛି, ସେହି ପଥର ଉଭୟ ପାର୍ଶ୍ୱରେ ରହିଛି ଅନେକ ଗୁଡିଏ ଛୋଟବଡ ଗୁମ୍ଫା । ସ୍ଥାନେସ୍ଥାନେ ବିରାଟକାୟ ପ୍ରସ୍ଥରମାନ ଝରଣା ଆଡକୁ ଝୁଙ୍କିଆସି ସୃଷ୍ଟି କରିଥାନ୍ତି ଅପୂର୍ବ ଭୂମିରୂପ । ପର୍ଯ୍ୟଟକମାନେ ବୁଲିବୁଲି ପ୍ରକୃତିର ଏହି ଚିତ୍ତାକର୍ଷକ ଦୃଶ୍ୟକୁ ମନଭରି ଉପଭୋଗ କରିଥାନ୍ତି ।

ସ୍ଥାନୀୟ ଲୋକଙ୍କ ମତରେ ଡୋକ୍ରିଚଞ୍ଚରା ଏକ ପବିତ୍ର କ୍ଷେତ୍ର, ତେଣୁ ଏଠାରେ ପ୍ରବାହିତ ଝରଣାର କୂଳେକୂଳେ ପୂଜା ଅର୍ଚ୍ଚନାର ବ୍ୟବସ୍ଥା ରହିଛି । ରାସ୍ତା ଖୁବ୍ ବନ୍ଧୁର ଓ ବିପଦପୂର୍ଣ୍ଣ ହୋଇଥିଲେ ମଧ ଶ୍ରଦ୍ଧାଳୁମାନେ ସପରିବାରେ ଏହି ପୂଜାରେ ଭାଗ ନେଇଥାନ୍ତି ।

ଡୋକ୍ରିଚଞ୍ଚରାର ଉତ୍ତର ଦିଗରେ ଅବସ୍ଥିତ ଡୋକ୍ରିଦର ଜଳପ୍ରପାତ । ପ୍ରପାତ ନିକଟରେ ପହଞ୍ଚିବା ପାଇଁ ପ୍ରାୟ ଏକ କିଲୋମିଟର ତଳକୁ ଓହ୍ଲାଇବାକୁ ପଡିଥାଏ । କୋରାପାଣି ନାଳା ଡୋକ୍ରିଚଞ୍ଚରା ଉପରୁ ପ୍ରାୟ ପଚସ୍ତରୀ ଫୁଟ ତଳକୁ ଲମ୍ଫଦେଇ ସୃଷ୍ଟି କରିଛି ଏହି ପ୍ରପାତ । ପ୍ରପାତଟିର ଦୃଶ୍ୟ ମଧ ଖୁବ୍ ଚିତ୍ତାକର୍ଷକ । ଡୋକ୍ରିଚଞ୍ଚରାର ଅନ୍ୟ ଏକ ଆକର୍ଷଣ ଗୁଡହାଣ୍ଡି ପ୍ରାଗ୍ ଐତିହାସିକ ଗୁମ୍ଫା । ଚଞ୍ଚରାର ଦକ୍ଷିଣ ପୂର୍ବରେ ଥିବା ପର୍ବତରେ ଗୁମ୍ଫାଟି ଅବସ୍ଥିତ । ଗୁମ୍ଫାନିକଟକୁ ଯିବାପାଇଁ ରାସ୍ତାଘାଟ ନାହିଁ । ଅଙ୍କାବଙ୍କା ଜଙ୍ଗଲି ରାସ୍ତା ଦେଇ ସେଠାରେ ପହଞ୍ଚିବାକୁ ହୋଇଥାଏ ।

୧୯୭୨ ମସିହା ଯାଏଁ ଡୋକ୍ରିଚଞ୍ଚରା ଥିଲା ଏକ ଅନାବିଷ୍କୃତ ଅଞ୍ଚଳ । ସେହିବର୍ଷ ରାମ ମନ୍ଦିରଟିଏ ପ୍ରତିଷ୍ଠା କରାଯାଇ ସେଠାରେ ରାମନବମୀ ଉତ୍ସବ ପାଳନ ଆରମ୍ଭହେଲା । କୋକସରାର କିଛି ଉତ୍ସାହୀ ଯୁବକ ମାନଙ୍କ ଉଦ୍ୟମ ଫଳରେ ୨୦୦୭ ମସିହାରୁ ଡୋକ୍ରିଚଞ୍ଚରାକୁ ପର୍ଯ୍ୟଟକ ମାନଙ୍କର ଯିବାଆସିବା ବୃଦ୍ଧିପାଇଲା । ଦଶହରା ପରଠାରୁ ବର୍ଷାଋତୁ ଆରମ୍ଭ ଯାଏଁ ପ୍ରାୟ ପ୍ରତିଦିନ ବଣଭୋଜି ନିମନ୍ତେ ଲୋକମାନେ ଏଠାକୁ ଆସିଥାନ୍ତି । ରାମନବମୀ ଅବସରରେ ଏଠାରେ ଏକ ବଡଉତ୍ସବର ଆୟୋଜନ କରାଯାଏ । ରାମନବମୀ ଠାରୁ ଚୈତ୍ର ପୂର୍ଣ୍ଣିମା ଯାଏଁ ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟହ ମର୍ଯ୍ୟାଦ୍ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ବିଶେଷ ପୂଜାର ଆୟୋଜନ କରାଯାଇଥାଏ । ଏଠାରେ ପ୍ରତିଷ୍ଠିତ ରାମଭକ୍ତ ହନୁମାନଙ୍କର ମୂର୍ତ୍ତୀ ନିକଟରେମଧ ଶ୍ରଦ୍ଧାଳୁମାନେ ଭକ୍ତିନୈବେଦ୍ୟ ଅର୍ପଣ କରିଥାନ୍ତି । ପ୍ରତ୍ୟହ ରାମଚରିତମାନସ ପାରାୟଣର ଆୟୋଜନ କରାଯାଇଥାଏ । ରାମନବମୀ ଉତ୍ସବ ଅବସରରେ ଏଠାରେ ଏକ ଛୋଟ ବଜାର ବସେ ଓ ଭଲ କିଣାବାକା ହୋଇଥାଏ ।

ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଠାରେ ଏକ ନଳକୂପ ବସାଯାଇ ସେଥିରେ ସୌର ଶକ୍ତିଚାଳିତ ପାଣିପମ୍ପ ଖଞ୍ଜିଦିଆଯାଇଛି, ଫଳରେ ଶ୍ରଦ୍ଧାଳୁମାନେ ସହଜରେ ବିଶୁଦ୍ଧ ପାନୀୟଜଳ ପାଇପାରୁଛନ୍ତି । ବିଶାଳକାୟ ଜଳପ୍ରପାତ, ମାଇଲ୍ ମାଇଲ୍ ବ୍ୟାପ୍ତ ପଥରଚଟାଣ, ବଣଜଙ୍ଗଲଭରା ପର୍ବତମାଳା, ଗୁଡହାଣ୍ଡି ପ୍ରାଗ୍ ଐତିହାସିକ ଗୁମ୍ଫା, ଡୋକ୍ରିଠାକୁରାଣୀ ଏବଂ ଶ୍ରୀରାମ ମନ୍ଦିର ଯୋଗୁଁ ଡୋକ୍ରି ଚଞ୍ଚରା କେବଳ ପ୍ରକୃତିପ୍ରେମୀ ପର୍ଯ୍ୟଟକ ନୁହନ୍ତି, ଧର୍ମୀୟ ଧାରଣାରେ ଉଦ୍ବୁଦ୍ଧ ଇଶ୍ୱର ପ୍ରେମୀମାନଙ୍କ ପାଇଁ ଏକ ଆକର୍ଷଣୀୟ କ୍ଷେତ୍ର । ତେଣୁ ସ୍ଥାନର ପାରିପାର୍ଶ୍ୱିକ ବିକାଶ ଓ ରାସ୍ତା ଘାଟର ସୁବିଧା କରାଗଲେ ଡୋକ୍ରିଚଞ୍ଚରା ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିପାରନ୍ତା ।


ଶଙ୍କରପୁର

ଚାରବାଟିଆ, କଟକ


# ସ୍ୱାସ୍ଥ୍ୟର ଶତ୍ରୁ-ମୃଦୁ ପାନୀୟ

ମୃଦୁ ପାନୀୟର ମୁଖ୍ୟ ଉପାଦାନ ମଧ୍ୟରୁ କୃତ୍ରିମ ରଙ୍ଗ, କାଫିନ୍, ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ସଂରକ୍ଷଣ ଉଦ୍ଦେଶ୍ୟରେ ବ୍ୟବହୃତ ବେଞ୍ଜୋଇକ୍ ଏସିଡ୍, ସୁଗାର, ଅଙ୍ଗାରକାମ୍ଳ, ସାକାରିନ ଓ ସୁକ୍ରୋଲୋଜ ଭଳି କୃତ୍ରିମ ମିଠା; ଫସଫରିକ ଏସିଡ୍, ମାଲିକ ଏସିଡ୍ ଅନ୍ୟତମ । ଏଥିରେ କୌଣସି ଖାଦ୍ୟ ମୂଲ୍ୟ ନ ଥାଏ; ବରଂ, ଏହି ସବୁ ଉପାଦାନ ସ୍ୱସ୍ଥ୍ୟ ଉପରେ ଗୁରୁତର ନକାରାତ୍ମକ ପ୍ରଭାବ ପକାନ୍ତି । ଅତ୍ୟଧିକ ମୃଦୁ ପାନୀୟ ଅମ୍ଳ ଓ ଛଣଡ଼ି ଜ୍ୱଳନ ସମସ୍ୟା ସୃଷ୍ଟି କରେ । ମୃଦୁ ପାନୀୟକୁ ସୁବାସିତ କରିବା ଉଦ୍ଦେଶ୍ୟରେ ସେଥିରେ ବ୍ୟବହୃତ କାଫିନ୍, ମୂତ୍ରଥଳି ଓ ପାକସ୍ଥଳୀ କର୍କଟ ଆଶଙ୍କା ବଢ଼ାଏ । ଅଧିକ ମୃଦୁ ପାନୀୟକାରୀଙ୍କ ଠାରୁ ଜନ୍ମିତ ଶିଶୁ ଅଙ୍ଗ ବିକୃତି ସମସ୍ୟାରେ ପଡ଼ିପାରନ୍ତି । ଓଜନ ବୃଦ୍ଧି ଓ ପୃଥୁଳତାର ଏହା ଏକ କାରଣ । ସାକାରିନ୍ ଚିନି ଠାରୁ ବହୁ ଅଧିକ ଗୁଣରେ ମିଠା ଏବଂ ଏହା ଅଧାକପାଳି, ମୁଣ୍ଡବ୍ୟଥା, ସ୍ମୃତିହୀନତା, ଭାବପ୍ରବଣତା, ଦୃଷ୍ଟି ଦୋଷ, ଦନ୍ତରୋଗ, ଶ୍ୱାସ କଷ୍ଟ ଓ ରକ୍ତଚାପ ସୃଷ୍ଟି କରେ । ଯକୃତର ସ୍ୱସ୍ଥ୍ୟକୁ ମୃଦୁ ପାନୀୟ ବିଗାଡ଼ି ଦିଏ । ଏଥିରେ ଥିବା ସୁକ୍ରୋଲୋଜ ଫ୍ୟାଟି ଲିଭର ସମସ୍ୟା ସୃଷ୍ଟି କରେ । କ୍ରମେ ତାହା ଯକୃତ ସିରୋଦିଏ । ଏହା ଦ୍ୱାରା ବୃକ୍କ ପଥର ହୋଇପାରେ । ସୁତରାଂ, ମୃଦୁ ପାନୀୟ ଠାରୁ ଯଥାସମ୍ଭବ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ନିରାପଦ । ପଇଡ଼ ପାଣି, ଦହି ସରବତ, ଲେମ୍ବୁ ପାଣି, ଫଳରସ ଆଦି ନିରାପଦ ପାନୀୟ ।




# ଭେଜ କଟଲେଟ୍

ପାଳଙ୍ଗ ଶାଗରେ ପ୍ରଚୁର ଭିଟାମିନ ରହିଛି । ହେଲେ, ଶାଗ ନାଁ ଶୁଣିଲେ ପିଲାମାନେ ସାଧାରଣତଃ ଖାଇବାକୁ ପସନ୍ଦ କରନ୍ତି ନାହି । ସେମାନଙ୍କ ପାଇଁ ଏହି ଖାଦ୍ୟଟି ପ୍ରସ୍ତୁତ କରିପାରନ୍ତି ।

*ଆବଶ୍ୟକ ସାମଗ୍ରୀ*

୬ଟି ବଡ ଟମାଟୋ, ଗୋଟିଏ କପ୍ ବୁଟ ଡାଲି, ୨ଚାମଚ କିସମିସ, ୫ବିଡ଼ା ପାଳଙ୍ଗ ଶାଗ, ୧ଚାମଚ ତେନ୍ତୁଳି ମଣ୍ଡ, ୩ଟି ଗାଜର (ଛୋଟଛୋଟ କଟା ହୋଇଥିବ), ଦେଢ଼ ଚାମଚ ଗରମ ମସଲା , ୩ଟି ପିଆଜ (କଟା ହୋଇଥିବ), ଦେଢ଼ ଚାମଚ ଲେଖାଏ ଜିରା ଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ।




*ପ୍ରସ୍ତୁତି:*

ପ୍ରଥମେ ବୁଟ ଡାଲିକୁ ୬ଘଣ୍ଟା ପାଣିରେ ବତୁରାଇ ରଖନ୍ତୁ । ଟମାଟୋକୁ ଅଳ୍ପ ପାଣି ଦେଇ ଶିଝାନ୍ତୁ ଏବଂ ଅନ୍ୟ ଏକ ପାତ୍ରରେ ପାଳଙ୍ଗ ଶାଗ ଶିଝାନ୍ତୁ । ଆଞ୍ଚ କମ କରି ଏହାକୁ ଶିଝିବା ପର୍ଯ୍ୟନ୍ତ ରାନ୍ଧିବେ । ଶିଝିଯିବା ପରେ ଉଭୟ ଟମାଟୋ ଏବଂ ପାଳଙ୍ଗ ଶାଗରୁ ପାଣି କାଢ଼ିଦେବେ । ବତୁରା ଯାଇଥିବା ବୁଟଡାଲି ପାଳଙ୍ଗ ଶାଗରେ ମିଶାଇ ପାଣି ନଦେଇ ଗ୍ରାଇଣ୍ଡରରେ ଭଲଭାବେ ବାଟି ଦିଅନ୍ତୁ । କଡ଼େଇରେ ତେଲ ଦେଇ କଟା ପିଆଜ ଦିଅନ୍ତୁ । କିଛି ସମୟ ଭାଜିବା ପରେ ଶିଝା ଟମାଟୋ, ଗରମ ମସଲା, ଲଙ୍କାଗୁଣ୍ଡ ଏବଂ ଲୁଣ ଦେଇ ଏହାକୁ ଭଲଭାବେ କଷିଦେବେ । ଏବେ ଏହି ମିଶ୍ରଣକୁ କଟଲେଟ ଆକାରରେ ତେଲ ଦେଇ ଫ୍ରାଏ କରନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜ କଟଲେଯ । ଏହାକୁ ଧନିଆ କିମ୍ବା ପୋଦିନା ଚଟଣି ସହିତ ପରଷି ଦିଅନ୍ତୁ ।

# ଡାଳିମ୍ବ ଚୋପାରେ ରହିଛି ଏସବୁ ଗୁଣ: ଯାହା ତ୍ୱଚାର ଚମକ ବୃଦ୍ଧିରେ ସାହାଯ୍ୟ କରେ

ଡାଳିମ୍ବ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ବୋଲି କୁହାଯାଏ । କିନ୍ତୁ ଆପଣ ଜାଣନ୍ତି କି ଡାଳିମ୍ବ ଚୋପାରେ ମଧ ଅନେକ ଉପକାରି ଗୁଣ ଭରି ରହିଛି । ଆସନ୍ତୁ ଜାଣିବା ଡାଳିମ୍ବ ଚୋପା ଦ୍ୱାରା କ'ଣ ଉପକାର ମିଳିଥାଏ । ଡାଳିମ୍ବ ଚୋପାରେ ସନ-ବ୍ଲକିଂ ଉପାଦାନ ରହିଥାଏ । ଏହା ଆପଣଙ୍କ ଚର୍ମକୁ କ୍ଷତିକାରକ ୟୁଭିଏ କିରଣରୁ ରକ୍ଷା କରିଥାଏ । ଏହାଦ୍ୱାରା ଚର୍ମ କର୍କଟ ହେବାର ଆଶଙ୍କା କମ ରହିଥାଏ । ଡାଳିମ୍ବ ଚୋପା ବ୍ୟବହାର ସନଟ୍ୟାନ ମଧ ଦୂର କରିଥାଏ । ଏଥିପାଇଁ ଖରାରେ ଡାଳିମ୍ବ ଚୋପାକୁ ଶୁଖାଇ ତାହାକୁ ପାଉଡର କରି ରଖନ୍ତୁ । ଏହି ପାଉଡରକୁ ଆପଣ ଲୋସନ କିମ୍ବା



କ୍ରିମ୍ ସହିତ ମିଶାନ୍ତୁ ଏବଂ ଘରୁ ବାହାରିବାର ୨୦ ମିନିଟ୍ ପୂର୍ବରୁ ଲଗାନ୍ତୁ । ଡାଳିମ୍ବ ଚୋପା ଆପଣଙ୍କ ଚର୍ମରେ କୋଲେଜନକୁ ନଷ୍ଟ ହେବାରୁ ରୋକିଥାଏ ଏବଂ କୋଷକୁ ବୃଦ୍ଧି କରିଥାଏ ।

# ଦେହ ସାରା ଯନ୍ତ୍ରଣା




ଦେହ ସାରା ଯନ୍ତ୍ରଣା ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଫାଇବ୍ରୋମିଆଲଜିଆ । ଫାଇବ୍ରୋମିଆଲଜିଆ ସିଣ୍ଡ୍ରୋମ (ଏଫଏମଏସ) ଯାହା ସାରା ଶରୀରକୁ ଯନ୍ତ୍ରଣା ଜର୍ଜରିତ କରିଥାଏ । ଏହି ରୋଗୀଙ୍କଠାରେ ଯନ୍ତ୍ରଣା ବଢ଼ିବା ସହ ଏଥିପ୍ରତି ସମ୍ବେଦନଶୀଳତା ବଢ଼ିଥାଏ । ଥକାପଣ ମାଂସପେଶୀକୁ ଷ୍ଟିପ୍ କରିଦେଇଥାଏ । ତେବେ ଏହି କ୍ଷେତ୍ରରେ ଚିକିତ୍ସା ସହ ଜୀବନଶୈଳୀକୁ କିଛି ମାତ୍ରାରେ ନିୟନ୍ତ୍ରଣ କଲେ ଫାଇବ୍ରୋମିଆଲଜିଆରୁ ନିସ୍ତାର ପାଇବା ସହଜ ହୋଇଥାଏ ।

## କାରଣ ଓ ନିରାକରଣ

ପୂଆପୂଆ ଅଫିସରେ ଯୋଗ ଦେଇଥାଏ ମିତା । ଅଫିସର କାମ ସାଙ୍ଗକୁ ଘରର ସମସ୍ତ ଦାୟିତ୍ୱ ବହନ କରୁଥାଏ ସେ । କିଛି ଦିନ ଉଭୟ ଘର ଓ ଅଫିସ ମଧ୍ୟରେ ତାଳ ମେଳ ଦେବା ପରେ ଧୀରେଧୀରେ ସେ ତା ଶରୀରରେ ଆରମ୍ଭ ହୋଇଥିଲା ଯନ୍ତ୍ରଣା । ଘରର କାମ ସାଙ୍ଗକୁ ଅଫସର ଚାପରେ ଭାରାକ୍ରାନ୍ତ ହୋଇପଡ଼ିଥିଲା ସେ । ଯନ୍ତ୍ରଣାରେ ଜର୍ଜରିତ ହୋଇ ବାରମ୍ବାର ଅଫିସ୍ ଛୁଟି କରିବାକୁ ବାଧ ହେଉଥିଲା ମିତା । ଅନେକ ଜାଗାରେ ରକ୍ତ ପରୀକ୍ଷା କରିବା ସତ୍ତ୍ୱେ ବି ଜାଣିପାରୁ ନଥିଲା ଯନ୍ତ୍ରଣାର କାରଣ । ଦିନେ ଅଚାନକ ଜଣେ ର୍ୟୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ପରେ ଜାଣିପାରିଲା ସେ ଫାଇବ୍ରୋମିଆଲଜିଆରେ ଆକ୍ରନ୍ତ । ତା ପରେ ସେ ସେହି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେବା ସହ ନିୟମିତ ଯୋଗ ଓ ବ୍ୟାୟାମ କରି ଯନ୍ତ୍ରଣାରୁ ମୁକ୍ତି ପାଇଛି । ଆଉ ଏବେ ପୂର୍ବପରି ଅଫିସ ଯିବା ଆସିବା ସହ ଘରକାମ ମଧ୍ୟରେ ସନ୍ତୁଳନ ରଖିପାରୁଛି । ଫାଇବ୍ରୋମିଆଲଜିଆ ଏପରି ଏକ ରୋଗ, ଯାହା ଦ୍ୱାରା ଥକାପଣ, ନିଦ, ସ୍ମୃତିଶକ୍ତି ଓ ମୁଡଜନିତ ସମସ୍ୟା ଆସିବା ସହିତ ହାଡ଼ପଞ୍ଜରାରେ ମଧ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଶରୀରରେ ଯନ୍ତ୍ରଣାର ମାତ୍ରା ମସ୍ତିଷ୍କରୁ ନିର୍ଗତ ହେଉଥିବା କେତେଗୁଡ଼ିଏ ପଦାର୍ଥ ଦ୍ୱାରା ପ୍ରଭାବିତ ହୋଇଥାଏ । ସେହି ପଦାର୍ଥ ମଧ୍ୟରେ ରହିଛି ସେରେଟୋନିମ, ଡୋପମିନିମ ଓ ନୋରାଡ୍ରାନାଲିନିମ ଆଦି । ଯେକୌଣସି କାରଣରୁ ଏହି ପଦାର୍ଥଗୁଡ଼ିକର ମାତ୍ରା ମସ୍ତିଷ୍କରେ ଅସନ୍ତୁଳିତହେଲେ ଏହାର ସିଧାସଳଖ ପ୍ରଭାବ ଶରୀର ଯନ୍ତ୍ରଣା ଉପରେ ପଡ଼ିଥାଏ । ନିଦ୍ରାହୀନତା ଏହି ରୋଗର ପ୍ରମୁଖ କାରଣ । ଯଦି କୌଣସି କାରଣରୁ ଜଣେ ବ୍ୟକ୍ତି ରାତି ଅନିଦ୍ରା ହୁଏ, ତେବେ ଠିକ ପରଦିନ ତା' ଶରୀରରେ ଯନ୍ତ୍ରଣା ଅନୁଭୂତ ହୁଏ । ଆବଶ୍ୟକ ପରିମାଣରେ ନିଦ୍ରା ନେବା ଦ୍ୱାରା ହିଁ ଏହା ଦୂର ହୋଇଥାଏ । ସେହିପରି କୌଣସି ବ୍ୟକ୍ତି ଉଦାସୀନତାର ଶିକାର ହେବା ସମୟରେ ମଧ ମସ୍ତିଷ୍କରୁ ନିର୍ଗତ ନ୍ୟୁରୋ କେମିକାଲରେ ଅସନ୍ତୁଳନ ଦେଖା ଦେଇଥାଏ । କେବେକେବେ ଶରୀରରେ କୌଣସି ଆଘାତ, ଅସ୍ତ୍ରୋପଚାର ବା ସଂକ୍ରମଣଜନିତ ରୋଗ ଥିଲେ ତାହା ଭବିଷ୍ୟତରେ ଫାଇବ୍ରୋମିଆଲଜିଆର କାରଣ ହୋଇପାରେ । ସମୟ ସହିତ ଏହାର ଲକ୍ଷଣ ଧୀରେଧୀରେ ବଢ଼ିଚାଲେ । ଫାଇବ୍ରୋମିଆଲଜିଆ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ହେବାର ଆଶଙ୍କା ଅଧିକ ରହିଥାଏ ।

# ମାରାତ୍ମକ ବୃକକ୍ ରୋଗର ଲକ୍ଷଣ ଓ ସତର୍କତା

ଦୁଇଟିଯାକ ବୃକକ୍ ବା କିଡନି ସଂପୂର୍ଣ୍ଣ ଭାବେ ଅଚଳ ହୋଇଯିବା ଏବଂ ଔଷଧ ଚିକିତ୍ସା ଦ୍ୱାରା ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବା ହେଉଛି 'କ୍ରନିକ୍ କିଡନି ଫେଲ୍ୟୁଅର' । ଏ ଭଳି ସ୍ଥିତିରେ ବୃକ୍କର ଆକାର କ୍ରମଶଃ ଛୋଟ ହୋଇଯାଏ । ଅଲଟ୍ରାସୋନୋଗ୍ରାଫି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ । ଏହି ଅବସ୍ଥାରେ ବଞ୍ଚିବା ପାଇଁ ଡାୟାଲିସିସ୍ ଜରୁରୀ । ତାହା ପରେ ବୃକ୍କ ପ୍ରତିରୋପଣ । ଯେଉଁମାନେ ମଧୁମେହ, ଉଚ୍ଚରକ୍ତ ଚାପ ଭୋଗୁଛନ୍ତି; ବା ଯେଉଁମାନଙ୍କ ପରିସ୍ରା ମାଧ୍ୟମରେ ଅତ୍ୟଧିକ ଆଲବୁମିନ୍ ନଷ୍ଟ ହେଉଛି, ସେମାନଙ୍କ କ୍ଷେତ୍ରରେ ବୃକ୍କ ଅଚଳ ହେବାର ଆଶଙ୍କା ସର୍ବାଧିକ । ଲକ୍ଷଣ: ଦୁର୍ବଳତା, ପ୍ରୋଟିନ୍ୟୁରିଆ, ଗୋଡ଼-ଫୁଲା, ଉଚ୍ଚ ରକ୍ତ ଚାପ, ରକ୍ତହୀନତା, କ୍ଷୁଧାଭାବ ଆଦି ପ୍ରାଥମିକ ଲକ୍ଷଣ । ତେବେ, ପ୍ରାଥମିକ ଅବସ୍ଥାରେ କୌଣସି ଲକ୍ଷଣ ମଧ୍ୟ ଦେଖାଯାଇ ନପାରେ । ଉତ୍ତରାବସ୍ଥାରେ ରୋଗୀର ବାନ୍ତି ହୁଏ, ମୁଣ୍ଡ ବୁଲାଏ, ଅସ୍ତସ୍ତିକର ଲାଗେ । ଅଗ୍ରଣୀ ଅବସ୍ଥାରେ ରୋଗୀ ଅପସ୍ମାର ଭୋଗଜିପାରେ, ହୃତପିଣ୍ଡ ଅଚଳ ହୋଇପାରେ; ଅଚେତ ବି ହୋଇପାରେ । ବେଦନାରୁ ମୁକ୍ତି ଦେଉଥିବା ଔଷଧ ବା ପେନ୍ କିଲର୍ସ, ଆମିନୋଗ୍ଲୋଇକୋସାଇଡସ ଓ ଆଣ୍ଟିବାୟୋଟିକ୍ସର ବ୍ୟବହାର ବଢ଼ିବାରେ ଲାଗିଛି । ଏଗୁଡ଼ିକ ବୃକକ୍ ପାଇଁ ବିଷ ଭଳି । ଏହିସବୁ ଔଷଧ ଅଧିକ ପରିମାଣରେ ଖାଇଲେ ବୃକକ୍ ଉପରେ ଅତ୍ୟନ୍ତ ପ୍ରତିକୂଳ ପ୍ରଭାବ ପଡ଼େ । ଚାଳିଶ ଟପିବା ପରେ ସମସ୍ତେ ପ୍ରତି ଛଅ ମାସରେ ଥରେ ଉଚ୍ଚ ରକ୍ତ ଚାପ, ମଧୁମେହ, ପ୍ରୋଟିନ୍ୟୁରିଆ ପରୀକ୍ଷା କରାଇନେବା ଉଚିତ । ଯଦି ପରୀକ୍ଷା ଫଳାଫଳରୁ କୌଣସି ଅସ୍ୱାଭାବିକତା ବା ରୋଗର ସୂଚନା ମିଳେ, ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରାଯିବା ଆବଶ୍ୟକ ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରାକୃତିକ ବିପର୍ଯ୍ୟୟ...

ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ଯେଉଁ ଦୁଇଟି ପ୍ରସଙ୍ଗ ପ୍ରମୁଖ ଚିନ୍ତାର କାରଣ ପାଲଟିଛି, ସେ ଦୁଇଟି ହେଉଛି ମହାମାରୀ କରୋନା ବା ସାର୍ସ-ସିଓଭି-୨, ଅନ୍ୟ ଭାଷାରେ କୋଭିଡ୍-୧୯ ଏବଂ ଅନ୍ୟଟି ଜଳବାୟୁ ପରିବର୍ତ୍ତନ। କୋଭିଡ୍-୧୯ ମହାମାରୀ ଉପରେ ତ ନିତ୍ୟ ନିୟମିତ ଚର୍ଚ୍ଚା ଚାଲିଛି, ବିଶେଷକରି ଏହାର ମ୍ୟୁଟେସନ ଓ ତତ୍ପରବର୍ତ୍ତୀ ନୂଆ ନୂଆ ଭାରିଆଂଟକୁ ନେଇ; ପୁଣି ଏହାର ପ୍ରତିରୋଧ ଓ ସମୂଳେ ବିନାଶ ପାଇଁ ଟିକାକରଣ ଇତ୍ୟାଦି ଉପରେ। ତେବେ ବିଶ୍ୱ ତାପାୟନ ଏବଂ ଏହାର ପରିଣତରେ ଜଳବାୟୁ ପରିବର୍ତ୍ତନ ତଥା ତିତ ପ୍ରାକୃତିକ ବିପର୍ଯ୍ୟୟ, ଯାହାକୁ ନେଇ ପରିବେଶବିତ୍ ଓ ବୈଜ୍ଞାନିକମାନେ ନିରନ୍ତର ଚେତାବନୀ ଶୁଣାଇ ଚାଲିଛନ୍ତି, ତାହା ଏବେ ବିଶ୍ୱ ସମୁଦାୟ ସମ୍ମୁଖରେ ଉଭା ହୋଇଛି ଏକ ବିରାଟ ଆହ୍ୱାନ ଭାବରେ। ସମସ୍ତେ ଏକମତ ଯେ ଏ ସମ୍ବନ୍ଧରେ ଏବେଠୁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବାର ଜରୁରୀ ଆବଶ୍ୟକତା ରହିଛି, ଅନ୍ୟଥା ବେଶୀ ସମୟ ଲାଗିବ ନାହିଁ ମାନବ ସମାଜକୁ ତା'ର କର୍ମର ଫଳ ଭୋଗିବାକୁ। ନିକଟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଉପରେ ଘଟିଯାଇଛି ଦୁଇଗୋଟି ଘଟଣା- ଗୋଟିଏ ଭାରତରେ ଏବଂ ଅନ୍ୟଟି ଜାତିସଂଘ ସୁରକ୍ଷା ପରିଷଦରେ, ଯାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେହୁଏ। ପ୍ରଥମେ ଆମ ଦେଶ ଭାରତ କଥା। ଗତ ମଙ୍ଗଳବାର ଦିନ ମହାରାଷ୍ଟ୍ର ସରକାର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଯବା ନିମନ୍ତେ ଏକ ପାଠ୍ୟକ୍ରମର ଘୋଷଣା କରିଛନ୍ତି, ଯାହା ନିର୍ଦ୍ଦିଷ୍ଟ ଭାବରେ ଜଳବାୟୁ ସଙ୍କଟ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହାର ନାମ ହେଉଛି 'ମାଝି ବସୁନ୍ଧରା ଅଭିଯାନ', ଯାହା ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ୟୁନିସେଫ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି, ଛୋଟବେଳୁ ପିଲାମାନଙ୍କ ମଧ୍ୟରେ ଜଳବାୟୁ ସଙ୍କଟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ସେମାନେ ବାସ କରୁଥିବା ଏହି ପୃଥିବୀ ଗ୍ରହର ସୁରକ୍ଷା ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ସେମାନଙ୍କ ମନରେ ଧାରଣାଟିଏ ଭର୍ତ୍ତି କରିବା। ଏହି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ ଜୈବ ବିବିଧତାର ସଂରକ୍ଷଣ, କଠିନ ବର୍ଜ୍ୟ ପରିଚାଳନା, ଜଳ ସମ୍ବଳର ପରିଚାଳନା ଶକ୍ତି, ବାୟୁ, ପ୍ରଦୂଷଣ ଏବଂ ଜଳବାୟୁ ସଙ୍କଟ ଉପରେ କାର୍ଯ୍ୟକଳାପ-ଭିତ୍ତିକ ବିଷୟବସ୍ତୁ ସମୂହ। କହିବା ବାହୁଲ୍ୟ, ଜଳବାୟୁ ଶିକ୍ଷାକୁ ପାଠ୍ୟକ୍ରମରେ ପ୍ରଚଳନ କରିବା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ତଥା ପଦକ୍ଷେପ ଏବଂ ଏହା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। କାରଣ ଭାରତରେ ଜଳବାୟୁ ସଙ୍କଟ ଉପରେ କୌଣସି ପାଠ୍ୟକ୍ରମ ନାହିଁ, ଯଦିଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଥିବା ବିଶ୍ୱର ଦଶଗୋଟି ରାଷ୍ଟ୍ରଙ୍କ ମଧ୍ୟ ଭାରତ ଅନ୍ୟତମ। ବର୍ତ୍ତମାନ ପିଲାମାନଙ୍କୁ ଯାହା ପଢ଼ାଯାଉଛି, ତାହା ହେଉଛି ପରିବେଶ ଶିକ୍ଷା। କିନ୍ତୁ ଏହା ମୁଖ୍ୟତଃ ପାଠ୍ୟପୁସ୍ତକ ପଠନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହି ବିଷୟରେ ପିଲାମାନଙ୍କୁ ପ୍ରଦୂଷଣର ଅବରୋଧ ଏବଂ ସଂଜ୍ଞା ସମୂହ, ବିଶ୍ୱ ତାପନ ଏବଂ ଜଳବାୟୁ ସଙ୍କଟ ଉପରେ ଶିକ୍ଷାଦାନ କରାଯାଉଛି, କିନ୍ତୁ ସେମାନଙ୍କ ଜୀବନରେ ଏସବୁ ସମସ୍ୟାର ସମାଧାନ କରିବା ନିମନ୍ତେ ସେମାନେ କେଉଁସବୁ ପଦକ୍ଷେପ ନେଇପାରିବେ ବା ନିଆଯିବା ଉଚିତ୍, ତା' ଉପରେ କୌଣସି ପ୍ରକାର ଗୁରୁତ୍ୱ ଦିଆଯାଇନାହିଁ। ଆନନ୍ଦର କଥା ଯେ ଅନେକ ଛାତ୍ରଛାତ୍ରୀ ଜଳବାୟୁ ସଙ୍କଟ ସମସ୍ୟାକୁ ଅନୁଭବ କରି ପାରିଛନ୍ତି ଏବଂ ଏହା ଉପରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପରିଚାଳନା ପ୍ରଚଳନ କରିବାକୁ ଦାବି କରିଛନ୍ତି। କେବଳ ଏତିକି ନୁହେଁ, ତା' ପୂର୍ବ ସପ୍ତାହରେ ଯୁବ ପରିବେଶ କର୍ମୀମାନଙ୍କର ଏକ ଦଳ ଛୋଟ ପିଲାମାନଙ୍କୁ ବୈଶ୍ୱିକ ଜଳବାୟୁ ସଙ୍କଟର ପ୍ରଭାବ ସମ୍ପର୍କରେ ସଚେତନ କରିବା ନିମନ୍ତେ ସେମାନଙ୍କ ପାଠ୍ୟକ୍ରମରେ ଜଳବାୟୁ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦିଲ୍ଲୀ ଏବଂ କେନ୍ଦ୍ର ସରକାରଙ୍କୁ ଅନଲାଇନରେ ଏକ ଆବେଦନ କରିଛନ୍ତି। ତେଣୁ କହିବାରେ ଦ୍ୱିଧା ନାହିଁ ଯେ ସ୍କଟଲ୍ୟାଣ୍ଡର ଗ୍ଲାସଗୋଠାରେ ଆୟୋଜିତ ସିଓପି-୨୬ ହୁଏତ କୌଣସି ଆଶାନୁରୂପ ଫଳ ଆଣି ନଥାଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନଜନିତ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରୁଥିବା ଭାରତର କେବଳ ସରକାର ନୁହଁନ୍ତି, ଜନସାଧାରଣ ମଧ୍ୟ ଏ ସମ୍ପର୍କରେ ସେମାନଙ୍କର ସଚେତନତାକୁ ସାବ୍ୟସ୍ତ କରିବାକୁ ଆଗେଇ ଆସୁଛନ୍ତି।

# ସାଧାରଣତନ୍ତ୍ର ଦିବସର ପଞ୍ଚ ଅତିଥି

**ସୌମେନ୍ଦ୍ର ଜେନା**

ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡ ୨୦୨୨ ପାଇଁ ଅତିଥିଭାବେ ପାଞ୍ଚୋଟି ମଧ୍ୟ ଏସିଆର ରାଷ୍ଟ୍ରକୁ ଭାରତ ସରକାର ନିମନ୍ତ୍ରଣ କରିଛନ୍ତି । ଆଗରୁ ଆସିଆନ ରାଷ୍ଟ୍ରମୁଖ୍ୟମାନଙ୍କୁ ମଧ୍ୟ ସରକାର ସମାନ ଢଙ୍ଗରେ ସାଧାରଣତନ୍ତ୍ର ଦିବସର ଅତିଥି ମାନ୍ୟତା ଦେଇଥିଲେ । ଏହି ଅତିଥି ତାଲିକାରେ ଥିବା ପାଞ୍ଚୋଟି ରାଷ୍ଟ୍ର ହେଲେ କାଜାଖସ୍ଥାନ, କିର୍ଗିଜସ୍ତାନ, ତୁର୍କମେନିସ୍ଥାନ ତାଜିକିସ୍ଥାନ ଏବଂ ଉଜବେକିସ୍ଥାନ । ଏହିସବୁ ରାଷ୍ଟ୍ର ଏକଦା ସୋଭିଏତ ରୁଷ୍ ଅନ୍ତର୍ଗତ ଥିଲେ । ପୂର୍ବରୁ ୨୦୧୮ରେ ଆସିଆନ ଶିଖର ବୈଠକ ସମୟରେ ଏହି ପାଞ୍ଚୋଟି ରାଷ୍ଟ୍ର ଏକାଠି ଯୋଗ ଦେଇଥିଲେ । ନଭେମ୍ବର ମାସରେ ଭାରତ ସରକାରଙ୍କ ଆହ୍ୱାନରେ ବିଧିବଦ୍ଧ ଭାବେ ଏସବୁ ରାଷ୍ଟ୍ରର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବୈଠକ ନୂଆଦିଲ୍ଲୀଠାରେ ହୋଇଥିଲା । ଆଫଗାନିସ୍ଥାନରେ ତାଲିବାନ ସରକାର କ୍ଷମତା ଦଖଲ କଲାପରେ ସୃଷ୍ଟି ହୋଇଥିବା ଆଶଙ୍କା ଓ ସୁରକ୍ଷା ଦୃଷ୍ଟିରୁ ପ୍ରସ୍ତୁତି ପାଇଁ ସୁରକ୍ଷା ପରାମର୍ଶଦାତା ଏକାଠି ହୋଇଥିଲେ । ଏସବୁ ରାଷ୍ଟ୍ର ଇସଲାମିକ ହୋଇଥିଲେ ମଧ୍ୟ ମୌଳବାଦର ବିରୋଧୀ । ତେଣୁ ଗଣତାନ୍ତ୍ରିକ ବ୍ୟବସ୍ଥା, ଉଭୟ ଆର୍ଥିକ ଏବଂ ରାଜନୀତିକ ସୁରକ୍ଷା ଦୃଷ୍ଟିରୁ ଭାରତ ସହ ଏହି ରାଷ୍ଟ୍ରଗୁଡିକର ସଂପର୍କ ନିବିଡ ରହିଛି । ଡିସେମ୍ବର ୧୮ ଓ ୧୯ ତାରିଖ ଦୁଇଦିନ ଧରି ଏହି ମଧ୍ୟଏସୀୟ ରାଷ୍ଟ୍ରଗୁଡିକର ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକ ଭାରତରେ ଆୟୋଜିତ ହୋଇଛି । ପୂର୍ବରୁ ଏପରି ବୈଠକ ଜାନୁଆରୀ ୨୦୧୯ରେ ଉଜ୍‌ବେକିସ୍ଥାନର ସମରକନ୍ଦ ସହରରେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ସେହି ମନ୍ତ୍ରିସ୍ତରୀୟ ବୈଠକରେ ଯୋଗ ଦେଇଥିଲେ । କୋରୋନା ପାଇଁ ଦ୍ୱିତୀୟ ବୈଠକଟି କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ତାଙ୍କ ଯୋଜନାରେ ମଧ୍ୟ ଏସୀୟ ରାଷ୍ଟ୍ରଗୁଡିକୁ ଗସ୍ତ କରିଥିଲେ । ୨୦୧୫ରେ ଆମେରିକା ରାଷ୍ଟ୍ରପତି ବାରାକ ଓବାମା.୨୦୧୬ରେ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ ହଲାଣ୍ଡେ, ୨୦୧୭ରେ ୧୦ଟି ପୂର୍ବ ଏସୀୟ ରାଷ୍ଟ୍ରର ମୁଖ୍ୟ, ୨୦୧୮ରେ ଦକ୍ଷିଣ ଆଫ୍ରିକାର ସିରିଲ ରାମଫୋସା, ୨୦୨୦ରେ ବ୍ରାଜିଲର ଜୈର ବୋଲସୋନାରୋ ସାଧାରଣତନ୍ତ୍ର ଦିବସର ଅତିଥି ହୋଇଥିଲେ । ୨୦୨୧ରେ କୋରୋନା ଯୋଗୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍ ଯୋଗ ଦେଇପାରି ନଥିଲେ ।

ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ସହ ଭାରତର ଉଭୟ ସାଂସ୍କୃତିକ ଓ ଐତିହାସିକ ସଂପର୍କ ହଜାର ହଜାର ବର୍ଷ ଧରି ରହିଆସିଛି । ମଧ୍ୟ ଏସିଆର ରାଷ୍ଟ୍ରଗୁଡିକରେ ଭାରତର ସିନେମା, ସଙ୍ଗୀତ, ନୃତ୍ୟ ଆଦି ପ୍ରତି ଗଭୀର ଆକର୍ଷଣ ରହିଥିବାର ଲକ୍ଷ୍ୟ କରାଯାଇପାରେ । ଏସବୁ ରାଷ୍ଟ୍ରଗୁଡିକ ସହ ବାଣିଜ୍ୟିକ ସଂପର୍କ ମଧ୍ୟ ରହି ଆସିଛି । ୨୦୨୦ରେ ଅନୁଷ୍ଠିତ ଭାରତ ମଧ୍ୟ ଏସୀୟ ରାଷ୍ଟ୍ରଗୁଡିକର ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ସନ୍ତ୍ରାସବାଦ ବିରୋଧୀ ଅଭିଯାନରେ ପରସ୍ପରକୁ ସହଯୋଗ କରିବାଲାଗି ନିଷ୍ପତ୍ତି ନିଆଯାଇଥିଲା । ସନ୍ତ୍ରାସବାଦର ଆର୍ଥିକ ଉତ୍ସଗୁଡିକୁ ନଷ୍ଟ କରିବାରେ ସବୁଦେଶ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ମଧ୍ୟ ଏସିଆର ରାଷ୍ଟ୍ରଗୁଡିକର ବିକାଶ ପାଇଁ ଭାରତ ପକ୍ଷରୁ ନିକଟରେ ୧ ବିଲିଅନ ଡଲାରର ଦୀର୍ଘ ମିଆଦୀ ଋଣ ଭିନ୍ନ ଭିନ୍ନ ପ୍ରକଳ୍ପ ପାଇଁ ଘୋଷଣା କରାଯାଇସାରିଛି । ତାହା ଶକ୍ତି, ସ୍ୱାସ୍ଥ୍ୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ, କୃଷି, ଶିକ୍ଷା ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ । ଏହିସବୁ ଦେଶଗୁଡିକ ସହ ବାଣିଜ୍ୟିକ ସଂପର୍କ ବୃଦ୍ଧି ପାଇଁ ଭାରତ ପକ୍ଷରୁ ନିର୍ମିତ ଇରାନର ଚ୍ବହର ବନ୍ଦରକୁ ଉପଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସେଥିପାଇଁ ଇରାନରୁ ଜର୍ଜିଆ ପର୍ଯ୍ୟନ୍ତ ଉତ୍ତର ଦକ୍ଷିଣ ବାଣିଜ୍ୟିକ ସଡକ ନିର୍ମାଣର ଯୋଜନା ରହିଛି । ଯେଉଁଥିରେ ଭାରତ ଅଧିକ ଅର୍ଥ ମଧ୍ୟ ବ୍ୟୟ କରିବ । ଚ୍ବହର ବନ୍ଦରଠାରୁ ଏକ ରେଳପଥ ମଧ୍ୟ ଆଗାମୀ ଦିନରେ ନିର୍ମିତ ହେବ । ଖଣିଜ ସଂପଦରେ ପରିପୂର୍ଣ୍ଣ ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ପାଇଁ ବାଣିଜ୍ୟିକ ଦୃଷ୍ଟିରୁ ଏହାକୁ ସୁବର୍ଣ୍ଣ ସୁଯୋଗ କୁହାଯାଇପାରେ । ଭାରତ ପରି ୧୪୦ କୋଟିର ଦେଶ ସହ ମଧ୍ୟ ଏସିଆର ବାଣିଜ୍ୟରେ ବୃଦ୍ଧି ହେଲେ ଭାରତ ୟୁରାନିୟମ ପରି ଅନେକ ବିରଳ ଖଣିଜ ସଂପଦ ପାଇପାରିବ । ଅପରପକ୍ଷେ ସୋଭିଏତ ରୁଷିଆରୁ ଅଲଗା ହେବାପରେ ଏହି ସବୁରାଷ୍ଟ୍ର ଆର୍ଥିକ, ସାମରିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବା ଯୋଗୁ ଏସବୁ ଦେଶରେ ସ୍ଥିରତା ଆଣିବା ପାଇଁ ଭାରତ ପରି ବଡ ରାଷ୍ଟ୍ରର ବଜାରର ସହଯୋଗ ଏକାନ୍ତ ଆବଶ୍ୟକ । ରୁଷିଆ ମଧ୍ୟ ଆଜିର ଦିନରେ ନିଜର ଆର୍ଥିକ କଟକଣାକୁ ନେଇ ଚ୍ପରେ ରହିଥିବା ହେତୁ ଆବଶ୍ୟକ ସହଯୋଗ ଏସବୁ ପଡୋଶୀ ରାଷ୍ଟ୍ରଗୁଡିକୁ ଯୋଗାଇଦେବା ସହଜ ହେଉନାହିଁ । ଭାରତ ସରକାର ମଧ୍ୟ ଏସିଆରେ ଅଧିକ ଅର୍ଥ ବ୍ୟୟ କରିବା ରୁଷିଆର ଆନ୍ତରିକ ଇଚ୍ଛା । ଯେଉଁଥିପାଇଁ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ରୁଷିଆ ଏବଂ ଇରାନର ବିଦେଶମନ୍ତ୍ରୀ ଉପସ୍ଥିତ ରହିଥିଲେ । ଏକଥା ସତ ଯେ ସୋଭିଏତ ରୁଷରୁ ଅଲଗା ହେବାପରେ ୟୁରେସିଆ ଇକୋନୋମିକ୍ କମ୍ୟୁନିଟୀ ଏବଂ କଲେକ୍‌ଟିଭ ସିକ୍ୟୁରିଟୀ ଟ୍ରିଟି ଅର୍ଗାନାଇଜେସନରେ ଯୋଗଦେବାକୁ ରୁଷିଆ ପକ୍ଷରୁ ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ଉପରେ ଚ୍ପପଡିବା ସତ୍ତ୍ୱେ ତୁର୍କମେନିସ୍ଥାନ ଓ ଉଜ୍‌ବେକିସ୍ଥାନ ପରି ରାଷ୍ଟ୍ର ନିଜସ୍ୱ ସ୍ୱାୟତ୍ତତା ବଜାୟ ରଖିବା ଲାଗି ସେଥିରୁ ଦୂରେଇ ରହିଛନ୍ତି । ଅପରପକ୍ଷେ ତୁର୍କମେନିସ୍ଥାନ ଚୀନର ସାଂଘାଇ କୋ-ଅପରେସନ ଅର୍ଗାନାଇଜେସନରେ ଯୋଗ ଦେଇଛି । ମଧ୍ୟ ଏସିଆରେ ଚୀନର ନୂତନ ବାଣିଜ୍ୟିକ ସଡକ ବନାମ ଆମେରିକାର ପ୍ରତିଯୋଗିତା ଜାରି ରହିଛି । ତେବେ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ସହ ଭାରତର ସଂପର୍କ ନିବିଡ ରହିଆସିଛି । ଏସବୁ ରାଷ୍ଟ୍ରରେ ରାଜନୈତିକ ସ୍ଥିରତା ରହିଥିଲେ ମଧ୍ୟ ସାମୁଦ୍ରିକ ଏବଂ ସଡକ ଯୋଗାଯୋଗର ଅଭାବ ବିକାଶରେ ମୁଖ୍ୟ ପ୍ରତିବନ୍ଧକ ରହିଆସିଛି । ତେଣୁ ଜୁନ୍ ୨୦୧୨ ରେ ଭାରତର ମଧ୍ୟ ଏସିଆ ସହ ଯୋଗାଯୋଗ ନୀତିକୁ କାର୍ଯ୍ୟକାରୀ କରାଯାଇଥିଲା । ଶକ୍ତି କ୍ଷେତ୍ରରେ ଭରପୂର ଥିବା ଏହି ସବୁ ଦେଶରୁ ଭାରତ ନିଜର ଚ୍ହିଦା ମେଣ୍ଟାଇବାର ବହୁତ ସୁଯୋଗ ରହିଛି । ଯେମିତି ତୁର୍କମେନିସ୍ଥାନ ପ୍ରାକୃତିକ ଗ୍ୟାସରେ ଏବଂ ତାଜିକିସ୍ଥାନ ଜଳବିଦ୍ୟୁତ କ୍ଷେତ୍ରରେ ଭାରତକୁ ସାହାଯ୍ୟ କରିପାରିବେ । କିନ୍ତୁ ଆଫଗାନିସ୍ଥାନ ଓ ପାକିସ୍ଥାନରେ ବାରମ୍ବାର ଶାସନଗତ ଅସ୍ଥିରତା ଓ ଅସହଯୋଗ ଯୋଗୁ ଦୀର୍ଘଦିନରୁ ପ୍ରସ୍ତାବିତ ତାପି ଗ୍ୟାସ ପ୍ରକଳ୍ପ (ତୁର୍କମେନିସ୍ଥାନ -ଆଫଗାନିସ୍ଥାନ-ପାକିସ୍ଥାନ-ଭାରତ) ଆଜିଯାଏ ଶେଷ ହୋଇପାରିନାହିଁ । ଏହି ଯୋଜନାରେ ତୁର୍କମେନିସ୍ଥାନରୁ ଭାରତର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଫଜିଲିକା ଯାଏ ପାଇପ ଯୋଗେ ଗ୍ୟାସ ପରିବହନ ପାଇଁ ସ୍ଥିର ହୋଇଥିଲା । ସେମିତି ଇରାନ୍ ଉପରେ ଲାଗିଥିବା ଆମେରିକାର ଆର୍ଥିକ କଟକଣା ଯୋଗୁ ଭାରତ ସିଧାସଳଖ ପ୍ରକଳ୍ପ ନିର୍ମାଣ ପାଇଁ ଇରାନକୁ ଅର୍ଥଦେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଏପରିକି ପୁରୁଣା ବାକିଆ ଅର୍ଥ ଦେବାପାଇଁ ଆରବ ଦେଶର ମୁଦ୍ରା ମାଧ୍ୟମରେ ଅର୍ଥ ପ୍ରଦାନ କରାଯାଇଛି । ଏସବୁ ଦୃଷ୍ଟିରୁ ଏହି ପଞ୍ଚରାଷ୍ଟ୍ରର ମୁଖ୍ୟଙ୍କୁ ଅତିଥି କରି ଭାରତ ମଧ୍ୟ ଏସିଆରେ ନିଜର ସ୍ଥିତିକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି ।

+ଭାରତୀୟ ସମ୍ବାଦ ସେବା(ଭାସ)
ଭୁବନେଶ୍ୱର -୭୫୧୦୦୩

# ଓମିକ୍ରନ ପ୍ରତିରୋଧକ ଟିକା ଅପରିହାର୍ଯ୍ୟ



**ଡକ୍ଟର ଲକ୍ଷ୍ମଣ ସାହୁ**

ଏହି ମାସରେ କରୋନା ମହାମାରୀର ଦ୍ୱିତୀୟ ବାର୍ଷିକୀ ଯଦି ପାଳନ କରାଯାଏ । ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଏବଂ ପଦକ୍ଷେପ ଯୋଗୁଁ ବିଶ୍ୱ ଇତିହାସରେ ଦ୍ରୁତତମ ସମୟରେ ମାରାତ୍ମକ ଏସଏଆରଏସ-ଏ-୨ (SARS-A-୨) ଜୀବାଣୁ ବିରୁଦ୍ଧରେ ଏକ ଟିକା ପ୍ରସ୍ତୁତ କରିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ, ଅର୍ଥାତ୍ ୨୬ ନଭେମ୍ବରରେ କରୋନାଭାଇରସ୍ ସଂକ୍ରମଣ କମ୍ ହେବାପରେ ବିଶ୍ୱର ବିଭିନ୍ନ ଦେଶ ଏହି ନାଗରିକମାନଙ୍କୁ ଏହି ଟିକା ପ୍ରଦାନ କରିଥିଲେ । ଏସଏଆରଏସ-ଏ-୨ (SARS-A-୨) ଜୀବାଣୁର ଜିନୋମ କ୍ରମରେ ଦୁଇଟିରୁ ଅଧିକ ପରିବର୍ତ୍ତନ ସମସ୍ତଙ୍କୁ ଚିନ୍ତାରେ ପକାଇଥିଲା । କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା' (WHO- ଗ୍ରୁପ୍) ପକ୍ଷରୁ ହୋଇଥିବା 'ଏ' ଷ୍ଟ୍ରେନ୍ କୌଣସି ପ୍ରକାରେ ସୀମା ଅତିକ୍ରମ କରି ଚାଲିଗଲା । କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ଆଂଶିକ ଭାବରେ ପ୍ରବେଶ କରିଛି । ଏପରିକି ଏହା ଏତେ ଦ୍ରୁତ ଗତିରେ ବଢ଼ୁଥିବା ବିଶ୍ୱର ନେତାମାନେ ନଅଟି ରାଷ୍ଟ୍ର ଓମିତ୍ରାନ୍‌ଙ୍କୁ ଅଟକାଇବା ପାଇଁ ଚେଷ୍ଟା କରୁଛନ୍ତି । ଏହାର ପ୍ରଭାବ ଏପରି ଏକ 'ରାକ୍ଷସ' ପାଲଟିଛି, ପ୍ରକୃତରେ ତାହା କଳନା କରିବା ଆଦୌ ସମ୍ଭବ ହେଉନାହିଁ?

ଓମିକ୍ରନ୍ ପ୍ରକୃତରେ ଅତ୍ୟଧିକ ଶକ୍ତି ସହିତ ମାନବଜାତି ଉପରେ ପ୍ରଭାବ ପକାଇବ ବୋଲି କେତେକଙ୍କ ମତରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସତ କହିବାକୁ ଗଲେ, କରୋନା ଲାବୋରେଟୋରୀରେ କାର୍ଯ୍ୟ କରୁଥିବା ଗବେଷକ ମାନେ ମତପ୍ରକାଶ କରିଛନ୍ତି ଯେ, ଏହା ଅସହଜ, କିନ୍ତୁ ଭୟଭୀତ ହେବାର ସେଭଳି କିଛି ପ୍ରଶ୍ନ ନାହିଁ । ଓମିକ୍ରନ୍, ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ସଂକ୍ରାମକ ରୋଗ ତାହା ଆଗକୁ ଆସିବ କି ନାହିଁ ସେ ବିଷୟରେ କିଛି ନିର୍ଣ୍ଣୟ କରିବାକୁ ଅଧିକ ସମୟ ଲାଗିଯିବ । ବିଜ୍ଞାନ କେବେ ବିନା ପ୍ରମାଣରେ କିଛି କରିବାକୁ ଚାହେଁ ନାହିଁ । ଏପରିକି ବିଜ୍ଞାନଗାର ଗବେଷଣା କରୁଥିବା ଗବେଷକମାନେ କେବେ ବି ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା କିଛି କହିବାକୁ ଇଚ୍ଛା କରନ୍ତି ନାହିଁ । ଗଣମାଧ୍ୟମର ଯାହା ସବୁ ପ୍ରସାରଣ ହେଉଛି ତା'ର ଭୂମିକା ବିଜ୍ଞାନ ଧର୍ମୀ ଭଳି ସମାନ ହେବା ଉଚିତ୍ । ତଥାପି, ଗଣମାଧ୍ୟମର ବିଶ୍ୱାସ ଅନୁସନ୍ଧାନର ଫଳାଫଳ ପୂର୍ବରୁ ଓମିକ୍ରନ୍ କିଛି ରାକ୍ଷସ ପରି ଫର୍ମରେ ପ୍ରବେଶ କରିବା ଦେଖାଯାଏ । ଫଳାଫଳ ନିର୍ଣ୍ଣୟ କରିବା ପୂର୍ବରୁ ଏହା ଅତ୍ୟଧିକ ଶକ୍ତିଶାଳୀ ବୋଲି ଜଣାପଡିଛି। ପୂର୍ବରୁ ଏପ୍ରକାର ଭାଇରସ ପରିବର୍ତ୍ତନର ଚିହ୍ନଟ ତଥ୍ୟ ମଧ୍ୟ ମିଳିସାରିଛି । କେତେକ ପ୍ରକାରର ଭାଇରସ୍ ମୂଳ ପ୍ରକାର କିମ୍ବା ତା'ଠାରୁ କମ୍ ବା ସମାନ ବୋଲି ଜଣାପଡିଛି । କେବଳ ଆଲଫା, ବିଟା, ଡେଲଟାର ଡାପାଟ ଟିକିଏ ଦେଖିବାକୁ ମିଳେ । ଏହି ପ୍ରକାରର ମ୍ୟୁଟେସନ୍ ଜିନୋମ କ୍ରମ ଯାହା ନିର୍ଦ୍ଦିଷ୍ଟ ଆମିନୋ ଏସିଡ୍ ସଂଶୋଧନ କରେ ଆମିଗଡାଲାରେ ସାମାନ୍ୟ ଅଧିକ ପରିବର୍ତ୍ତନ ହୋଇପାରେ । ତଥାପି, ଏହି ପରିବର୍ତ୍ତନ ଗୁଡିକ କେତେ ସଂକ୍ରମିତ ହୋଇପାରେ ତାହା ନିର୍ଣ୍ଣୟ କରିବା ପାଇଁ ଗବେଷଣା ଲ୍ୟାବ ପରୀକ୍ଷାର ଆବଶ୍ୟକ ରହିଛି । ଯାହା ପୂର୍ବରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଘଟୁଛି । ଏହି ଗବେଷଣା ଲ୍ୟାବରୁ ଅନେକ ତଥ୍ୟ ମିଳିଛି, ଯେତେବେଳେ ଅନେକ ଦେଶରେ ଟୀକାକରଣ ଆରମ୍ଭ ହୋଇଥିଲା । କିନ୍ତୁ, ଡେଲଟା ଆକ୍ରୋଶ କିଛି ମାତ୍ରାରେ ରାକ୍ଷସ ସ୍ତରରେ ପହଞ୍ଚିଥିଲା ??। ବର୍ତ୍ତମାନ ପ୍ରଶ୍ନ ହେଉଛି, ମାନବ ଶରୀରର ପ୍ରତିରକ୍ଷା/ ପ୍ରତିରୋଧ ପ୍ରଣାଳୀ ଚରମ ସୀମାରେ ଲଢ଼ିବାକୁ ସମର୍ଥ ହେବ କି ? କେସ୍, ଅମିତ୍ରା ଏକ ଶକ୍ତିଶାଳୀ ଅସ୍ତ୍ର ହୋଇପାରେ କି ?

ଏସମ୍ପର୍କରେ ଉପଯୁକ୍ତ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକ ଅଛି । ଯାହା ଦ୍ୱାରା ବହୁ ସଂଖ୍ୟକ ସଂକ୍ରମଣର ପ୍ରମାଣ ଖୋଜିବା ସମ୍ଭବ ହୋଇପାରିବ । ଆଶାକରାଯାଏ ଯେ, ଯେତେବେଳେ ଛ'ଟି ମ୍ୟୁଟେସନ୍ ମୂଳୋତ୍ପାଟନ ଘଟି ସାରିଲାଣି, ବାକି ପରିବର୍ତ୍ତନଗୁଡିକ ଏସିଇ-୨ (ACE-୨) ସହିତ ବନ୍ଧୁତାକୁ ହ୍ରାସ କରୁଛି । ଫଳସ୍ୱରୂପ, ଗବେଷଣାରେ ଏହି ପରିବର୍ତ୍ତନଗୁଡ଼ିକର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଛି । ସାଧାରଣରେ ବହୁତ ଆଶାବାଦୀ, ବୋଧହୁଏ ସମସ୍ତେ ଓମିକ୍ରନ୍ ପାଇଁ ଯେତିକି ଚିନ୍ତିତ, ଏହାର ବାସ୍ତବତା କଳନା କରାଯାଇ ନପାରେ । ତଥାପି, ଆରବିଡି (RBD) ସାଇଟ ବାହାରେ ଘଟୁଥିବା ଏଚ୍୭୫୫ୱାଇ (H755Y) ଓ ପି୭୧ଏଚ (P71H) ପରିବର୍ତ୍ତନଗୁଡ଼ିକ କିଛିଟା ବିପଦପୂର୍ଣ୍ଣ ବୋଲି କୁହାଯାଇଥାଏ ।

ଏହି ପରିବର୍ତ୍ତନ ଗୁଡିକ ଅନ୍ତନଳୀରେ ଅଟୋମ୍ୟୁମ୍ୟୁନ୍ ପ୍ରୋଟିନ୍ ଦ୍ୱାରା ସ୍ପାଇକ୍ ଖସିପାରେ । ଜଣାଯାଇଛି ଉପରୋକ୍ତ ଆଲୋଚନାରୁ ଅନେକଙ୍କ ପାଇଁ ବୁଝା ପଡେ, ପାଠକମାନେ କେବଳ ଆରମ୍ଭ କରିବାକୁ ଚାହାଁନ୍ତି, ଯେଉଁ ବେଗରେ ଡେଲଟା ପ୍ରକାର ବିସ୍ତାର ହୋଇଛି, ଓମିକ୍ରନ୍ ରେ ଓଡ଼ିଶାରେ ଏପର୍ଯ୍ୟନ୍ତ ଦେଖିନାହିଁ । ଯଦିଓ ନଭେମ୍ବର ୧୧ ରେ ଦକ୍ଷିଣ ଆଫ୍ରିକାର ଧର୍ନାର ଜେନୋଟାଇପ୍ ରେ ପରିବର୍ତ୍ତନ ହୋଇଥିଲା, ସେହି ଦେଶରେ ସଂକ୍ରମଣ ସଂଖ୍ୟା ସାମାନ୍ୟ ବଢିଥିଲା, କିନ୍ତୁ ନଭେମ୍ବର ପୂର୍ବରୁ ବିଭିନ୍ନ ଦେଶରେ ଦୁଇ ତିନି ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଏବେ ଭାରତରେ ୧୪୩ ଜଣଙ୍କ ଠାରେ ଓମିକ୍ରନ୍ ଚିହ୍ନଟ କରାଯାଇଛି । ବ୍ରିଟେନ୍ ଓ ଆମେରିକାରେ ଏହାର ପ୍ରକୋପ ପ୍ରବଳ ମାତ୍ରାରେ ବଢ଼ିଚାଲିଛି ଓ ପ୍ରାୟତଃ ସତୁରିଟି ରାଷ୍ଟ୍ରକୁ ଛୁଇଁ ଗଲାଣି । ଓମିକ୍ରନ୍ ଦ୍ୱାରା ପ୍ରଥମେ ବ୍ରିଟେନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ଏବେ ଏହି ଖବର ଗଣମାଧ୍ୟମରେ ପହଞ୍ଚି ସାରିଛି । ତଥାପି, ସେହି ସଂଖ୍ୟା ବହୁତ କମ୍ ଅଟେ । ସଂକ୍ରମଣର ହାର କେତେ ଲକ୍ଷ୍ୟ କରାଯାଇନାହିଁ । ଏହାର କାରଣ ହୋଇପାରେ ଯେ ସଂପୃକ୍ତ ନିୟାମକ କମିଟି ମଧ୍ୟରୁ ଗୋଟିଏ ସଂକ୍ରମିତ ଲୋକଙ୍କୁ ଶୀଘ୍ର ପୃଥକ କରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟଟି ଟୀକାକରଣକାରୀଙ୍କ ଉପରେ ଏହା ସେତେ ପ୍ରଭାବଶାଳୀ ହୋଇନପାରେ । ସେ ଯାହା ହେଉନା କାହିଁକି ଓମିକ୍ରନ୍ ହଟାଇବାକୁ ହେବ । ଅବଶ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ, ସାରା ବିଶ୍ୱରେ ସଂକ୍ରମଣ ହାରରେ ଅଧିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନାହିଁ । ଏକ ଭଲ ଖବର ସମସ୍ତଙ୍କ ପାଖକୁ ଆସିଥାଇପାରେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ବାଟୋଇ....

**ଶରତ କୁମାର ଦାସ**



ଆଗପଟେ ଚିକ୍ ଚିକ୍ ଜହ୍ନ
ଆଲୁଅର ଆଲିଙ୍ଗନ
ପଛପଟେ କିଟିକିଟି ବହଳ ଅନ୍ଧାର
ରାସ୍ତା ସରୁନି ଆଦୌ ।

ଲମ୍ବିଛି ଯେ ଲମ୍ବିଛି।
ସେ ଜାଣିନି ଆରମ୍ଭ ବା ଶେଷ କେଉଁଠି
ଅବା ତା' ଯାତ୍ରାର ସକଳ ଇତିବୃତ୍ତ ।

ଆହୁରି ଯିବାକୁ ହେବ ଅନେକ ଦୂର
ଦୂର ଦିଗବଳୟର ଭରା ଉଜ୍ଜ୍ୱଳତା
ବାଟ କଢେଇ ନେବ
ତାକୁ ଆଗକୁ ଆଗକୁ ।

ପବନରେ ଝୁଲୁଛି ଲାଲ୍ କଇଁ
ପରିଷ୍କାର ଦିଶୁଛି ପୁଷ୍କରିଣୀର
କାଚକେନ୍ଦୁ ଜଳ
ଜଙ୍ଗଲରେ ଗର୍ଜନ କରୁଛି
ବାଘ ଖୁବ୍ ଜୋର୍‌ରେ
ସମ୍ଭବତଃ ଶିକାର ନପାଇ ।

ତଥାପି ସେ ଯିବ ଏପଟରୁ ସେପଟକୁ
ପଥ ଯେତେ ଦୀର୍ଘ ବା
କ୍ଲାନ୍ତ ହେଉ ପଛେ
ସେ ପଛକୁ ଚାହିଁବନି କେବେହେଲେ
ପିଠିକରି ଛିଡାହେବ ଅନ୍ଧାରକୁ ।

କାହିଁକି ନା ତା' ହାତପାଆନ୍ତାରେ
ଲହଡି ଭାଙ୍ଗୁଛି
ଜହ୍ନ ରାଇଜର ଆକର୍ଷଣ ,ପୁଣି
ତାରାମାନଙ୍କର ଖିଲି ଖିଲି ହସ।
ଏଥର ସେ ନାଚାର । ପାରିବନି ଆଉ।
ଗୋଡ ବଢୁନି ଆଗକୁ । ସ୍ଥିର ଓ ନିଶ୍ଚଳ।

ହସିହସି ଫାଟିପଡିବା ବଦଳରେ
ଲୁହରେ ଭିଜୁଛି ତା' ଆଖିହଳକ
ଏମିତି ସେ ଥକିପଡୁଛି
କାହିଁକି ବାରମ୍ବାର ?

ପାଦଶବ୍ଦ ଶୁଭୁନି ଆଗଭଳି ତା'ର
ଆଲୁଅର କୋମଳତା ଆଉ
ଛୁଉଁନି ତା' ଦେହ
ବାଟବଣା ହେଉଛିକି ସେ ବାରମ୍ବାର
ଲୁଚକାଳି ଖେଳୁଛିକି ଜହ୍ନ
ଗଭୀର ରାତିରେ
ଅନ୍ଧାର କବଜା କରୁଛିକି
ନୀରବରେ ତାକୁ
ତା' ପଂଝାମେଲେଇ ।

ଏବେ ବାଟ କାହିଁ ? ଆଲୁଅ ଲିଭିଲାଣି
ମେଘ ଢାଙ୍କିଲାଣି। ହଜିଯିବ ନିଶ୍ଚୟ
ଭାବୁଛି ସେ ବସି ଥୁଣ୍ଟାଗଛ ମୂଳେ,
ମିଶିଯିବ ସେ ସେଇ
ଆଦିମ ଅନ୍ଧାର ଗର୍ଭରେ
ନିଖୋଜ ହୋଇଯିବ
ଆଉ ଟିକକରେ ।

ନଥିବ ଆରମ୍ଭ ବା ଶେଷ,
ଆଲୁଅ ବା ଅନ୍ଧାର
ନଥିବ ମୋହ ମାୟା ବା
ଅନ୍ୟ କିଛି ଆକର୍ଷଣ
ନଥିବ ପୁଣି ଦାମ୍ଭିକତା ଆଉ ଅହଙ୍କାର
ସ୍ୱେଦବିନ୍ଦୁ ଝରୁଥିବ
ରକ୍ତହୋଇ ଆପାଦମସ୍ତକ ।

+ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ଅସ୍ତିତ୍ୱର ଉପହାସ ...

**ରଶ୍ମୀବାଳା ଶତପଥୀ**



ନୁହେଁ ମୁଁ ତୁମ କବିତାର ବର୍ଣ୍ଣିତ ନାୟିକା
ନୁହେଁ ତୁମ କଳ୍ପନାର ପରୀ,
ନୁହେଁ ମୁଁ ତୁମ କେଉଁ ଏକ ସୂକ୍ଷ୍ମ କବିତା
ନୁହେଁ ମୁଁ ତୁମ ପଂକ୍ତିର ଯାଦୁକରୀ।

ତୁମେ ଅଜଣା କେଉଁ ନଦୀର ବାସ୍ତବତା
ମୁଁ ଅଜଣା କେଉଁ ମରୁଭୂମିର ମରୀଚିକା,
ଅସ୍ତିତ୍ୱକୁ ବାନ୍ଧି ରଖେ ହୃଦୟରେ ମୋର
ବାରମ୍ବାର ଉପହାସ ସହେ
ମୁଁ ଏକା ଏକା।

ସ୍ୱପ୍ନ ଦୁନିଆର ନାୟକ ସାଜି ଆସ
ସ୍ୱପ୍ନରେ ହଜାଅ ସ୍ୱପ୍ନରେ ଭିଜାଅ,
ମିଛିମିଛିକା ପରୀ ରାଇଜର କଥାପରି
ତୁମ ଚିତ୍ର ଆଙ୍କି ବସେ
ହୃଦୟ କାନଭାସ୍‌ରେ।
ମୋ ହାତକୁ ଭିଡ଼ି ନିଅ ତମେ
ଆଉଜେଇନିଏ ଖୁବ୍ ପାଖକୁ
ଯେଉଁଠି ଥାଏ କେବଳ ମାତ୍ର
ଦୁହିଁଙ୍କ ନିଃଶ୍ୱାସର ଦୂରତା
ସେ କିଏ ..।

ତୁମ ଭଳି ଦିଶୁଥିବା ଛାୟାଟିଏ
ସତେ ସେ ଶିହରଣ ସ୍ପର୍ଶ ପାଇ
ମୃତ ଜୀବନରେ ପ୍ରାଣ ଭରିଯାଏ
ହେଲେ ..ହେଲେ ..।

କିଛି କହିବା ପୂର୍ବରୁ
ଉଭେଇଯାଏ ସ୍ୱପ୍ନ ମୋର
ଆକୁଳିତ ମନ କିଛି ଲେଖିବା
ପୂର୍ବରୁ ଭୁଲିଯାଏ ସେ ଶବ୍ଦ ସବୁ
ଆଉ ..ଆଉ ...ଭୁଲିଯାଏ
ତୁମର ସେ ଶିହରଣ ଭରା ଅନୁଭବକୁ।

+ଯାଜପୁର ଟାଉନ୍ ଯାଜପୁର



### ଅମାନିଆ ମନ...

**ପୁଷ୍ପାଞ୍ଜଳି ମିଶ୍ର**



ଭିଜା କାକରର ପ୍ରଭାତରେ ଆଜି
ଭିଜେ ନାହିଁ ଦେହ ମନ
କାହିଁକି କେଜାଣି
ଫୁଲରୁ ମହକ
ଝରୁ ନାହିଁ ଟିକେ ହେଲେ
ନାହିଁ ଯେ ସରାଗ
ନାହିଁ ଯେ ସେନେହ
ସବୁ ଖାଲି ଖାଲି ଲାଗେ
ତୁଟି ଯାଇଥାଏ ନିରବ ସୁହାଗ
ସବୁ ଖାଲି ଖାଲି ଲାଗେ
ମିଛ ମିଛ ଲାଗେ
ଆଜି ଏ ଜୀବନ
ସପନ ଯାଇଛି ଲିଭି
ସବୁ ଏଠି ରଙ୍ଗହୀନ
ଆଉ ବାସ୍ନା ଶୂନ୍ୟ
ଯେଉଁ ମନଥରେ
ପୁରି ଉଠୁଥିଲା
ଅମାନିଆ ନଈ ପରି
ସାଗର ପରି ସେ
ହୃଦୟ ଭିତରେ
ପ୍ରେମରେ ମିଶିବା ପାଇଁ
ବୁଝି ହୁଏ ନାହିଁ
ମିଶିଗଲା ପରେ
ପ୍ରେମ କାହିଁ ହୁଏ ନାହିଁ
ଆଜି ସେହି ମନ
ଅପେକ୍ଷାରେ ଅଛି
ଖୋଜୁଛି କାହାକୁ
ଭ୍ରମରଟିଏ ହୋଇ
ସଂଞ୍ଜର ସଳିତା ପରି
ଜଳି ଜଳି ଆଜି ଚାହିଁ ତ ରହିଛି
ଅପେକ୍ଷା ଦୁଆରେ ଯାଇ
ଆଖିରୁ ସବୁ ସ୍ୱପ୍ନ ହଜିଯାଏ
ଯେବେ ନିର୍ଗତ ହୁଏ
ଛାତିରେ ଯେବେ ଯନ୍ତ୍ରଣା ହୁଏ
ଅନୁଭବ କିଛି ହୁଏ
ଏଇ ତ ମୋର ଅମାନିଆ ମନ
କେବେ କେବେ ମାନେ ନାହିଁ।

+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ:୯୫୫୬୬୪୩୯୨୧

## କାମନା

### ଡକ୍ଟର ମନୋରଞ୍ଜନ ବିଷୋୟୀ



ସମୁଦ୍ରରେ ଢେଉ ଆସେ
ଲୁଣିଆ ପ୍ଲାବନ କୋଳେ
ଯେତେବେଳେ ତୋ ଆଖିର
ଉପତ୍ୟକା ଡୁବେ ।
ଇଚ୍ଛାହୁଏ ମୋର
ଆଞ୍ଜୁଳାଏ ପାଣିର ଆଶାରେ
ଶୁଖାଇ ପାରନ୍ତି ଯଦି
ସପ୍ତସିନ୍ଧୁ ଛାତି
ଅଗସ୍ତିର ରୂପନେଇ
ତୋ ଆଖିର ସ୍ୱପ୍ନକୁ ଦେଖନ୍ତି ।
ଦେଖନ୍ତି ବି ତୋ ଆଖିର ଅନ୍ତରାଳେ
ଗୋପନେ ଲୁଚି ରହିଥିବା
ଇନ୍ଦ୍ରଧନୁ ରଙ୍ଗ ।
ଆଉ କିଛି ମୋର ଇଚ୍ଛା ନାହିଁ
ଆଶା ବି ତ ନାହିଁ

କେବଳ ଏ ହସ ଆଉ
କାନ୍ଦର ଉହାଡୁ
ସାଉଁଟିବା ଇଚ୍ଛା ମୋର
ଆଶା ଆଉ ବିଶ୍ୱାସର ରଙ୍ଗ ।
ସେ ରଙ୍ଗରେ ହୋଲି ଖେଳ
ଖାଲି ମୋର ଜୀବନର ସ୍ୱପ୍ନ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
(ମୋ) ୮୮୯୫୧୪୧୭୨୭


## ରୋପଣ



### ସୁବ୍ରତ କୁମାର ସେନାପତି

ଏଇ ଯେ ରଂଗିନ ପରଦାରେ,
ଛାପା ପୃଷ୍ଠାରେ
ବିଜ୍ଞାପିତ କରୁଛି ଯେ ନିଜକୁ
ବ୍ୟସ୍ତ ଅଛି ବୋଲି ରୋପଣ କର୍ମରେ
ନଗ୍ନଜନେ ପରଖିନିଅ ଆଉଥରେ ଟିକେ ତାକୁ
ଦେଖଦେଖ ରୋପଣର ଆଳ ଦେଖାଇ
ଚଳାଇଛି କେମିତି ତା ଗୁପ୍ତ ହତିଆର
ରୀତିମତ ଏଇ ଖନନ କ୍ରିୟାରେ ।

'ରୋପଣ ପାଇଁ ଖନନ ଲୋଡ଼ା'ର ଯୁକ୍ତିରେ
ତୁମକୁ ସ୍ୱପ୍ନର ମଦିରାରେ ମତୁଆଲା
କରିଦେଉଥିବା
ସେ ବହୁରୂପୀ-ପ୍ରବଂଚକ
ଖୋଳିଛି ଯେଉଁ ବିରାଟ ଗର୍ତ୍ତ
କହୁଛି ପୋତିବ ସେଇଠି
କେତେକେତେ ବାସ୍ନାସ୍ରାବୀ ଫୁଲଙ୍କ
ଡାଳ,ପୁଷ୍ପଜଙ୍କ ବୀଜ ।

ଥରୁଟିଏ ତ ଯାଅ ତୁମେ ସେଇ ଗାତ ପାଖକୁ
ଯାହା ତୁମକୁ ଲାଗିବ କେଉଁ ଦୁର୍ବିନୀତ
କର୍ବୁରର
ଉନ୍ମୁକ୍ତ ମୁଖ ପରିକା
ଉଦଗତ ହେଉଥିବ ଯେଉଁଠି
ଏକ ଆଇଁଷିଆ ଗନ୍ଧ,
ମାଟିକୁ ଆଡେଇ ଦେଖିବ ଯାଅ
ପୋତା ସରିଥିବ ସେଇଠି କେବେ ଠୁ
ତା ଛଳନାକୁ ଭେଦ କରିଥିବା
ଯୋଡ଼ା ଯୋଡ଼ା ଆଖି ମାନ
ଆଉ ତାର ଏ ଛଦ୍ମତାକୁ ଖୋଲିଦେବାକୁ
ଉଦ୍ୟତ ହୋଇଥିବା ହାତ,ଜିଭ,ମସ୍ତକର
ବିକୃତ ପଚମାନ ଅବଶେଷ ସବୁ ।


♥ ଓୟୁଏଟି, ଭୁବନେଶ୍ୱର
(ମୋ) ୭୯୭୮୧୬୮୧୯୩


## ସେଇ ଦୁଇଟି ହାତ

### ବିନୟ କୁମାର ଦାସ



ଆଜି ବହୁତ ମନେପଡୁଛି
ମାଆର ସେଇ ଦୁଇଟି ହାତ
ଯେଉଁ ହାତ ମୋ ପିଠି ଥାପୁଡେଇ
ନାନାବାୟା ଗୀତ ଗାଇଗାଇ ମୋତେ
ତା ନରମ କୋଳରେ ଶୁଆଇ ପକାଉଥିଲା ।
ମୋ ଦେହରେ ଧୂଳି ଥାଉ କି ନଥାଉ
ସେ ତାର ସେଇ ଦୁଇଟି ହାତରେ
ବାରମ୍ବାର ଝାଡି ଦେଉଥିଲା ମୋ ଦେହକୁ ।
ଉଷୁମ ତେଲ ଆଉ ହଳଦୀ ଲଗାଇ
ମୋ ଟିକି ଦେହକୁ ଘଷି ଦେଉଥିଲା
ମୋ ନାଭିରେ ସୋରିଷତେଲ ଲଗାଇ ମୋତେ
କଅଁଳିଆ ଖରାରେ ଶୁଆଇ ପକାଉଥିଲା ।
ସତରେ ..କି ମୁଲାୟମ୍ ଥିଲା ସେ ହାତର ପରଶ ।
ସେତେବେଳେ ମୁଁ ଯେଉଁ ସୁଖ ନିଦ୍ରା ଯାଉଥିଲି
ସାରା ଜୀବନ ମୁଁ ସେ ନିଦ ଆଉ ପାଇପାରିନି ।

ସେ ଦୁଇ ହାତକୁ ମୁଁ କେମିତି ବା ଭୁଲି ପାରିବି
ଯେଉଁ ହାତରେ ସେ ମୋ କପାଳରେ ଲଗାଇ ଦେଉଥିଲା
ଟୋପିଟୋପି ଚନ୍ଦନ ତ ଟିପା
ମୋତେ କେତେ ସରାଗରେ ପିନ୍ଧାଇ ଦେଉଥିଲା
ନୂଆ ଜାମା..ଗଳାରେ ପିନ୍ଧାଇ ଦେଉଥିଲା
ସରୁ ମାଳ କି ସୂତାରେ ବନ୍ଧା ଏକ ରୂପାର
ପଦକବାହୁରେ ବାନ୍ଧି ଦେଉଥିଲା ଚେରମୂଳି ଭରା ମନ୍ତ୍ରସିଦ୍ଧ
ତେଉଁରିଆ...ମୋର ଯାବତୀୟ ନିରାପତା ପାଇଁ ।

ନାକରୁ ପୋଛି ଦେଉଥିଲା ସିଂଘାଣି
ଆଖିରୁ ପୋଛି ଦେଉଥିଲା ଲୁହ
ମଳମୂତ୍ର ସଫା କରୁଥିଲା ଆଉ ସେଇ ହାତରେ
ସେ ମୋତେ କେତେ ଆଦରରେ ଖୁଆଇ ଦେଉଥିଲା
ଦୁଧଭାତ..ପୋଡପିଠା..
ସେଇ ଦୁଇ ହାତରେ ମୋ ହାତ ଧରି ସେ ହିଁ ତ
ଶିଖାଇ ଥିଲା ମୋତେ ଚାଲିବାର କୌଶଳ ।
ସେଇ ଦୁଇ ହାତ କେତେବେଳେ ମୋ ପାଇଁ
ବନି ଯାଉଥିଲା ତକିଆ ତ କେବେ ଝୁଲଣା ।
ହାତ ଟେକି ସେ ମୋତେ ଦେଖାଇ ଦେଉଥିଲା
ଆକାଶର ଜହ୍ନକୁ..ଗାଉଥିଲା ଆ ଜହ୍ନମାମୁ ସରଗଶଶୀ ।

ଭାତ ଗାଳିବା ସମୟରେ ମୁଁ କାନ୍ଦିଲେ ସେ ବ୍ୟସ୍ତ ହେଥିଲା
ଆଉ ଗରମ ପେଜ ଢାଳି ହୋଇଯାଉଥିଲା ତା' ହାତରେ
ରୁଟି ସେକିବା ସମୟରେ ହାତ କେବେକେବେ ପୋଡି
ଯାଉଥିଲା ତ କେବେ ଗରମ ତେଲ ଛିଟିକି ପଡୁଥିଲା ତା'ର
ସେଇ ହତରେ । ଯନ୍ତ୍ରଣାରେ ଶିହିରି ଉଠୁଥିଲା ସେ ।
ମୋ ଜାମାରେ ବୋତାମ ଲଗାଇବା ବେଳେ ମୂନିଆ ଛୁଂଚିରେ
ଫୋଡି ଯାଉଥିଲା ତା ନରମ ଆଙ୍ଗୁଳି । ଝରି ଯାଉଥିଲା ରକ୍ତ ।

ମୋତେ କଣ ଟିକେ ଜ୍ୱର ହେଲେ ସେଇ ଦୁଇ ହାତ
ମୋ ସାରା ଶରୀର ରେ ଘୂରି ବୁଲୁଥିଲା
ମୋ କପାଳରେ ଜଳପଟି ଲଗାଇ ଦେଉଥିଲା ସେ ।
ତା ଆଖିରୁ ବହି ଆସିଥିଲା ଲୁହ..ମୁହଁରୁ ବାହାରି ଆସୁଥିଲା
ହେ ଠାକୁରେ ମୋ ଧନକୁ ଜଲଦି ଭଲ କରିଦିଅ..
ତାର ସେ ହାତ ଦୁଇଟି ଶୂନ୍ୟକୁ ଉଠି ଯାଉଥିଲା
ଏତକ କହିବା ବେଳେ
କେତେ ଦେବାଦେବୀଙ୍କ ପାଖରେ କେତେ ମନ୍ଦିରରେ
ମୋ ଶୁଭ ମନାସି ସେ ତା'ର ସେଇ ଦୁଇ ହାତରେ
ଇଟା ଆଉ ନାଲି କନା ବାନ୍ଧିଛି ।
ମୋ ନାମରେ କେତେ ଦୀନ ଦରିଦ୍ରଙ୍କୁ ଦାନ କରିଛି
ଆଉ ସେମାନଙ୍କ ଠାରୁ ଭିକ୍ଷା କରିଛି
ମୋ ପାଇଁ ଟିକେ ଆଶିଷ ।

ସେଇ ହାତରୁ ମୁଁ କେତେ ମାଡ ଖାଇଛି
କେତେଥର ସେ ମୋତେ ବାନ୍ଧି ପକାଇଛି
ତାର ସେ ହାତ ଦୁଇଟିରେ
ମୋତେ ସାବାଡ କରିବା ପାଇଁ
ଆଉ ପରକ୍ଷଣରେ ଲୁଚାଇ ଲୁଚାଇ
ନିଜ ଆଖିରୁ ପୋଛି ହୋଇଛି ତା ଲୁହ ।
ମୋତେ କଷ୍ଟ ଦେଇଛି ବୋଲି ।

ସେ ଦୁଇ ହାତକୁ ନେଇ ସେ ଆରପୁରକୁ ଚାଲିଯାଇଛି
ମୁଁ ଝୁରି ହେଉଛି ସେ ହାତ ଦୁଇଟିକୁ ଅତି ବିକଳ ହୋଇ ।

ମାଆ ଲୋ..
ତୁ ସେପୁରରେ ଭଲରେ ଥାହେଲେ ଏ ଅଧମ ପୁଅ ମୁଣ୍ଡରେ
ସେଇଠୁ ଥାଇ
ତାର ଶେଷ ଶ୍ୱାସ ଥିବା ଯାଏ
ଢାଳି ଦେଉଥା ଆଶିଷର ବାରି
ତୋର ସେ ହାତ ଦୁଇଟିରେ ।


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
(ମୋ) ୭୯୭୮୮୬୦୩୬୩


## ହୁସିଆର

### ଅମ୍ବିକା ସ୍ୱାଇଁ



ହୁସିଆର୍...ହୁସିଆର୍ ..!!
ଆମର ଏ ବିରାଟ ପୃଥିବୀ
ରଙ୍ଗୀନ ଦୁନିଆ....
ଏ ରଙ୍ଗମୟ ସମାଜରେ ଚାଲିଛି
କେତେ ରଙ୍ଗୀନ କାରବାର....

କେତେ ପ୍ରକାର ଅଛନ୍ତି ମଣିଷ
ନାରୀ ଓ ପୁରୁଷ.....
ସମସ୍ତଙ୍କୁ ଚିହ୍ନିବା ବଡ଼ ମୁସ୍କିଲ...
କାହାକୁ ଭାବିବ ଏଠି ଆପଣାର
କିଏ ହେବ ତୁମ ନିଜର... ?
ଅନେକ ଏଠି ବିଶ୍ୱାସର ବାଲିଘର
ବିଶ୍ୱାସ ନାମକ ଶବ୍ଦଟି ଅନନ୍ତ
ଆକାଶର...!!

ଏହି ଭଦ୍ର ମଣିଷ ମାନଙ୍କର
ଭଦ୍ରମୁଖାର ମୁରୁକି ହସ ତଳେ
କେତେ ଯେ ଲୁଚି ରହିଛି ରଙ୍ଗ ରହସ୍ୟ
ବିଶ୍ୱାସର କୋଠରି ଭିତରେ
ଅମୃତ ବଦଳରେ ଭରିରହିଛି ବିଷର
ଭଣ୍ଡାର....!!

ସତରେ କିଛି ସରଳ ନିରୀହ
କୋମଳ ହୃଦୟର ମଣିଷ ମାନେ
ଠିକରେ ବୁଝି ପାରନ୍ତିନି
ସେ ସମ୍ପର୍କ ଭିତରେ ଚାଲିଛି
କେତେ କୂଟନୀତି ରାଜନୀତିର ଖେଳ....!

କେତେ ଅଛି ମାୟା ଛଳନା କପଟର ଦ୍ୱାର
ଗୋଟେ ବିଶ୍ୱାସର କୋଠରୀ ଭିତରେ
ଆଉ ଗୋଟିଏ ଅବିଶ୍ୱାସର ଘର...
ସେ ଅବିଶ୍ୱାସ ଘର ଭିତରେ ରୁନ୍ଧି ହୋଇ
ଜୀବନ ହେଉଛି, ନାରଖାର, ଛାରଖାର...!

ସତର୍କ ଘଣ୍ଟି ବାଜିଲାଣି
ବେଳ ହୁଁ ସାବଧାନ
ହୁସିଆର... ହୁସିଆର...!


♥ ଭୁବନେଶ୍ୱର
(ମୋ) ୯୭୭୭୫୯୯୬୯୫


## ମୁଁ

### ପ୍ରତିମା ମେହେର



ମୁଁ କହେ କେତେ କାହାଣୀ
ଉଦାସ ଆଖିରେ
ମୁଁ ଲେଖେ କେତେ ବେଦନା
ସାଦା କାଗଜରେ
କିଏ ବୁଝେ ଅବା କିଏ ବୁଝେନା
ମୁଁ ଆଲିଙ୍ଗନ କରେ,
ମୋ ବାହୁ ଦୁଇରେ
କିଏ ଧରା ଦିଏ, କିଏ ଦିଏନା
ଯାଏ ଚାଲି ତା'ବାଟରେ

ମୁଁ କାନ୍ଦେ କେତେ, କାହା ବିରହରେ
ମୁଁ ହସେ କେତେ, ଆତ୍ମୀୟ'ର ଖୁସିରେ
କିଏ ପୋଛେ ଲୁହ କିଏ ପୋଛେନା
ଦୂରେଇ କେ ଦିଏ, କେ କୋଳେଇ ନିଏ

ମୁଁ ଝୁରେ କେତେ, ନୀରବେ ନୀରବେ
ମୁଁ ଭଲ ପାଏ, ଗୋପନେ ଗୋପନେ
କିଏ ଦିଏ ନାମ ଟିଏ, କିଏ ବଦନାମ କରେ
ଶୁଖିଯାଏ ଅଶ୍ରୁ ଆଖିରେ ଆଖିରେ

ମୁଁ ପୂଜେ ବସି ଆରାଧ୍ୟକୁ ମୋର
ମୋ ମନ ମନ୍ଦିରେ
ମୁଁ ଜାଳେ ଦୀପ ଅନ୍ଧାରେ ଅନ୍ଧାରେ
ଆଲୁଅ ସନ୍ଧାନେ
କେବେ ଜଳେ ଦୀପ,
କେବେ ଲିଭି ଲିଭି ଯାଏ

ମୁଁ ଗୁପ୍ ଚୁପ୍ ଅତୀତକୁ ଝୁରେ
ମୁଁ ଦେଖେ ମୋର ବିଦାୟୀ ଆୟୁଷ
ମନ ଆଇନାରେ
ମୁଁ ଅନାମିକା ନାୟୀକା,
ଏକାକିନୀ ଶୂନ୍ୟ କୁଟୀରେ
ଚାହିଁ ରହେ ଅତିଥି ଆଶାରେ ।


♥ ପାଟଣାଗଡ, ଜି-ବଲାଙ୍ଗୀର


## ସବୁ ମୂଳେ ଏ ମଣିଷ

### ଅରୂପ କୁମାର ବିଶ୍ୱାଳ



ସୃଷ୍ଟିକୁ ସୁନ୍ଦର କରିବାକୁ ସ୍ରଷ୍ଟା
ଛଅ ଋତୁ ସୃଷ୍ଟି କଲେ,
ଧିର ପାଦ ପାତେ ଆସୁଥିଲେ ସର୍ବେ
ଏ ଜଗତ ପାଇଁ ଭଲେ ।
ଜୀବ ଜଗତର ମଙ୍ଗଳ ପାଇଁ କି
ଭିନ୍ନଭିନ୍ନ ରୂପେ ଆସି,
ସ୍ରଷ୍ଟାଙ୍କ ନିର୍ଦ୍ଦେଶ ମାନି ଚଳୁଥିଲେ
ବାଣ୍ଟି ଚାଲିଥିଲେ ଖୁସି ।
ଗ୍ରୀଷ୍ମ ପରେ ବର୍ଷା ଶରତ ହେମନ୍ତ
ଶୀତ ଆଉ ଯେ ବସନ୍ତ,
ପ୍ରକୃତି ମାଆର ଅଲିଅଳି କନ୍ୟା
ଥିଲେ ଅତି ଭାଗ୍ୟବନ୍ତ ।
ଗ୍ରୀଷ୍ମ ଭରୁଥିଲା ବାଦଲରେ ଜଳ
ଗଢି ଜଳଚକ୍ରଟିଏ,
ବର୍ଷା ଆସୁଥିଲା ଜଳଦାନ କରି
ସବୁଜିମା ଭରିଦିଏ ।
ଶରତ ହେମନ୍ତ ପ୍ରକୃତି ରାଣୀକୁ
ନୂଆ ରଙ୍ଗ ଦେଉଥିଲେ,
ହେମାଳ ପଣତେ ଶୀତ ଆସି ଧିରେ
ପ୍ରକୃତିକୁ ପୂଜୁଥିଲେ ।
ଶେଷରେ ବସନ୍ତ ଧରି ଫୁଲ ଡାଲା

ମଧୁମୟ ଋତୁରାଜ,
ରୂପ, ରସ, ବାସ, ରଙ୍ଗ ଭରିଦେଇ
ଧରା କରୁଥିଲା ସଜ ।
ଭଳିଭଳି ଜୀବ ହସି ଖେଳୁଥିଲେ
ପ୍ରକୃତି ମାଆର କୋଳେ,
କିଏ ଉଜାଡିଲା ସୁନ୍ଦର ସୃଷ୍ଟିକୁ
ଭରି ବିଷଜ୍ୱାଳା କାଳେ ।
ବୃକ୍ଷ ଧ୍ୱଂସ କଲା ଧୂଳିଧୂଆଁ ଭରି
ପରିବେଶ କଲା ଧ୍ୱଂସ,
ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଆଣି
ପୀୟୁଷକୁ କଲା ବିଷ ।
ଋତୁଚକ୍ର ସବୁ ବଦଳି ଯାଉଛି
ମହାମାରୀ ହସେ ହସ ।
ପଚାରିଲେ ଆଜି ପ୍ରତିଧ୍ୱନି କହେ
ସବୁ ମୂଳେ ଏ ମଣିଷ ।


♥ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ, ଜଗତସିଂହପୁର,
(ମୋ) ୯୦୪୦୮୭୦୧୦୦


## ଜୀବନ କ୍ଷଣଭଙ୍ଗୁର

### ପ୍ରଦୀପ୍ତ ଆଚାର୍ଯ୍ୟ



ଜୀବନ ଅଟଇ, କ୍ଷଣଭଙ୍ଗୁରତ,
କେବେ ଛାଡିଯିବ ଭରସା ନାହିଁ,
ଭଲ ଯିଏ ପାଏ, ଭୁଲ୍ ବୁଝ ନାହିଁ,
ଭଲ ପାଅ ତାକୁ ଜୀବନ ଦେଇ ।

ଭଲ ଯେ ନପାଏ, ବ୍ୟସ୍ତ ହୁଅ ନାହିଁ,
ଉଦାର ହୃଦୟେ ଭୁଲ ତାହାକୁ,
ସମସ୍ତେ ଆମକୁ, ଭଲଯେ ପାଇବେ,
ଏକଥା ନଆଣ କେବେ ମନକୁ ।

ଭଲ ପାଇବାର, କଳାଟା ହାସଲ,
କରିଲେ ହୋଇବ ଜୀବନ ଧନ୍ୟ,
ଈର୍ଷାନ୍ୱିତ ଭାବ, ନକରିଲେ ତ୍ୟାଗ,
ତିକ୍ତ ହୋଇଯିବ ଆପଣା ମନ ।


♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀବ୍ରହ୍ମପୁର,କଟକ
(ମୋ) ୬୩୭୧୫୯୩୨୨୦


## ଚିତ୍ରଲେଖା ତୁମ ପହିଲି ଦେଖା

### ସୁବ୍ରତ କୁମାର ଜେନା



ମନେ ଅଛିକି ଚିତ୍ରଲେଖା,
କେବେ କେମିତି କେଉଁଠି,
ମୋ ସହ ତୁମର ହୋଇଥିଲା ଦେଖା ?
ସେ କି ଦେଖା !
ଯାହା ଟାଣିଦେଇଥିଲା ସେଦିନ,
ତୁମ ସହ ମୋ ଜୀବନର
ଏକ ନୂତନ ରେଖା,
ତୁମେ ଆଙ୍କିଥିଲ କେଜାଣି କେମିତି,
ଭୂମିପରେ ନଖ ଆଙ୍ଗୁଳିରେ ଅବୁଝା
ଜ୍ୟାମିତିକୁ,
ହୋଇଥିଲା ତାହା ମୋ ଲାଗି,
ପ୍ରେମ ପ୍ରଣୟର ଏକ ସରଳ ରେଖା,
ଖାସ୍ ଥିଲା ତୁମର ସେଇ ପ୍ରଥମ ଦେଖା ।
କିଛି କିଛି ମନେ ଅଛି ଚିତ୍ରଲେଖା,
ତୁମେ କେମିତି ସେଦିନ ଦୁଃଖୀ ହୋଇଥିଲ,
କରୁଣ କାହାଣୀର ବାସ୍ତବ ଚିତ୍ର
ନଗଡାକୁ ଦେଖି,
ପଚାରିଥିଲ ଏମିତିବି କଣ ଚିତ୍ର
କେହି ଆଙ୍କେ ବାସ୍ତବରେ,
ସେଦିନ ଦୁକୁ ଦୁକିରେ ତୁମ ଭରିଥିଲା ଭୟ,
ଆଖିରେ ତୁମ ଜକାଇଥିଲା ଅମାନିଆଁ ଲୁହ
କେଇ ବୁନ୍ଦା,
ପଚାରିଥିଲ କଣ ଦୋଷଥିଲା ସେମାନଙ୍କର,

ବେବିନା, ଇତିଶ୍ରୀ, ପରୀ ପୁଣି ଛବିରାଣୀର,
ନାଁ ଏଇ ପବିତ୍ର ଭାରତ ଭୂମିକୁ ପବିତ୍ରବୋଲି
ଭାବିବାର ଭୁଲ୍ ଧାରଣାରେ,
ଚିତ୍ରଲେଖା ତୁମ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା,
ତୁମେ ରହି ରହି ଆଙ୍କିଛ ଜୀବନ ଦର୍ଶନର
ଗାଥା,
ଲୋଭ, ମୋହ, ମାୟାଠୁ ବହୁ ଉର୍ଦ୍ଧରେ,
ଜାଣେ ସହଜେ ତୁମକୁ ପାରିବେନି କେହି
ବୁଝି !
ମନେରଖିବାକୁ ଚାହୁଁଛ କି ଚିତ୍ରଲେଖା,
ଯେତେ ସବୁ ବାଦ ଅପବାଦକୁ,
ବରଂ ଭୁଲିଯାଅ ଶାନ୍ତିର ସନ୍ଧାନ ପଥରେ,
ନହେଲେ ଏମିତି ବି ହେବ,
ସତୀ ସୀତାଙ୍କର ସତୀ ପରୀକ୍ଷା ପରି,
ଆଜିର ସମାଜରେ ତୁମକୁ ହାରିବାକୁ
ଲାଗିବନି ସମୟ,
ନାହାରିଲେ ବି ତୁମେ,
ତୁମକୁ ବାଧ କରାଯିବ ହାରିବାକୁ ନିଜ
ମାନଙ୍କଠୁ,
ବରଂ ଭୁଲିଯାଅ ଏ ଭରତଙ୍କ ଭାରତ ବୋଲି,

ଆଜି ପରା ଖୋଲା ଖୋଲି ଚାଲୁଛି,
ଏଠି ସେଠି ସବୁଠି ଇଜ୍ଜତର ଖୋଲା ଜୁଆ
ଖେଳ,
କେଉଁଠି ରାତି ହୁଏ ରଙ୍ଗୀନ,
ଏଠି କିନ୍ତୁ ଦିନ ମୁହଁ ଲୁଚାଏ ଲାଜରେ,
ନିଜ ଇଜ୍ଜତର ନିଲାମୀ ନହେବା ଲାଗି ।

ମନେ ନାହିଁ ମୋର ସେଦିନ କଥା
ଚିତ୍ରଲେଖା,
କେଉଁ ତିଥି କେଉଁ ବାର କି କେଉଁ ନକ୍ଷତ୍ର
ବେଳା ଥିଲା,
ତୁମେ ଧସେଇ ଆସିଥିଲ,
ମୋ ଅଶାନ୍ତ ପୃଥିବୀକୁ ଟିକେ ପ୍ରେମ ଶାନ୍ତିର
ସନ୍ଧାନେ,
ମୋ'ଠି କଣ ଦେଖିଥିଲ ତୁମେ,
ବୁଦ୍ଧଙ୍କର ଶାନ୍ତ କମୋଳ ସ୍ନିଗ୍ଧ କାମନୀୟ
ହସକୁ,
ମନେ ନାହିଁ ମୋର ସେଦିନର କଥା ଆଉ,
ତଥାପି ଯେତେ କ୍ୟାଲେଣ୍ଡରର ତାରିଖ ପଛେ
ବଦଳୁ,
ତୁମେ କିନ୍ତୁ ଆଜିବି ସେଇଠି ଅଛ,
ଯେମିତି ଆସିଥିଲ ପ୍ରଥମ ଥର ନୂଆକରି,
ଚିତ୍ରଲେଖା ସତରେ ତୁମେଥିଲ ମୋ
ଭାଗ୍ୟର ରେଖା,
ସେବି ଥିଲା କି ଦେଖା,
ଯେଉଁଦିନ ତୁମସହ ହୋଇଥିଲା ପ୍ରଥମ
ଦେଖା ।


♥ ଶୂରଡିହ, ନନ୍ଦିପୁର,ଯାଜପୁର
(ମୋ)୮୨୪୯୨୨୦୮୩୦


## ଉଦ୍ଧରଣ

### ଶୁଭସ୍ମିତା ତ୍ରିପାଠୀ



ମୋ ପ୍ରିୟତମ ପାପର ପାଖରେ
ମୁଁ... ପୂର୍ଣ୍ଣିମାର ଚିକମିକ ଜହ୍ନ

ମୋ ପ୍ରିୟତମ ପାପରୂପୀ ମେଘମାଳାର
ଅଶେଷ ଇଛା ମୋ ଶୁଭ୍ରତାରେ,
ମୋ ସ୍ୱୀକୃତିରେ ହେବାଲାଗି ମଗ୍ନ !

ମୁଁ କିନ୍ତୁ ମୋ ପ୍ରିୟତମ ପାପର
ସ୍ପର୍ଶରହିତ ଏ ଯାଏଁ
କିନ୍ତୁ କେଜାଣି କେମିତି ସେ
ବାରମ୍ବାର ବିନା ସ୍ପର୍ଶରେ ହିଁ ଛୁଏଁ ....!

ହେ ପୁଣ୍ୟପୁରୁଷ !
ତୁମେ ତୁମ ପୁଣ୍ୟତାର ଦ୍ୱାହିଦେଇ
ମତେ ସ୍ପର୍ଶ କରିବାକୁ ଅଗ୍ରସର ହୋଇଛ
ସର୍ବସମ୍ମତି କ୍ରମେ
ତେଣୁ,
ତୁମ ବୈଧତ୍ୱର ଅଗ୍ନିଶିଖରେ
ଏବେ ଥରହର ମୋ ପ୍ରିୟପାପ ମାନେ

ମୋ ତିମିରର ସଂଧ୍ୟାଧୂପ ତଳେ
ମୁଁ ଦେଖୁଥିବାବେଳେ
ଚୁପଚାପ ଫୁଟୁଥିବା
ପେନ୍ଥା ପେନ୍ଥା ନିଶିଗନ୍ଧା ଫୁଲଶେଜେ
ମୋ ଅସୀମତାର ସ୍ୱପ୍ନ

ତମେ ହଟାତ ଆସି କହିଲ,
ଦେବାଲାଗି ତର୍ପଣ,
ତୁମ ମନ୍ତ୍ରିତ ପାଣିରେ

ମୋ ଅତିପ୍ରିୟ ପାପଙ୍କ ସ୍ମୃତିରେ...
ମୁଖାଗ୍ନି ଦେବାକୁ କହିଲ
ମୋ ଜୀବନ୍ତ କଅଁଳ ପାପର
ନିରୀହ ସତ୍ତାରେ...

ତମେ, ହେ ଆଗମନୀ ପୁଣ୍ୟପୁରୁଷ !
ମୋ ମଥା ଉପରିସ୍ଥ ଗ୍ରହ ନକ୍ଷତ୍ର ମାନଙ୍କ
ବିସ୍ତୃତ ପୃଷ୍ଠାରେ ବି ବ୍ୟାପିଗଲ
ଅବଲୀଳା କ୍ରମେ ତମେ ଲେଖିଦେଲ
ତୁମ ଆଗମନ କଥା

ମୋ ଅସ୍ମିତାରେ ପୁଣ୍ୟଜଳ ସିଞ୍ଚି
ତମେ କହିଲ ମୋ ପୁଣ୍ୟବତୀ ଦେହ,
ପୁଣ୍ୟବନ୍ତ ମଥା !

ଖଣ୍ଡବିଖଣ୍ଡିତ ହୋଇ ତୁମରି ଖଡ୍ଗରେ
ତଥାପି ମୁଁ ହେଲିନାହିଁ ରକ୍ତାକ୍ତ
ରକ୍ତ ମୋର ତୁମସ୍ପର୍ଶେ ହିମ,
ଦେହ ହେଲା ବିଭ୍ରାନ୍ତ, ବିକ୍ଷିପ୍ତ

ମୋ ଖଣ୍ଡସତ୍ତା ଯୋଡ଼ିହେବା ପରେ
ଅଗ୍ନିସ୍ନାନ କରି ମୁଁ ଆଗକୁ ରଖିଲି ପାଦ
ତମକୁ ପଛକରି,
ତୁମ ପୁଣ୍ୟାବୃତ ଅଖଣ୍ଡ ଅଂଚଳେ

ମୁଁ ହେଲି ସମର୍ପିତା
ରକ୍ତାକ୍ତ ଇଶ୍ୱରୀ !!

ମୁଁ ହେବାପରେ ଦେବୀ,
ମୋ ଦେବୀତ୍ୱର କଠୋର ବକ୍ଷରେ
ପୁଣି କଅଁଳିଲେ
ମୋ ବହୁ ପ୍ରତୀକ୍ଷିତ ପାପର ଦୁବଘାସ
ପୁନଶ୍ଚ ସେ ପ୍ରିୟପାପ
ଦୁର୍ବାଦଳର ମଧୁମୟ ସ୍ପର୍ଶ !

ସପ୍ତମ ଜନ୍ମପରେ ମଧ
ପ୍ରାପ୍ତିପରେ ମୋ ଅଖଣ୍ଡ ଦେବୀତ୍ୱର

ହେ ପୁଣ୍ୟ ପୁରୁଷ !
ଦେଖ,
ତୁମ ସକଳ ପୁଣ୍ୟାନ୍ଧାର ଏବଂ
କଠୋରତା ଭାଙ୍ଗି
ମୋର ପାପ ପରମାତ୍ମା ଆଜି
କରେ ଉପହାସ !

ଆସ,
ତୁମେ ପୁଣି କର ତୁମ ପୁନରାବୃତ୍ତି
ପୁନଶ୍ଚ ପୁନଶ୍ଚ ଅଭିଶପ୍ତ କର ମୋତେ
ତୁମ ପୁଣ୍ୟତ୍ୱର ବିଭୂତିରେ

ଖୋଜିବୁଲ, ଖଣ୍ଡଖଣ୍ଡ ଏବଂ ବିକ୍ଷିପ୍ତ
କଳାପରେ ମଧ
ମୋର ଅସ୍ତିତ୍ୱ ଭିତରେ
କେଉଁଠି ଲୁଚି ବସିଛି ଏ
ପାପର ଆୟୁଷ !!


♥ ବ୍ରହ୍ମପୁର,ଗଞ୍ଜାମ
(ମୋ)୯୫୮୩୫୦୯୭୫୮


## ଭିନ୍ନ ଏକ ପ୍ରତୀକ୍ଷା

### ଚନ୍ଦନ କୁମାର ଦାସ

ଅବୁଝା ତଟିନୀ ବୁଝି କି ପାରିବ
ଶ୍ରାବଣୀ ଆଖିର ଲୁହ
ଅଭିଜା ଚାନ୍ଦିନୀ କହି କି ପାରିବ
ଅସରା ବିରହୀ କୋହ ।
ସାଗର ମେଲିଛି ତା ବାହୁ ବନ୍ଧନୀ
ତଟିନୀ ଯାଉଛି ହଜି
ପ୍ରେୟସୀ ଯାଉଛି ତା ପ୍ରିୟ ରାଇଜେ
ସାଇତା ସପନ ଖୋଜି ।
ପ୍ରିୟର ରାଇଜେ ପରାଗ ଲାଗିଛି
ଘୋଟିଛି ଘନ ଅନ୍ଧାର
ତଟିନୀ ପାଇଛି ତା ପ୍ରିୟ ସାଗର
ପ୍ରେୟସୀ ଆଖିରେ ନୀର ।
ମିଳନର ସୁଖ ମିଳନ ସଂଗୀତ
ଶୁଭଇ ସାଗର ତୀରୁ
ପ୍ରେୟସୀ ପାଏନା ପ୍ରେମର ମୁକୁତା
ଅଥଳ ନୟନ ନିରୁ ।
ଅବୁଝା ତଟିନୀ ଅବୁଝା ତା ପ୍ରେମ
ସାଗର ଜାଣିଛି ଏକା
ପ୍ରେୟସୀ ବସିଛି ସାଗର କୂଳରେ
ପଚାରିବ ହେଲେ ଦେଖା ।


♥ ଆରୁହାବୃତି୧, ଭୋଗରାଇ,
ବାଲେଶ୍ୱର
(ମୋ) ୮୧୧୪୩୪୫୯୮୮

# ବରଗଡ଼ରେ ଯୁବ କଂଗ୍ରେସର ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ଲୋକତନ୍ତ୍ରରେ ନିର୍ବାଚନ ହେଉଛି ସବୁଠୁ ବଡ଼ ଅସ୍ତ୍ର। ଏହି ଅସ୍ତ୍ର ଦ୍ୱାରା ହିଁ ଶାସକ ଦଳର ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଛତ୍ରବାଦୀ ଶାସନର ଉପଯୁକ୍ତ ଜବାବ ଦେଇ ହେବ। ଏଥିପାଇଁ ଯୁବବର୍ଗଙ୍କୁ ଜନଜାଗରଣର ସାରଥି ସାଜି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବିରୋଧରେ ଜନମତ ସୃଷ୍ଟି କରିବାକୁ ପଡ଼ିବ। ଯେପରି ସାଧାରଣ ଲୋକେ ଆଗାମୀ ପଂଚାୟତ ନିର୍ବାଚନରେ ଶାସକ ଦଳର ଜନମାରଣ ନୀତି ବିରୋଧରେ ଉପଯୁକ୍ତ ଜବାବ ଦେଇପାରିବେ ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ରବିବାର ବରଗଡ଼ ଜିଲ୍ଲା ବରପାଲ୍ଲିରେ ଅନୁଷ୍ଠିତ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଏଭଳି ଉଦ୍‌ବୋଧନ ଦେଇ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି ଡ. ଲେଙ୍କା।

ଏହି ଅବସରରେ ବରପାଲ୍ଲିରେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ କର୍ମୀମାନେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଓ ପ୍ରଭାରୀ ରିୟାଜୁଲ ଅନସାରୀଙ୍କୁ ପାଛୋଟି ନେଇଥିଲେ। ପରେ ସେଠାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ଡ. ଲେଙ୍କା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବର୍ଷିଥିଲେ। ସେ କହିଲେ ଯେ, କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟ ଦଳ କେବଳ ନିଜ ସ୍ୱାର୍ଥ ପାଇଁ ଜନସାଧାରଣଙ୍କ ଆଗରେ ମିଥ୍ୟା ଅଭିନୟ କରୁଥିବାବେଳେ ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ସେମାନଙ୍କ ମନରେ କୌଣସି ଦରଦ ନାହିଁ। ଗୋଟିଏ ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାବେଳେ ଅନ୍ୟ ପଟେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର କୌଣସି ସୁଯୋଗ ସୃଷ୍ଟି କରାଯାଉନାହିଁ। କେନ୍ଦ୍ର ସରକାର କେବଳ ନିର୍ଦ୍ଦିଷ୍ଟ କେତେକ ପୁଞ୍ଜିପତିଙ୍କ ସମ୍ପତି ବଢ଼ାଇବାରେ ଲାଗିଛନ୍ତି। ଫଳରେ ବହୁ ଛୋଟ ଛୋଟ ସଂସ୍ଥା ବନ୍ଦ ହୋଇଗଲାଣି। କୃଷି କ୍ଷେତ୍ର ମଧ ବ୍ୟାପକ ଭାବେ ପ୍ରଭାବିତ ହେବାରେ ଲାଗିଛି। ମୋଦି ସରକାର ନିଜ ସ୍ୱାର୍ଥ ପାଇଁ କଳା କୃଷି ଆଇନ ଆଣିଥିଲେ ଓ ନିଜ ସ୍ୱାର୍ଥ ପାଇଁ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ପ୍ରତ୍ୟାହାର କରିବାକୁ ଘୋଷଣା କଲେ। ଏଥିପାଇଁ ବହୁ କୃଷକଙ୍କୁ ପ୍ରାଣବଳି ଦେବାକୁ ପଡ଼ିଲା। ମାତ୍ର ସେହି କୃଷକଙ୍କ ପ୍ରତି ମୋଦି ସରକାରଙ୍କର କୌଣସି ଦରଦ ଆସିଲା ନାହିଁ। ସେହିପରି ରାଜ୍ୟର ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ସ୍ୱେଚ୍ଛାଚାରୀ ଶାସନ ଚଳାଇଛି। ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡ଼ିବାବେଳେ ଅପରାଧ ବଢ଼ି ଚାଲିଛି। ପୀଡ଼ିତାକୁ ନ୍ୟାୟ ପ୍ରଦାନ ତ ଦୂରର କଥା ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ପୋଲିସ ଲଗାଇ ଜୁଲୁମ କରାଯାଉଛି। ସେହିପରି ଶିଳ୍ପ ନାମରେ ସାଧାରଣ ଜନତାଙ୍କ ଜମି ଛଡାଇ ନିଆଯାଉଛି। ମାତ୍ର ବେକାରୀ ସମସ୍ୟାର କୌଣସି ସମାଧାନ କରାଯାଉନାହିଁ। ଏସବୁ ପ୍ରସଙ୍ଗ ନେଇ କର୍ମୀମାନେ ବିରାଟ ଜନଜାଗରଣ ସୃଷ୍ଟି କରିବାକୁ ଡ. ଲେଙ୍କା ଆହ୍ୱାନ ଦେଇଥିଲେ।

ସେହିପରି ପ୍ରଭାରୀ ରିୟାଜୁଲ ଅନସାରୀ ଏବଂ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉପଯୁକ୍ତ ଜବାବ ଦିଆଯିବ ବୋଲି କହିଥିଲେ। ଜିଲ୍ଲା ଯୁବ କଂଗ୍ରେସର ଦୁଇ କାର୍ଯ୍ୟକାରୀ ସଭାପତି ଅଭିଷେକ ସେଠ୍ ଓ ସୁଶାନ୍ତ କୁମାର ସାହୁ ଏହି ସମ୍ମିଳନୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଳାଷ ପତି, ସମ୍ପାଦକ ସମ୍ରାଟ ଜେନା, ବିଶ୍ୱଜିତ, ପୂର୍ବତନ ଯୁବ କଂଗ୍ରେସ ନେତା ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୮୬ କରୋନା ପଜିଟିଭ୍ ଚିହ୍ନଟ, ୩୯ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୮୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ



କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩ ଜଣ, ବାଲେଶ୍ୱରରୁ ୧ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୩ ଜଣ, କଟକରୁ ୧୮ ଜଣ, ଦେବଗଡ଼ରୁ ୫ ଜଣ, ଗଜପତିରୁ ୨ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ାରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, ଖୋର୍ଦ୍ଧାରୁ ୯୪ ଜଣ, ମୟୂରଭଞ୍ଜରୁ ୫ ଜଣ, ନୟାଗଡ଼ରୁ ୨ ଜଣ, ପୁରୀରୁ ୨ ଜଣ, ରାୟଗଡ଼ାରୁ ୩ ଜଣ, ସମ୍ବଲପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୭ ଜଣ ଓ ଷ୍ଟେଟ ପୁଲରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୩ ହଜାର ୧୦୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୨ ହଜାର ୭୦୧ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧ ହଜାର ୮୨୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଓଡିଆ ନେତାମାନେ ଜଗ୍ରତ ହେବା ପାଇଁ ଉତ୍କଳ ସମ୍ମିଳନୀର ଆହ୍ୱାନ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସ କହିଥିଲେ ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ - ପୂରବ ଗୌରବ ପୂରବ ସାହାସ ପଡିବ କି କେବେ ମନେ। ମଧୁବାବୁଙ୍କର ଏହି ଆହ୍ୱାନ ଆଜି ପାଇଁ ଅତି ଦରକାରୀ ହୋଇ ପଡିଛି ବୋଲି ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ସଭାପତିତ୍ୱ କରି ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଦିଲ୍ଲୀ ଦରବାରରେ ଓଡିଆ ମାନଙ୍କର ପ୍ରତିନିଧୀତ୍ୱ ଥିବା ସହିତ ବହୁ ଓଡିଆ ଭିନ୍ନ ଭିନ୍ନ ଉଚ୍ଚ ପଦବୀରେ ଥିଲେ ମଧ୍ୟ ଓଡିଶାର ସ୍ୱାର୍ଥ ରକ୍ଷା ପାଇଁ ସତେ ଯେମିତି ସମସ୍ତେ ନିରବ ହୋଇ ଯାଇଛନ୍ତି। ଦିନକୁ ଦିନ ଆମ ରାଜ୍ୟର ସୀମା ସମସ୍ୟା ଅଧିକରୁ ଅଧିକ ଜଟିଳ ଆକାର ଧାରଣ କରିବା ସମୟରେ ସମସ୍ତେ ଜାଗ୍ରତ ହେବା ପାଇଁ ଉତ୍କଳ ସମ୍ମିଳନୀ ଆହ୍ୱାନ କରିଛି। ଓଡିଶାର ସୀମା ଆଜି ସଙ୍କଟରେ ଥିବା ବେଳେ ଓଡିଶାରୁ ଆରମ୍ଭ ହୋଇଥିବା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦରେ ସ୍ଥାପନା, ବିଜୁବାବୁଙ୍କୁ ଭାରତରତ୍ନ, ବଙ୍ଗୋପ ସାଗରର ନାମ ପରିବର୍ତନ କରି କଳିଙ୍ଗ ସାଗର ରଖିବା ଓ ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଭଳି ବହୁ ନ୍ୟାର୍ଯ୍ୟ ଦାବି ଓଡିଶାର ଥିବା ବେଳେ ଏଥି ପାଇଁ ଠିକ ଭାବରେ ସ୍ୱର ଉଠୁ ନାହିଁ ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି। ଆଜିର ବୈଠକରେ ପ୍ରଥମେ ଉପ ସଭାପତି ଶିତଳ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ସହିତ ଦିବଙ୍ଗତ ସଦସ୍ୟ ମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବିଦ୍ଧି ଗତ ବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ବୈଠକରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଭୁବନେଶ୍ୱର ଶାଖା ସଭାପତି ବିଭୁତି ମିଶ୍ର, ସମ୍ପାଦକ ରାଜେଶ ସାହୁ, ମଂଚେଶ୍ୱର ଶାଖା ଉପ ସଭାପତି ପ୍ରତାପ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଶିଧାର୍ଥ ଶଙ୍କର ଗଡନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, କ୍ଷେତ୍ର ମୋହନ ନାୟକ, ପତିତପାବନ ତ୍ରିପାଠୀ, ସମରଞ୍ଜନ ମହାନ୍ତି, ସଂଜୟ ସ୍ୱାଇଁ, ବାସନ୍ତୀ ତ୍ରିପାଠୀ, ପ୍ରକାଶ କୁମାର ସାମଲ, ଅକ୍ଷୟ ଜେଠୀ ଓ ପ୍ରତାପ କୁମାର ନନ୍ଦ ପ୍ରମୁଖ ଯେଗଦେଇ ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ମାଇକ୍ରୋ ଫାଇନାନ୍ସ ଋଣ ମହିଳାମାନଙ୍କ ପାଇଁ ଋଣଯନ୍ତା ପାଲଟିଛି : ଡକ୍ଟର ଥୋମାସ ଆଇଜାକ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ମାଇକ୍ରୋ ଫାଇନାନ୍ସ ଜରିଆରେ ଗରିବ ଲୋକଙ୍କ ଅସହାୟତାକୁ ଲାଭ ଉପାର୍ଜନର ଉର୍ବର କ୍ଷେତ୍ର ବନାଇ ଦିଆଯାଇଛି ଓ ମହିଳାମାନେ ଋଣ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି କେରଳର ପୂର୍ବତନ ଅର୍ଥମନ୍ତ୍ରୀ ଡକ୍ଟର ଥୋମାସ ଆଇଜାକ୍ ଓ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ପ୍ରଫେସର ଡ଼କ୍ଟର ଆର. ରାମକୁମାର। ବିଶିଷ୍ଟ ଶିକ୍ଷାବିତ୍ ଡ଼କ୍ଟର ଆଶା ଦାସଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ଇଡ଼କଲ ଅଡ଼ିଟୋରିୟମଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଓ ଅନ୍ୟତମ ସହଯୋଗୀ ସଂସ୍ଥାମାନଙ୍କ ଆନୁକୂଲ୍ୟରେ 'ସୁଶିଳା ଗୋପାଳନ ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ଋଣଗ୍ରସ୍ତତା ଉପରେ କରାଯାଇଥିବା ସର୍ବେକ୍ଷଣ ରିପୋର୍ଟକୁ ଏହି ଅନୁଷ୍ଠାନରେ ଉନ୍ମୋଚିତ କରିଥିଲେ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଶ୍ରୀମତୀ ମାରିୟମ ଧାଓ୍ୱଲେ। ଦରବୃଦ୍ଧି, ବେକାରୀ, ରୋଜଗାର ହ୍ରାସ ଓ ଅନାହାର ତଥା ଅର୍ଦ୍ଧାହାର ସାଙ୍ଗକୁ ଋଣଗ୍ରସ୍ତତା କିପରି ମହିଳାମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି ତାହା ସେ ତାଙ୍କ ବକ୍ତବ୍ୟରେ ତୋଳି ଧରିଥିଲେ।

ପ୍ରାଥମିକ ସୂଚନା ପ୍ରଦାନ କରି ସଂଗଠନର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ ଓଡ଼ିଶାରେ ମାଇକ୍ରୋ ଫାଇନାନ୍ସର ଉତ୍ପୀଡ଼ନ ବିରୋଧରେ ହୋଇଥିବା ଆନ୍ଦୋଳନ ଯୋଗୁଁ ଏହି ଋଣ ଲଗାକାରୀ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ବର୍ଷ ବର୍ଷ ଧରି ପଡ଼ି ରହିଥିବାରୁ ତାର ତୀବ୍ର ନିନ୍ଦା କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ମହିଳା ସଶକ୍ତିକରଣ ଯୋଜନା ଶେଷକୁ କିପରି ମାଇକ୍ରୋ ଫାଇନାନ୍ସର ଋଣ ଯନ୍ତାରେ ପଡ଼ିବା ସାର୍ ହୋଇଛି, ସେହି ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସଂଯୁକ୍ତା ସେଠୀ, ସୀମା ନାୟକ ଓ ସୁମତି ନାୟକ, ମିନତୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ୟାଙ୍କ ଜାତୀୟକରଣ ଦ୍ୱାରା ଗ୍ରାମାଂଚଳରେ ବ୍ୟାଙ୍କର ସମ୍ପ୍ରସାରଣ ସହ ସ୍ୱଳ୍ପ ସୁଧରେ କୃଷି ଋଣ ଯୋଗାଣ ଏବଂ ଋଣ ଯୋଗାଣ କ୍ଷେତ୍ରରେ କୃଷକ, କ୍ଷୁଦ୍ର ବ୍ୟବସାୟୀ, ମହିଳା, ଦଳିତ ଓ ଆଦିବାସୀ ପ୍ରମୁଖଙ୍କୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ବ୍ୟାଙ୍କ ଘରୋଇକରଣ ଦ୍ୱାରା ଧୂଳିସାତ୍ ହେବାକୁ ବସିଛି ବୋଲି ପ୍ରଫେସର ରାମ କୁମାର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ପରିଣାମସ୍ୱରୂପ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଶୋଷଣ, ଲୁଣ୍ଠନ, ଉତ୍ପୀଡ଼ନ ଓ ନାରୀ ନିର୍ଯ୍ୟାତନା ଆହୁରି ବଢିବ ବୋଲି ସେ ଚେତେଇ ଦେଇଥିଲେ। ମାଇକ୍ରୋ ଫାଇନାନ୍ସ ଋଣର ସୁଧ ହାର ଉପରୁ କଟକଣା ଉଠାଇବାର ସରକାରୀ ନୀତି ଏହି ଦୁର୍ଦ୍ଦଶାକୁ ବହୁଗୁଣିତ କରିବ ବୋଲି ସେ ଦୃଢ ମତବ୍ୟକ୍ତ କରିଥିଲେ।

୨୦୧୯-୨୦ ଆର୍ଥିକ ବର୍ଷରେ କର୍ମନିଯୁକ୍ତି ହ୍ରାସ ଓ ବଜାରରେ ଗ୍ରହିଦା ହ୍ରାସ କାରଣରୁ ଯେଉଁ ଅର୍ଥନୈତିକ ସଙ୍କଟ ଭାରତରେ ଦେଖା ଦେଇଥିଲା, କୋଭିଡ୍ ମହାମାରୀ ଯୋଗୁ ଏହି ଗ୍ରହିଦା ଆହୁରି ହ୍ରାସ ପାଇଛି ଓ ଅନ୍ୟ ପକ୍ଷରେ ଯୋଗାଣ ମଧ ହ୍ରାସ ପାଇଛି ବୋଲି ମତବ୍ୟକ୍ତ କରିଥିଲେ କେରଳର ପୂର୍ବତନ ଅର୍ଥମନ୍ତ୍ରୀ ଡକ୍ଟର ଥୋମାସ ଆଇଜାକ। ନିଯୁକ୍ତିହାରକୁ ଉର୍ଦ୍ଧ୍ୱଗାମୀ କରି ଲୋକଙ୍କ ଆୟବୃଦ୍ଧି ଜରିଆରେ ବଜାରରେ ଗ୍ରହିଦା ବୃଦ୍ଧି କରିବାର ପଥକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରିକି ସଙ୍କଟର ମୁକାବିଲା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ ଏହି ପନ୍ଥା ଅନୁସରଣ କରୁଥିଲା ବେଳେ ଭାରତ ସରକାର ବ୍ୟୟ ସଙ୍କୋଚନ କରି ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବାର ପଥ ଧରିଛନ୍ତି। ନିଯୁକ୍ତି ଓ ଆୟ ହ୍ରାସ ଜନିତ ପରିସ୍ଥିତିରେ ଘରକରଣା ବିକିବା ଓ କରଜ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନଥିବାରୁ ଋଣଗ୍ରସ୍ତତା ବଢୁଛି ଓ ମହିଳାମାନେ ତାର ଅଧିକ ଶିକାର ହେଉଛନ୍ତି ବୋଲି ଅର୍ଥନୀତି ବିଶାରଦ ଡକ୍ଟର ଆଇଜାକ ତଥ୍ୟ ଉପସ୍ଥାପନ ଜରିଆରେ ଏହି ସତ୍ୟକୁ ତୋଳି ଧରିଥିଲେ। ଲୋକଙ୍କ ଦୁର୍ଦ୍ଦଶା ବେଳେ ସରକାରମାନେ ଖର୍ଚ୍ଚ ନକରି ରାଜସ୍ୱ ବଳକା ସୃଷ୍ଟି କରିବା ଓ ସରକାରୀ ଯୋଜନାରେ ଖାଦ୍ୟଶସ୍ୟ ପଡି ରହି ନଷ୍ଟ ହେବା ଠାରୁ ଅଧିକ ଅମାନବିକ ଓ ଜନବିରୋଧୀ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। କେରଳ ସରକାର ଅନୁସରଣ କରିଥିବା ବିକଳ୍ପ ନୀତି ଯୋଗୁଁ ଏହି ସମସ୍ତ ବିଲକ୍ଷଣକୁ କିଛି ମାତ୍ରାରେ ରୋକାଯାଇ ପାରିଛି ବୋଲି ତଥ୍ୟ ଭିତିରେ ତାହା ସେ ସାବ୍ୟସ୍ତ କରିଥିଲେ।

# ଠିକ୍ ସମୟରେ ଅଫିସ୍ ନଆସିଲେ ସିସିଆର ଖରାପ ହେବ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ଏବେ ପ୍ରାୟ ସମସ୍ତ ସରକାରୀ ଅଫିସରେ କର୍ମଚାରୀମାନେ ଠିକ୍ ସମୟରେ ଅଫିସ୍ ଆସୁନଥିବା ଦେଖିବାକୁ ମିଳୁଛି। ପୂର୍ବାହ୍ନ ୧୦ଟାରେ ଅଫିସ୍‌ରେ ପହଞ୍ଚିବାର ନିୟମ ଥିଲେ ବି ଅଧିକାଂଶ କର୍ମଚାରୀ ମଧ୍ୟାହ୍ନ ୧୨ଟା ସୁଦ୍ଧା ଆସୁନାହାନ୍ତି। ସଚିବାଳୟରୁ ଆରମ୍ଭ କରି ବ୍ଲକସ୍ତର ପର୍ଯ୍ୟନ୍ତ ସବୁଠି ଏହି ସମସ୍ୟା ଦେଖାଯାଉଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ସମସ୍ତ କର୍ମଚାରୀଙ୍କୁ ପୂର୍ବାହ୍ନ ୧୦ଟା ୩୦ସୁଦ୍ଧା ଅଫିସ ପହଞ୍ଚିବାକୁ କୁହାଯାଇଛି।

ପୂର୍ତ୍ତ ବିଭାଗର ଡିଭିଜନ୍ ସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ଠିକ୍ ସମୟରେ ଅଫିସ୍ ଆସୁ ନଥିବାରୁ ଅଫିସ୍? କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ସମସ୍ତ କର୍ମଚାରୀ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ଭିତରେ ଅଫିସରେ ପହଞ୍ଚିବାକୁ କୁହାଯାଇଛି। ଏନେଇ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଦିଲ୍ଲୀପ କୁମାର ରାୟ ସମସ୍ତ ଡିଭିଜନ ମୁଖ୍ୟଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କୁହାଯାଇଛି ଯେ, ଡିଭିଜନ୍ ମୁଖ୍ୟମାନେ ସମସ୍ତ କର୍ମଚାରୀ ଠିକ୍ ସମୟରେ ଆସିଛନ୍ତି ବୋଲି ନିଶ୍ଚିତ କରିବେ। ଯଦି କୌଣସି କର୍ମଚାରୀ ପୂର୍ବାହ୍ନ ୧୦ଟା ୩୦ସୁଦ୍ଧା ଅଫିସରେ ପହଞ୍ଚିବେନି ତେବେ ତାଙ୍କ ସିସିଆରରେ କାର୍ଯ୍ୟ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବରେ ପହଞ୍ଚୁଥିବା ଦର୍ଶାଯିବ। ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ ପାଇଁ ଯାଉଥିବାରୁ ସେମାନେ ଅଧିକାଂଶ ସମୟରେ ବିଳମ୍ବରେ ଅଫିସ ଆସନ୍ତି। ହେଲେ ଡିଏଓ, କିରାଣୀ, ପିଅନ ଏବଂ ଅନ୍ୟ କର୍ମଚାରୀମାନେ ବିଳମ୍ବରେ ଅଫିସ ଆସିବାର କୌଣସି କାରଣ ନାହିଁ। ତେଣୁ ସେମାନେ ଠିକ୍ ସମୟରେ ଅଫିସ୍ ଆସିବାକୁ ବାଧ୍ୟ। ଏହା ବାଦ୍ ଯେଉଁ ଯନ୍ତ୍ରୀଙ୍କର କ୍ଷେତ୍ର ପରିଦର୍ଶନ ରହୁନି ବା ଯେଉଁଦିନ ସେମାନେ କ୍ଷେତ୍ର ପରିଦର୍ଶନରେ ଯାଉନାହାନ୍ତି ସେହିଦିନ ସେମାନଙ୍କୁ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ମଧ୍ୟରେ ଅଫିସରେ ପହଞ୍ଚିବାକୁ ହେବ। ନଚେତ୍ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ହାତୀଙ୍କୁ ଜଗିବ ଡ୍ରୋନ୍: ୨୦୨୨ରେ କାର୍ଯ୍ୟକ୍ଷମ ହେବ ରେସ୍କ୍ୟୁ କେନ୍ଦ୍ର

ଭୁବନେଶ୍ୱର ,୨୦/୧୨ (ନି.ପ୍ର): ଘଞ୍ଚ ଜଙ୍ଗଲରେ ହାତୀଙ୍କ ଗତିବିଧି ଓ ସେମାନଙ୍କ ବାସସ୍ଥଳୀ ଉପରେ ନଜର ରଖିବ ଡ୍ରୋନ୍। ହାତୀପଲ ଜଙ୍ଗଲ ଭିତରେ କେଉଁ ଦିଗରେ ଗତି କରୁଛନ୍ତି, କେଉଁ ଗାଁମୁହାଁ ଅଛନ୍ତି, ହାତୀପଲରେ କେତୋଟି ଦନ୍ତା ରହିଛନ୍ତି, ତାହା ବି ନିରୀକ୍ଷଣ କରିବ। ହାତୀ ଯଦି କୌଣସି ସ୍ଥାନରେ ଜନବସତି ଆଡ଼କୁ ମାଡ଼ି ଯାଉଥିବା ନଜରକୁ ଆସେ, ବନ କର୍ମଚାରୀ ସେଠାରେ ପହଞ୍ଚି ତୁରନ୍ତ ଘଉଡ଼ାଇବେ। ପାଇଲଟ୍ ପ୍ରକଳ୍ପ ଭାବେ ରାଜଧାନୀ ଉପକଣ୍ଠ ଚନ୍ଦକା ଜଙ୍ଗଲ ସମେତ ରାଜ୍ୟର କେତେକ ପ୍ରମୁଖ ଜଙ୍ଗଲରେ ନିୟୋଜନ କରାଯାଇଛି। ଏହାର ସଫଳତାକୁ ଆଧାର କରି ରାଜ୍ୟର ଅନ୍ୟ ଜଙ୍ଗଲଗୁଡ଼ିକରେ ମଧ ଡ୍ରୋନ୍ ନିୟୋଜିତ କରାଯିବ। ଏଥିସହ ହାତୀଙ୍କ ପାଇଁ ଏକ ଉଦ୍ଧାର କେନ୍ଦ୍ର(ରେସ୍କ୍ୟୁ କେନ୍ଦ୍ର) ପ୍ରତିଷ୍ଠା କରଯାଉଛି, ଯାହାକି ୨୦୨୨ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସମସ୍ୟା



ସୃଷ୍ଟି କରୁଥିବା ହାତୀ ଦେହରେ ରେଡିଓକଲାର୍ ଯନ୍ତ୍ର ଖଞ୍ଜାଯାଇ ସେମାନଙ୍କ ଗତିବିଧି ଓ ଆଚରଣ ନିରୀକ୍ଷଣ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ଏବେ ସ୍ଥଗିତ ରହିଛି। ପ୍ରଥମ ପର୍ଯ୍ୟାୟରେ ହାତୀଙ୍କ ଦେହରେ ଲଗାଇବାରେ ବିଫଳ ହୋଇଥିବାରୁ ୨୦୨୨ରେ ପୁଣିଥରେ ଏନେଇ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଲଗାତାର ଭାବେ ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ବଢ଼ିବାରେ ଲାଗିଛି। ତାହାକୁ ରୋକିବା ପାଇଁ ଇତିମଧ୍ୟରେ ବନଖଣ୍ଡ ଅଧିକାରୀ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ତଥା ସରକାରଙ୍କ ସ୍ତରରେ ଶକ୍ତି ବିଭାଗ କର୍ମକର୍ତ୍ତାଙ୍କ ସହ ସମନ୍ୱୟ ବୈଠକ ହୋଇଛି। ଉଭୟ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଜିପିଏସ୍ ଖଞ୍ଜା ହୋଇଥିବା ଦୁଇଚକିଆ ଓ ଚାରିଚକିଆ ଯାନ ଦ୍ୱାରା ପଇଁତରା ମାରିବାକୁ କୁହାଯାଇଛି। ବନ୍ୟଜନ୍ତୁଙ୍କ ପ୍ରତି ବିପଦ ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଠାବ କରାଯାଇ ବିଭିନ୍ନ ସଂଶୋଧନମୂଳକ କାର୍ଯ୍ୟ ଯଥା ଝୁଲି ରହିଥିବା ବିଦ୍ୟୁତ୍ ତାରଗୁଡ଼ିକୁ ନିର୍ଦ୍ଧାରିତ ଉଚ୍ଚତାରେ ରଖିବା, ଖୋଲା ତାର ସ୍ଥାନରେ କେବଲିଂ ଲଗାଇବା, ଖମ୍ବଗୁଡ଼ିକରେ ସ୍ପାଇକ୍ ଖଞ୍ଜିବା, ସର୍କିଟ୍ ବ୍ରେକିଂ ବ୍ୟବସ୍ଥା, ଦୁର୍ବଳ ଖମ୍ବଗୁଡ଼ିକର ସୁଦୃଢ଼ୀକରଣ ସହ ବିଦ୍ୟୁତ୍ କାଟ୍ ତଥ୍ୟ ବନଖଣ୍ଡ ଅଧିକାରୀଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟର ବିଭିନ୍ନ ସ୍ଥାନରେ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରିବ ଓଡ଼ିଶା :ମୋ ପରିବାର

ଭୁବନେଶ୍ୱର,୨୦/୧୨ (ନି.ପ୍ର): ରାଜ୍ୟରେ, ରାଜ୍ୟ ବାହାରେ ଏବଂ ଦେଶ ବାହାରେ ବସବାସ କରୁଥିବା ବିପନ୍ନ ଓଡ଼ିଆଙ୍କୁ ସହାୟତା, ପରିବେଶ ସୁରକ୍ଷା, ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିରମାନ ଆୟୋଜନ କରି ରାଜ୍ୟର ରକ୍ତଭଣ୍ଡାର ଗୁଡ଼ିକର ଏକ ସିଂହଭାଗ ରକ୍ତ ଯୋଗାଇବା, ରୋଗୀମାନଙ୍କୁ ସୋମାନଙ୍କର ଜରୁରୀକାଳୀନ ସ୍ଥିତିରେ ତାଙ୍କ ପାଖରେ ବିରଳ ଶ୍ରେଣୀର ରକ୍ତ ଯୋଗାଇବା, ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଗୁଡ଼ିକରେ ହେଲ୍ପଡେସ୍କମାନ ସ୍ଥାପନା କରି ରୋଗୀମାନଙ୍କ ଚିକିତ୍ସାରେ ସାହାଯ୍ୟ କରିବା ଭଳି ଅନେକ ସମାଜସେବା କାର୍ଯ୍ୟ ଓଡ଼ିଶା-ମୋ ପରିବାର ନିରନ୍ତର କରିଆସୁଛି। ଏହି କ୍ରମରେ ଆଜି ଓଡ଼ିଶା-ମୋ ପରିବାର ଏବଂ କଟକର ଜେପିଏମ ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ବରମୁଣ୍ଡା ସିଆରପିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମଥର ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ସକାଳ ୯ଟାରୁ ଆରମ୍ଭ ହୋଇ ଏହି ଶିବିରରେ ଚକ୍ଷୁ ବିଭାଗର ଡାକ୍ତରମାନେ ୧୫୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ୧୬ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲେ। ତେବେ ଯେଉଁମାନଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଛି ସେମାନଙ୍କର ରୋଟାରୀ ଜେପିଏମ କ୍ଲବ ଅଫ୍ କଟକ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ୍, କଟକରେ ସଂପୂର୍ଣ୍ଣ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ। ଦୁଇ ଦିନ ରହିବା ଓ ଖାଇବା ବ୍ୟାବସ୍ଥା କରାଯାଇ ସେମାନଙ୍କ ଅସ୍ତ୍ରୋପଚାର ପରେ ସେମାନଙ୍କୁ ନିଜ ଘରେ ଛଡ଼ାଯିବାର ବ୍ୟବସ୍ଥା ରହିଛି ବୋଲି ଓଡ଼ିଶା-ମୋ ପରିବାର ଆବାହକ ସୂଚନା ପ୍ରଦାନ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଶିବିର ପରେ ସାରା ରାଜ୍ୟରେ ବିଭିନ୍ନ ସ୍ଥାନରେ ମଧ ଆୟୋଜନ କରାଯିବ। ଶିବିରରେ ଭୁବନେଶ୍ୱର ଉତ୍ତର ବିଧାୟକ ତଥା ଓଡ଼ିଶା-ମୋ ପରିବାର ସଦସ୍ୟ ସୁଶାନ୍ତ ରାଉତ, ସଦସ୍ୟା ଭାରତୀ ସିଂହଙ୍କ ବ୍ୟତିତ ବହୁ ପୂର୍ବତନ କର୍ପରେଟର ତଥା ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଯୁଗ୍ମ ସଂପାଦକ (ଓଡ଼ିଶା-ମୋ ପରିବାର) ସମୀର ପ୍ରଧାନ, ରୁଦ୍ର ନାରାୟଣ ସାମନ୍ତରାୟ ଏହି ଶିବିରକୁ ସଂଯୋଜନା କରିଥିଲେ।

# ଦୁଇ ଦିନରେ ରାଜ୍ୟର ତାପମାତ୍ରା ପୁଣି ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ

ଭୁବନେଶ୍ୱର ,୨୦/୧୨ (ନି.ପ୍ର): ୩ ଦିନ ହେଲା ରାଜ୍ୟରେ ପ୍ରବଳ ଜାଡ଼ ସହ କାଲୁଆ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ରବିବାର ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବଢ଼ିଛି। ଅନୁଗୁଳରେ ସର୍ବାଧିକ ୩ଡିଗ୍ରି ବୃଦ୍ଧି ଘଟିଥିବା ବେଳେ ଫୁଲବାଣୀରେ ୨.୫ ଡିଗ୍ରି, ପାରାଦୀପରେ ୨.୨ ଡିଗ୍ରି, ଭୁବନେଶ୍ୱରରେ ୨.୧ ଡିଗ୍ରି ଓ କଟକରେ ୨.୦ ଡିଗ୍ରି ଲେଖାଏଁ ତାପମାତ୍ରା ବୃଦ୍ଧି ପାଇଛି। ଗତ ୩ ଦିନ ଅପେକ୍ଷା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପାରଦସ୍ତର ଅପେକ୍ଷାକୃତ ବଢ଼ିଥିଲେ ବି ପ୍ରବଳ ଶୀତ ଜାରି ରହିଛି। ଦୁଇ ଦିନ ତଳେ (୧୭ ତାରିଖ) ଦାରିଙ୍ଗବାଡ଼ି ୬.୫ ଡିଗ୍ରି ସହ ଓଡ଼ିଶାର ସବୁଠୁ ଥଣ୍ଡା ସହର ଭାବେ ରେକର୍ଡ କରିଥିଲା। ଗତକାଲି ରାତିରେ ଏଠାକାର ତାପମାତ୍ରା ୨ ଡିଗ୍ରି ବଢ଼ି ୮.୫ରେ ପହଞ୍ଚିଛି। କିନ୍ତୁ ଏ ସ୍ଥିତି ବେଶି ଦିନ ରହିବ ନାହିଁ। ଆସନ୍ତା ୨ ଦିନରେ ରାଜ୍ୟର ତାପମାତ୍ରା ପୁଣି ୩ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

# 'ଗଜପତି- ଏ କିଙ୍ଗ୍ ଉଇଦାଉଟ୍ ଏ କିଙ୍ଗଡମ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୦/୧୨ (ନି.ପ୍ର): ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଗଜପତି – ଏ କିଙ୍ଗ୍ ଉଇଦାଉଟ୍‌ଏ କିଙ୍ଗଡମ୍' ଉନ୍ମୋଚିତ ହୋଇଯାଇଛି। ଏହି ବହିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଲେଖକ ହରପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଡ.ଯତୀନ ନାୟକ, ଅଧ୍ୟାପକ ଡ.ସଂଜୟ ଆଚାର୍ଯ୍ୟ ଏବଂ ବିଶିଷ୍ଟ ଶିକ୍ଷାବିତ୍‌ପ୍ରିତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ରାଜା କପିଳେନ୍ଦ୍ରଦେବଙ୍କଠୁ ଆରମ୍ଭ କରି ଚୋଡଗଙ୍ଗଦେବ ପର୍ଯ୍ୟନ୍ତ ମହାରାଜାମାନେ କେବେହେଲେ ନିଜକୁ ରାଜା ବୋଲି କହୁନଥିଲେ। ବରଂ ରାଜ୍ୟକୁ ପୁରୁଷୋତ୍ତମ ରାଜ୍ୟ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତି ତଥା ଗଜପତି ମହାରାଜଙ୍କ ସଂସ୍କୃତି, ପରମ୍ପରା ଏବଂ ଇତିହାସକୁ ଆଧାର କରି ଏହି ପୁସ୍ତକଟି ଲେଖା ହୋଇଛି। ଗଜପତି କପିଳେନ୍ଦ୍ରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗଜପତିଙ୍କ ବିଷୟରେ ଲେଖା ହୋଇଥିବା ଏହି ପୁସ୍ତକରେ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ପ୍ରଭୁଙ୍କ ମୁଖ୍ୟ ସେବକ ଗଜପତି ମହାରାଜାଙ୍କ ସଂପର୍କରେ ବହୁ ନୂତନ ତଥ୍ୟ ଉଲ୍ଲେଖ ହୋଇଛି।

ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଗଜପତି ମହାରାଜଙ୍କ ଭିତରେ ଥିବା ଆଧ୍ୟାତ୍ମିକ ସଂପର୍କ ବିଷୟରେ ବହୁ ତଥ୍ୟ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ଓଡ଼ିଶା ଏବଂ ଓଡ଼ିଶାର ଇତିହାସ ଜାଣିବା ସଂପର୍କରେ ପାଠକପାଠିକାମାନଙ୍କ ପାଇଁ ଏହି ପୁସ୍ତକଟି ବହୁ ଉପାଦେୟ ହେବ। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗବେଷଣା କରି ଏହି ପୁସ୍ତକଟି ଲେଖା ହୋଇଛି। ବର୍ତ୍ତମାନ ଇଂରାଜୀ ଭାଷାରେ ଲେଖା ହୋଇଥିବା 'ଗଜପତି – ଏ କିଙ୍ଗ୍ ଉଇଦାଉଟ୍ ଏ କିଙ୍ଗଡମ୍' ପୁସ୍ତକଟି ଆଗାମୀ ଦିନରେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶ ପାଇବ ବୋଲି ପୁସ୍ତକର ଲେଖକ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ : ପଞ୍ଜୀକୃତ ହେଲେ ୮୦୩



ଭଦ୍ରକ, ୨୦/୧୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡିଶା ସରକାରଙ୍କ ପ୍ରାୟୋଜିତ ତଥା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ଅଓନୁକୂଲ୍ୟରେ ଆଜି ବରପଦଓ ଇଂଜିନିୟରିଂ ସ୍କୁଲ ଅଫ ଟେକ୍ନୋଲୋଜି , ବରପଦଓ ଠାରେ ୨୦୨୧-୨୦୨୨ ବର୍ଷ ପାଇଁ ଭଦ୍ରକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି ଓ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପଓତ୍ର ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି ମେଳାକୁ ଉଦ୍ଘଓଟନ କରିଥିଲେ ଓ ଜିଲ୍ଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାରେ ୧୧ ଟି ପ୍ରତ୍ୟକ୍ଷ ନିଯୁକ୍ତିଦାତା କମ୍ପାନୀ ଓ ୫ ଟି ପ୍ରଶିକ୍ଷଣ ଭିତ୍ତିକ ନିଯୁକ୍ତି ପ୍ରଦାନକାରୀ ଭାବେ ସାମିଲ ହୋଇ ଥିଲେ ଓ ସମୁଦାୟ ୮୦୩ ଜଣ ପ୍ରାର୍ଥୀ ନାମ ପଞ୍ଜିକରଣ କରିଥିଲେ ଓ ୩୧୭ ଜଣ ସିଧା ସଳଖ ଚାକିରୀ ପାଇଁ ବଛା ଯାଇଛନ୍ତି ଏବଂ ୨୩୩ ଜଣଙ୍କୁ ପ୍ରଶିକ୍ଷଣ ଭିତ୍ତିକ ନିଯୁକ୍ତି ପାଇଁ ବଛା ଯାଇଛି ଓ ଉଲ୍ଲେଖଯୋଗ୍ୟ କି ଏ ସମସ୍ତ ଚାକିରୀ ବା ପ୍ରଶିକ୍ଷଣ ବେସରକାରୀ ଅଟେ ଓ ଦ୍ୱିଦିବସୀୟ ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆସନ୍ତା କାଲି ତା ୨୧/୧୨/୨୦୨୧ ରିଖରେ ଭଦ୍ରକ ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ଅସୁରଓଳି ଠାରେ ଅନୁଷ୍ଠିତ ହେବ ଓ ଏହି ମେଳା ୫ମ ରୁ ସ୍ନାତକ ଏବଂ ଆଇ ଟି ଆଇ, ଡିପ୍ଲୋମା, ନର୍ସିଙ୍ଗ, ଆଦି ଯୋଗ୍ୟତା ଧଓରି ୧୮ ରୁ ୩୫ ବର୍ଷ ବର୍ଷୀୟ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ଏହି ମେଳାରେ ଜାତୀୟ ତଥା ରାଜ୍ୟ ସ୍ତରୀୟ ଖ୍ୟାତି ସମ୍ପନ୍ନ କମ୍ପାନୀ ମାନେ ନିଯୁକ୍ତି ଦଓତା ଭାବେ ଅଂଶ ଗ୍ରହଣ କରିଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓଙ୍କ ଉପସ୍ଥିତିରେ ଚାଲିଛି ନିମ୍ନମାନର କାର୍ଯ୍ୟ



ବାଲିଆପାଳ, ୨୦/୧୨ (ନି.ପ୍ର): ବାଡ ଯଦି କ୍ଷେତ ଖାଇବ ତାକୁ ରଖିବ କିଏ ? ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାଲିଆପାଳ ବ୍ଲକ ମାନଧାତା ରାସ୍ତାରୁ ହାସିମପୁର କୁ ଯାଇଥିବା ଏକ ରାସ୍ତର କଙ୍କ୍ରୀଟ ରାସ୍ତା କାମରେ ଏହିଭଳି କିଛି ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।ମେଟାଲ ବଦଳରେ ମାଟି ଏବଂ ନାଁ କୁ ମାତ୍ର ସିମେଣ୍ଟ ଦେଇ ହେଉଛି ରାସ୍ତା କାମ ।ତେବେ ସବୁଠାରୁ ବଡକଥା ହେଉଛି ଗ୍ରାମ୍ୟ ଉନ୍ନୟନ ବିଭାଗର ଖୋଦ ସହକାରୀ ଯନ୍ତ୍ରୀ ସୌଭାଗ୍ୟ ଦାସ କାର୍ଯ୍ୟସ୍ଥଳକୁ ତଦାରଖ ପାଇଁ ଆସିଥିଲେ ଥିଲେ ମଧ୍ୟ ନଦେଖିଲାପରି ଅଭିନୟ କରିଥିଲେ । ଉପସ୍ଥିତ ଗ୍ରାମବାସୀ ଏସମ୍ପର୍କରେ ଶ୍ରୀ ଦାସଙ୍କୁ ପଚାରିବାରୁ ଅଧ ଟିଣ ସିମେଣ୍ଟରେ ୮ଟି ମଟାଲ ଏବଂ ୪ଟି ବାଲିରେ ମେଟାଲିଙ୍ଗ ହେବ ବୋଲି କହିଥିଲେ । ମାଟି ସହ ମେଟାଲ ମିଶି କାମ ହେଉଥିବା ସମ୍ପର୍କରେ ଗ୍ରାମବାସୀ ଏସଡିଓଙ୍କୁ ଦେଖିବାକୁ କହିଥିଲେ ମଧ୍ୟ ଏସଡିଓ ଗାଡିରି ନ ଓହ୍ଲାଇ ଉପର ଠାଉରିଆ ଭାବେ ଠିକାଦାରଙ୍କୁ ବାଲିରୁ ମେଟାଲ ବାଛି କାମ କରିବାକୁ କହି ପଳାଇ ଆସିଥିଲେ ।ତେବେ ଏସଡିଓ ଆସିବା ପରେ ଠିକାଦାର ପୁନଃର୍ବାର ଉକ୍ତ ମାଟିମିଶା ମେଟାଲ ଓ ୧.୪.୮ ଭାଗରେ କାମ କରିଥିଲେ । ଏ ନେଇ ଗ୍ରାମବାସୀ ୫ଟି ସଚିବକୁ ଟ୍ୱିଟକରି ଜଣାଇଛନ୍ତି । ମିଳିଥିବା ସୂଚନା ମୂତାବକ ଏହି ସିମୁଳିଆ-ମାନଧାତା ରାସ୍ତାରୁ ହାସିମପୁରକୁ ଯାଇଥିବା ରାସ୍ତାଟି ଏକ ଗୁରୁତ୍ୱପୁର୍ଣ୍ଣ ରାସ୍ତା ।ଏହି ରାସ୍ତାର ଆରମ୍ଭରେ ରାସ୍ତାଟି ମରଣଯନ୍ତା ପାଲଟିଯାଇଥିବା ବେଳେ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଠାରେ କଙ୍କ୍ରିଟ କରାଯାଉଛି । ପ୍ରଭୁରାମ ପ୍ରଧାନ ନାମକ ଠିକାଦାର ଏହି ରାସ୍ତା କାମ କରୁଛନ୍ତି ।କାମ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବା ସୁଯୋଗ ନେଇ ଠିକାଦାର ଜଣଙ୍କ ୪୦ ଏମଏମ ମେଟାଲ ସ୍ଥାନରେ ସରକାରୀ ନିୟମକୁ ଉଲଂଘନକରି ବଡ ମେଟାଲରେ କାମ କରୁଛନ୍ତି ।ବ୍ୟବହୃତ ମେଟାଲରେ ଅଧାକୁ ଅଧା ମାଟି ମିଶି ରହିଛି ।ସେହିପରି ଲୁଣି ବାଲି ଓ ଭାଗ ମାପ,ମୋଟେଇ ରେ ମଧ ମନମୁଖୀଭାବେ କାର୍ଯ୍ୟ କରୁଛନ୍ତି । ତେବେ ସବୁଠାରୁ ବଡକଥା ହେଉଛି ସହକାରୀ ଯନ୍ତ୍ରୀ ଠିକାଦାରଙ୍କୁ ନିମ୍ନ ମାନର କାର୍ଯ୍ୟ ପାଇଁ ତାଗିଦ କରିବା ପରିବର୍ତ୍ତେ ସୁରକ୍ଷା ଦେବା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସୌଭାଗ୍ୟ ଦାସଙ୍କୁ ପଚାରିବାରୁ ସେ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ।

## ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ କଲେଜର ସ୍ୱାଗତ ଉତ୍ସବ

ଜଳେଶ୍ୱର, ୨୦/୧୨(ନିପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର କୋଟବଜାରସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋସ୍ନା ଘୋଷ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ସରୋଜ ମହାନ୍ତି, ଅଶୋକ ରଥ, ଶ୍ରବଣ ନାଥ, ଉଷାରାଣୀ ଦାସ, ନିଷ୍ଠଳ ଘୋଡାଇ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା କରିବା ସହିତ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ୨ୟ ଓ ୩ୟ ବର୍ଷର ଛାତ୍ରଛାତ୍ରୀମାନେ ନୂତନଭାବେ ପ୍ରବେଶ କରିଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବା ବେଳେ ନୂତନଛାତ୍ରଛାତ୍ରୀମାନେ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସଂଗୀତ, ନୃତ୍ୟ ପରିବେଷଣ କରିଥିଲେ ।

## ରବି ନାରାୟଣ ସିଂବାବୁଙ୍କ ବି.ଜେ.ପି.ରେ ଯୋଗଦାନ



ବାରିପଦା, ୨୦/୧୨ (ନି.ପ୍ର): ପୂର୍ବତନ ଭଞ୍ଜସେନା ଉପାଧ୍ୟକ୍ଷ ତଥା ସ୍ୱାଭିମାନୀ ମୟୂରଭଞ୍ଜ ସେନାର ସଭାପତି ରବି ନାରାୟଣ ସିଂ ବାବୁ ସହିତ ତାଙ୍କର ଶତାଧିକ ସମର୍ଥକ ବି.ଜେ.ପି. ଦଳରେ ସାମିଲ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ପରିଚାଳନା କରିଥିବା ବେଳେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ବିଜେପିର ବରିଷ୍ଠ ଉପ-ସଭାପତି କବି ବିଷ୍ଣୁ ଶତପଥି, ଯୁବ ମୋର୍ଚ୍ଚାର ପ୍ରଭାରୀ କୁମାର ମଙ୍ଗଳମ୍ ଉପସ୍ଥିତ ଥିଲେ । ପ୍ରଥମେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ରବି ନାରାୟଣ ସିଂବାବୁଙ୍କ ସମର୍ଥକ ମାନେ ଶହ ଶହ ମଟର ସାଇକେଲ ରେଲିରେ ତାଙ୍କୁ ତକତପୁର ସ୍ଥିତ ବି.ଜେ.ପି. କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ, ଏଥିରେ ତକତପୁର ସ୍ଥାନୀୟ ଅଂଚଳର ଲୋକାମାନେ ବହୁତ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ହୃଦ୍‌ଘାତରେ ସାମ୍ବାଦିକଙ୍କ ବିୟୋଗ



ବାଲିଆପାଳ, ୨୦/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ନେପୁରା ଗ୍ରାମର ସାମ୍ବାଦିକ ମୃତ୍ୟୁଞ୍ଜୟ ଦେ ଙ୍କର ଆଜି ଅଚାନକରେ ହୃଦଘାତରେ ମୃତ୍ୟୁ ହୋଇଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା ।ସେ ଦୀର୍ଘଦିନ ଧରି ଦୈନିକ ଖବର ଓ କେତେକ ସାପ୍ତାହିକ ଖବର କାଗଜରେ କାର୍ଯ୍ୟକରୁଥିଲେ ।ତା ଛଡା ସେ ଖପରାପଦା ସରସ୍ୱତୀ ବିଦ୍ୟାମନ୍ଦିର,ସମବାଦ ସାହିତ୍ୟ ଘର, ଆମ୍ବେଦକର କଲ୍ୟାଣ ସମିତି ର ବରିଷ୍ଠ ସଦସ୍ୟ ଥିବା ବେଳେ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ । ସେ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜୟ ବରଣ କରିଥିଲେ ।ଆଜି ସକାଳେ ସେ ହଟାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଶ୍ରୀରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ।ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବରିଷ୍ଠ ବିଜେପି ନେତା ଅଜୟ ସାହୁ,ସାମ୍ବାଦିକ ପ୍ରତାପ ପାତ୍ର, ଗୋପାଳ ସାହୁ,ଉମାକାନ୍ତ ନାୟକ, ସନ୍ୟାସୀ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଅଧ୍ୟାପକ ସୁକାନ୍ତ ଗିରି, ବ୍ୟୋମକେଶ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଲାଗି ବିଜେଡି ମହିଳା ମୋର୍ଚ୍ଚା ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର, ୨୦/୧୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟ ସ୍ମାଟକାଡ ଶୀଘ୍ର ଓ ସୁଚାରୁରୂପେ ବଣ୍ଟନଲାଗି ବିଜେଡି ପକ୍ଷରୁ ମହିଳାମୋର୍ଚ୍ଚା ମାନଙ୍କୁ ଏକ ସଚେତନତା କାର୍ଯ୍ୟକ୍ରମ ଭଂଜଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର , ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ବ୍ଲକ ମହିଳା ସଭାପତି ସଂଚିତା ସେନାପତି, ନଗର ମହିଳା ସଭାପତି ଗୀତାଂଜଳି ସାମନ୍ତ, ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଫାଶୀ ଲଗାଇ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର,୨୦/୧୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡି ନାମ୍ପୋ ଗ୍ରାମରେ ଅଧିନରେ ରବିବାର ସଂଧ୍ୟାରେ ଦିଲ୍ଲିପ କୁମାର ଜେନା ନିଜ ଘରେ ଫାଶି ଲଗାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ସେ ମାନସିକ ବିସାଦଗସ୍ତ ଅବସ୍ଥାରେ ଅତ୍ୟଧିକ ମଦ୍ୟପାନ କରି ଏପରି କାଣ୍ଡ ଭିଆଇଥିବା କୁହାଯାଉଛି । ତାଙ୍କର ୩ ନାବାଳକ ପିଲା ଓ ବିଧାବା ସ୍ତ୍ରୀ ଅସହାୟ ହୋଇ ପଡିଛନ୍ତି । ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ସୁବର୍ଣ୍ଣରେଖାର ଶିଖରପୁର ସେତୁରେ ଲାଗିଲା ଉଜ୍ଜଳ ଆଲୋକ

ଜଳେଶ୍ୱର, ୨୦/୧୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର-ରାଇବଣିଆ ଜୀବନରେଖା ଭାବେ ପରିଗଣିତ ଶାନ୍ତିପୁର ରାସ୍ତାର ନବିକରଣ କାର୍ଯ୍ୟ ନିକଟରେ ଶେଷ ହୋଇଛି । କିନ୍ତୁ ଜଳେଶ୍ୱରରୁ ରାଇବଣିଆ ଯାତାୟାତ ଲାଗି ଶିଖରପୁର ସେତୁର ନିର୍ମାଣ କାର୍ଯ୍ୟମଧ୍ୟ ଗତ କିଛିବର୍ଷଧରି ଶେଷ ହୋଇଥିଲେ ମଧ୍ୟ ରାତିରେ ଯାତାୟାତ ଲାଗି ଅସୁବିଧା ସୃଷ୍ଟି ହେଉଥିଲା । ଗତ ରବିବାର ସଂଧ୍ୟାରେ ଏହି ଆଲୋକିକରଣ କାର୍ଯ୍ୟକ୍ରମକୁ ବିଧାୟକ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ସରପଂଚ ହରେକୃଷ୍ଣ ଗିରି, ସମିତି ସଦସ୍ୟ ଝାଡେଶ୍ୱର ଦାସ, ମାନସ ଜେନା, ପ୍ରତୀପ ପ୍ରଧାନ, ବିଦ୍ୟାଧର ମଲ୍ଲିକ, କାଳିଚରଣ ଦାସ, କିଶୋରଚନ୍ଦ୍ର ଦାସ, ରବି ମିଶ୍ର ବକ୍ତବ୍ୟ ରଖିଥିବା ବେଳେ ମିହିର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଏଥିରେ ୨୮ଟି ଲାଇଟପୋଷ୍ଟ ଲାଗି ୧୮ଲକ୍ଷ ଟଙ୍କା ଖର୍ଚ୍ଚା ହୋଇଥିବା ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପ୍ରବଳ ଥଣ୍ଡାରେ....

ଏହି ସମୟରେ ବାଇକ ଏବଂ ଖୋଲା କାରରେ ରାତିରେ ନ ବୁଲିବାକୁ ପରାମର୍ଶ ଦିଆଯାଇଛି । ଏହାସହିତ ଶିଶୁ ଏବଂ ବୟସ୍କ ଙ୍କୁ ବିନା ଶୀତ ବସ୍ତ୍ର ରେ ବାହାରେ ବୁଲିବାକୁ ବାରଣ କରାଯାଇଛି । ରାତି ଓ ପାହାନ୍ତିଆ ସମୟରେ ଘରେ ରହିବା ସହ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର । ଅପରପକ୍ଷରେ ସୋମବାର ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ରାତ୍ର ତାପମାତ୍ରା ୧୦ ଡିଗ୍ରି ତଳେ ରେକର୍ଡ କରାଯାଇଛି । ଏଣେ ଏବର୍ଷର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ରେକର୍ଡ ହୋଇଛି । ଏଠାରେ ରାତ୍ର ତାପମାତ୍ରା ୪ ଡିଗ୍ରି ସେଲସିଅସ୍ ଥିଲା । ଦାରିଙ୍ଗବାଡ଼ି ସବୁଠୁ ଥଣ୍ଡା ସହର ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ୧୦ ଡିଗ୍ରି ତଳେ ଥିବା ସହରଗୁଡ଼ିକ ହେଲା, ଦାରିଙ୍ଗବାଡି ୪.୦ ଡିଗ୍ରି ସେଲସିଅସ୍, ଝାରସୁଗୁଡା ୫.୬ ଡିଗ୍ରି ସେଲସିଅସ୍, ଫୁଲବାଣୀ ୬.୫ ଡିଗ୍ରି ସେଲସିଅସ୍, ସୋନପୁର ୬.୯ ଡିଗ୍ରି ସେଲସିଅସ୍ , କେନ୍ଦୁଝର ୭.୪ ଡିଗ୍ରି ସେଲସିଅସ୍, ଟିଟଲାଗଡ଼ ୯.୩ ଡିଗ୍ରି ସେଲସିଅସ୍, ବଲାଙ୍ଗୀର ୮.୦ ଡିଗ୍ରି ସେଲସିଅସ୍, ସମ୍ବଲପୁର ୯.୦ ଡିଗ୍ରି ସେଲସିଅସ୍, ବାରିପଦା ୯.୫ ଡିଗ୍ରି ସେଲସିଅସ୍ ଓ ସୁନ୍ଦରଗଡ଼ ୮.୦ ଡିଗ୍ରି ସେଲସିଅସ୍, ଭବାନୀପାଟଣା ୮.୯ ଡିଗ୍ରି ସେଲସିଅସ୍, ତାଳଚେର ଓ ହୀରାକୁଦ ୯.୦ ଡିଗ୍ରି ସେଲସିଅସ୍ । ଅପରପକ୍ଷରେ କଟକରେ ୧୨.୪ ଓ ଭୁବନେଶ୍ୱରରେ ୧୩.୮ ଡିଗ୍ରି ସେଲସିଅସ୍ ରାତ୍ର ତାପମାତ୍ରା ରେକର୍ଡ କରାଯାଇଛି ।

### ଇଡି ଜାଲରେ ବଲିଉଡ ....

ହୋଇଛନ୍ତି ଏହି ପ୍ରତିଷ୍ଠିତ ଅଭିନେତ୍ରୀ । ନଭେମ୍ବର ୯ ତାରିଖରେ ପ୍ରଥମେ ଐଶ୍ୱର୍ଯ୍ୟାଙ୍କୁ ନୋଟିସ୍ ପଠାଇଥିଲା ପ୍ରବର୍ତନ ନିର୍ଦ୍ଦେଶାଳୟ । ଆଉ ୧୫ ଦିନ ମଧ୍ୟରେ ଜବାବ ରଖିବାକୁ କୁହାଗଲା । ଆଉ ଐଶ୍ୱର୍ଯ୍ୟା ଇମେଲ ଜରିଆରେ ନୋଟିସ୍କୁ ସ୍ଥଗିତ ରଖିବାକୁ କରିଥିଲେ ଗୁହାରି । ପାନାମା ପେପର୍ସ ଲିକ୍ ଘଟଣାରେ ବଚ୍ଚନ ପରିବାର ସମସ୍ୟା ବଢିବାରେ ଲାଗିଛି । ଏହି ମାମଲାରେ ନିକଟରେ ଇଡି ସ୍ୱାମୀ ଅଭିଷେକ ବଚ୍ଚନଙ୍କୁ ସମନ କରିଥିଲା । ତେବେ ଐଶ୍ୱର୍ଯ୍ୟାଙ୍କୁ ଧାରା ୩୭ ଫେମା ବା ଫରେନ ଏକ୍ସଚେଂଜ୍ ମାନେଜମେଂଟ୍ ଆକ୍ଟ ନେଇ ପଚରା ଉଚୁରା କରିବାକୁ ଇଡି ସମନ କରିଛି । ଆଉ ଯାହାକୁ ନେଇ ଦିଲ୍ଲୀ ପ୍ରବର୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ଐଶ୍ୱର୍ଯ୍ୟା । ୨୦୧୬ରେ ଏକ କମ୍ପାନୀର ଲିଗାଲ ଦସ୍ତାବିଜ୍ ଲିକ୍ ହୋଇଥିଲା । ଏହି ଡାଟା ଜର୍ମାନ୍ ନ୍ୟୁଜ୍ ପେପର ପାନାମା ପେପର୍ସ ନାଁରେ ୩ ଏପ୍ରିଲ ୨୦୧୬ରେ ରିଲିଜ୍ କରିଥିଲା । ଏଥିରେ ଭାରତ ସମେତ ୨୦୦ ଦେଶର ରାଜନେତା, ବିଜନେସ୍ମ୍ୟାନ୍, ସେଲିବ୍ରିଟିଙ୍କ ନାଁ ସାମିଲ ଥିଲା । ଏହି ପାନାମା ପେପର୍ସରେ ୧୯୭୭ରୁ ୨୦୧୫ ଶେଷ ପର୍ଯ୍ୟନ୍ତ ତଥ୍ୟ ଦିଆଯାଇଥିଲା । ଏହି ତାଲିକାରେ ୪ ଶହରୁ ଅଧିକ ଭାରତୀୟଙ୍କ ବିଦେଶରେ ପୁଂଜି ନିବେଶ ଥିବା କଥା ସମ୍ନାକୁ ଆସିଥିଲା । ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଅଭିଷେକ ବଚ୍ଚନ ଓ ଅଜୟ ଦେବଗନଙ୍କ ନାଁ ବି ରହିଥିଲା । ବଡ ବଡ ରାଜନେତା ଓ ସେଲିବ୍ରିଟିଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି । ଏମାନଙ୍କ ଉପରେ ବେଆଇନ୍ ଅର୍ଥ କାରବାର ଅଭିଯୋଗ ହୋଇଥିଲା । ଯାହାକୁ ନେଇ ୨୦୧୭ ମସିହାରୁ ତଦନ୍ତ ଆରମ୍ଭ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ଫରେନ୍ ଏକ୍ସଚେଂଜ୍ ଭାଓଲେସନ୍ ଦର୍ଶାଇ ୨୦୧୭ରୁ ତଦନ୍ତ ଆରମ୍ଭ କରିଛି ଇଡି । ଫଳରେ ବଚ୍ଚନ ପରିବାରକୁ ନୋଟିସ ଜାରି କରି ସେମାନଙ୍କ ବିଦେଶୀ ପୁଂଜି ନିବେଶକୁ ନେଇ ସବିଶେଷ ତଥ୍ୟ ପ୍ରଦାନ କରବାକୁ କୁହାଯାଇଛି । ପାନାମା ପେପର୍ସ ଲିକ ହେବା ପରେ ଏଥିରେ ବଡ ବଡ ସେଲିବ୍ରିଟି, ରାଜନେତାଙ୍କ ନାମ ଥିବା ଖୁଲାସା ହେବା ପରେ ଏନେଇ ତଦନ୍ତ ଆରମ୍ଭ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ଏହି ମାମଲା ସୁପ୍ରିମକୋର୍ଟରେ ବି ପହଁଚିଛି ।

### ଅଶାନ୍ତ ହେଉଛି ଢିଙ୍କିଆ....

ସୀମା ନିର୍ଦ୍ଧାରଣ ପାଇଁ ଯାଇଥିବା ପୋଲିସ ଓ ପ୍ରଶାସନର ଜୋରଦାର ପ୍ରତିବାଦ କରିଛନ୍ତି ଗ୍ରାମବାସୀ । ଗାଁର ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଏକାଠି ହୋଇ ପୋଲିସକୁ ବିରୋଧ କରିଛନ୍ତି । ପାରାଦୀପ ତୈଳ ବିଶୋଧନାଗାରର ପଛପଟ ଢିଙ୍କିଆ ପଞ୍ଚାୟତ ମାହାଳ ଗାଁକୁ ଢିଙ୍କିଆରୁ ଅଲଗା କରି ନୂତନ ଭାବେ ରାଜସ୍ୱ ଗ୍ରାମ କରାଯାଇଛି । ହେଲେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା, ଜେଏସଡବ୍ଲୁର ପ୍ରକଳ୍ପ ପାଇଁ ପ୍ରଶାସନ ଢିଙ୍କିଆ ପଞ୍ଚାୟତରୁ ମାହାଳ ଓ ପାଟଣା ଗାଁକୁ ଅଲଗା ରାଜସ୍ୱ ଗ୍ରାମ କରିବାକୁ ଚକ୍ରାନ୍ତ ଚଳାଇଛି । ଏହାକୁ ସେମାନେ ପ୍ରଥମରୁ ବିରୋଧ କରିଆସୁଛନ୍ତି । ପୂର୍ବରୁ ମଧ୍ୟ ସୀମା ନିର୍ଦ୍ଧାରଣ ପାଇଁ ଅଧିକାରୀ ଆସିଥିବା ବେଳେ ପ୍ରବଳ ବିରୋଧ ଯୋଗୁଁ ଫେରିଯାଇଥିଲେ । ହେଲେ ଏଥର ବ୍ୟାପକ ପୋଲିସ୍ ପ୍ରସ୍ତୁତି ସହ ଆସିଥିଲେ ମଧ୍ୟ ଫଳ ସମାନ ହୋଇଛି । ଗାଁଲୋକଙ୍କ ବିରୋଧ ଯୋଗୁଁ ସୀମା ନିର୍ଦ୍ଧାରଣ କରି ନପାରି ଫେରିଯାଇଛନ୍ତି ଅଧିକାରୀ । ସେପଟେ ପୋଲିସ୍ ଗାଁ ଭିତରେ ପଶି ମାଡ ମାରିବା ସହ ଦୁଇ ଜଣଙ୍କୁ ଉଠାଇ ନେଇଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି ।

### ନିଜ ନିର୍ବାଚନ ମଣ୍ଡଳୀର ରାସ୍ତାକୁ ....

ମନ୍ତବ୍ୟ ବଲିଉଡର ଡ୍ରିମ ଗର୍ଲ ହେମାଙ୍କ ପ୍ରତି ବିବାଦୀୟ ନୁହେଁ ବରଂ ଏହା ତାଙ୍କ ପ୍ରତି ସମ୍ମାନ ବୋଲି ଯୁକ୍ତି ବାଢିଛନ୍ତି ଶିବସେନା ସାଂସଦ ସଞ୍ଜୟ ରାଉତ । ମନ୍ତ୍ରୀ ଜଲଗାଁଓ ଜିଲ୍ଲାର ବୋଧବାଡ ପଞ୍ଚାୟତ ନିର୍ବାଚନ ସମୟରେ ଏକ ବୈଠକକୁ ସମ୍ବୋଧନ କରିବା ବେଳେ କହିଥିଲେ ଯଦି ମୋ ନିର୍ବାଚନ ମଣ୍ଡଳୀର ରାସ୍ତା ହେମା ମାଳିନୀଙ୍କ ଗାଲ ପରି ଚିକ୍କଣ ହୋଇନଥିବ ତାହେଲେ ମୁଁ ଇସ୍ତଫା ଦେଇଦେବି । ଏହି ଆସନରୁ ଦୀର୍ଘ ୩୦ ବର୍ଷ ଧରି ବିଧାୟକ ଥିବା ଏକନାଥ ଖାଡଗେଙ୍କ ଉଦ୍ଦେଶ୍ୟରେ କହିଥିଲେ ମନ୍ତ୍ରୀ ଗୁଲାବରାଓ । ହେଲେ ଏକନାଥଙ୍କୁ ନିଶାନା କରିବାକୁ ଯାଇ ଏବେ ସେ ନିଜର ମନ୍ତବ୍ୟ ପାଇଁ ବିବାଦୀୟ ହୋଇ ପଡିଛନ୍ତି । ତେବେ ବିବାଦ ବଢୁଥିବା ଦେଖି ମହାରାଷ୍ଟ୍ର ମହିଳା ଆୟୋଗର ଅଧକ୍ଷ ରୁପାଲି ଚାକନାକର ମନ୍ତ୍ରୀଙ୍କୁ ଜବାବ ତଲବ କରିଛନ୍ତି । ଆଉ ନିଜ ମନ୍ତବ୍ୟ ପାଇଁ ନିଜେ କ୍ଷମା ମାଗିଛନ୍ତି ମନ୍ତ୍ରୀ ଗୁଲାବ ରାଓ । ସେହିପରି ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଖୋଦ୍ ହେମାମାଳିନୀ ତଥା ବିଜେପି ସାଂସଦ । ସେ ଏହାକୁ ହାଲୁକା ଭାବରେ ନେଇଛନ୍ତି, ଏପରି ଟ୍ରେଣ୍ଡ କିଛି ବର୍ଷ ପୂର୍ବରୁ ଲାଲୁପ୍ରସାଦ ଯାଦବ ଆରମ୍ଭ କରିଥିଲେ ଯାହାକୁ ଅନ୍ୟମାନେ ଅନୁସରଣ କରୁଛନ୍ତି । ତେବେ ଏହା ଅରୁଚିକର ମନ୍ତବ୍ୟ ବୋଲି ସେ କହିଛନ୍ତି ।

### ଦୋହଲିଗଲା ଭାରତୀୟ ....

୨.୦୯ ପ୍ରତିଶତ ହ୍ରାସ ପାଇ ୫୫ ହଜାର ୮୨୨ ଟଙ୍କାରେ ପହଞ୍ଚିଛି । ସେହିପରି ନିଫଟି ୩୭୧ ଅଙ୍କ ହ୍ରାସ ପାଇଛି । ଅର୍ଥାତ ୨.୧୮ ପ୍ରତିଶତ ହ୍ରାସ ପାଇ ୧୬ ହଜାର ୬୧୪ରେ ଟ୍ରେଡିଂ ବନ୍ଦ ହୋଇଛି । ଗୋଟିଏ ଦିନରେ ନିବେଶକ ହରାଇଛନ୍ତି ୬ଲକ୍ଷ ୬୭ ହଜାର କୋଟି ଟଙ୍କା । ଦୁଇଟି ଟ୍ରେଡିଂ ଦିନରେ ମୋଟ ୧୧ ଲକ୍ଷ କୋଟି ହରାଇବା ନିବେଶକଙ୍କ ଚିନ୍ତା ବଢାଇଛି । ବ୍ୟାଙ୍କିଙ୍ଗ୍, ଅଟୋ ସମେତ ପ୍ରାୟ ସବୁ ସେକ୍ଟର ପ୍ରଭାବିତ ହୋଇଛି । ବିଶେଷଜ୍ଞଙ୍କ ମତରେ ଓମିକ୍ରନ ଦ୍ରୁତ ଗତିରେ ବଢୁଥିବାରୁ ବିଶ୍ୱ ବଜାରରେ ଏହାର ପ୍ରଭାବ ପଡ଼ିଛି । ସାଂଘାଇ, ହଂକଂ, ଜାପାନ ଏବଂ ଦକ୍ଷିଣ କୋରିଆରେ ମଧ ବଜାର ତଳ ମୁହାଁ ହୋଇଛି । ଆଗକୁ ଯଦି ଓମିକ୍ରନ ଭୂତାଣୁ ଯୋଗୁଁ ଦ୍ରୁତ ଗତିରେ ସଂକ୍ରମଣ ବୃଦ୍ଧି ହେବ, ତାହେଲେ ବଜାରରେ ଆହୁରି ମାନ୍ଦାବସ୍ଥା ଦେଖିବାକୁ ମିଳିବ ବୋଲି ଆଶଙ୍କା କରାଯାଉଛି ।

### ସୁମିତଙ୍କ ଘର ଗ୍ରିଲ ଭାଙ୍ଗି ....

କହିଛନ୍ତି, ସୁମିତ ନିଖୋଜ ଥିବା ଆମେ କୋର୍ଟଙ୍କୁ ଜଣାଇଛୁ । ସୁମିତ କେଉଁଠି ଅଛନ୍ତି, ନା ପୁଲିସ ଜାଣିଛି ନା ଅନ୍ୟ କେହି । ଏହା ସତ୍ତ୍ୱେ ସୁମିତଙ୍କୁ ଭଡ଼ାଘର ନେଇ ତପସ୍ୱିନୀଙ୍କୁ ରଖିବାକୁ କୁହାଯାଇଛି । ଭଡ଼ା ଘର ନେବା ପର୍ଯ୍ୟନ୍ତ ତପସ୍ୱିନୀ କେଉଁଠି ରହିବେ, କୋର୍ଟ କହିନାହାନ୍ତି । କୋର୍ଟ କିଛି ସ୍ପଷ୍ଟ କରିନଥିବାରୁ, ତପସ୍ୱିନୀ କେଉଁଠି ରହିବେ ସେ ନିଷ୍ପତ୍ତି ସେ ନିଜେ ନେବେ । ସୂଚନାଯୋଗ୍ୟ, ଆଜି ଡାକ୍ତର ସୁମିତ ଓ ତପସ୍ୱିନୀଙ୍କ କିଛି ଫଟୋ ସାମ୍ନାକୁ ଆସିଥିଲା, ଯେଉଁଗୁଡ଼ିକୁ ଭାଇରାଲ ହେଉଛି । ଏହା ତାଙ୍କ ଆବୋର୍ସନ୍ ବେଳର ଫଟୋ ବୋଲି କହିଛନ୍ତି ତପସ୍ୱିନୀ ।

## ଖୋର୍ଦ୍ଧା ଭାଲିବାଡି ହାଟ ପୋଖରୀର ଉନ୍ନତି କେବେ ?

ଖୋର୍ଦ୍ଧା, ୨୦/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ସହର ପାଂଚ ନମ୍ବର ୱାର୍ଡରେ ଥିବା ଭାଲିଆବାଡ଼ି ହାଟ ପୋଖରୀ ପୂନଃ ଉଧାର ହେବ କେବେ ? ଏହି ପୋଖରୀ ଉପରେ ଖୋର୍ଦ୍ଧା ପୌରପରିଷଦର ୱାର୍ଡ ନମ୍ବର୍ ୫,୮,୬,୯,ଓ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ, ତା ପାଖେଇ ଥିବା ବେବସାୟୀ ନିର୍ଭର କରନ୍ତି । କହିବାକୁ ଖୋର୍ଦ୍ଧା ସହର ବାସୀଙ୍କୁ ଲାଜ ଲାଗେ ଖୋର୍ଦ୍ଧା ସହରରେ ସୁଲଭ ଶୌଚାଳୟ ନାହିଁ । ସହର ଭିତରେ ଥିବା ପୋଖରୀ ଅବହେଳିତ ହୋଇ ପଡ଼ିଛି । ଯାହା ଗ୍ରାମଣି ପୋଖରୀ ଠାରୁ ଶହେ ଗୁଣରେ ହୀନ । ଏହି ହେଉଛି ସହରୀ ସଭ୍ୟତା । ଭାଲିବାଡ଼ି ହାଟ ପୋଖରୀ ଉପରେ ପ୍ରାୟେ ୫୦୦୦ ହଜାର ନିର୍ଭର କରନ୍ତି । ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ, ଗାନ୍ଧୀପଡ଼ିଆ, ନବିନାବାଗ , କନିକା ରାଜା ଯାଗାରେ ନୂଆ କାରି ଗଢି ଉଠିବା ଭି,ଆଇ,ପି, ଲୋକ, ଭାଲି ଆବାଡ଼ି ଲୋକ ଏହି ପୋଖରୀ ଉପରେ ଶୁଦ୍ଧ କ୍ରିୟା କରନ୍ତି । ଗରିବ, ସ୍ଥାନୀୟ ୩ ଟି ବଡ଼ ବସ୍ତି ଲୋକ ଏହିପୋଖରି ସ୍ନାନ ଶୌଚ କରନ୍ତି । ଉଠା ଦୋକାନି, ସ୍ଥାନୀୟ ଦୋକାନୀ ଘର ବାହାରେ ଥିବାରୁ ସେଠାରେ ଶୌଚ ହେବାକୁ ଆସନ୍ତି । କାରଣ ସୁଲଭ ଶୌଚାଳୟ ନାହିଁ । ଖୋର୍ଦ୍ଧା ଦୁଇ ବିଧାୟକ ଅମଳରେ ସବୁ କିଛି ହେବା ସ୍ଥଳେ, ଏହି ଭାଲିଆବାଡି ହାଟ ପୋଖରୀକୁ ଅବହେଳିତ କରି ଚାଲିଛନ୍ତି । ହାତୀ ପାଡ଼ିବ ପାଡିବ କହି ତାଙ୍କ ଅମଳ ଗଲାଣି ପୁଣି ଯିବାକୁ ପାଖେଇ ଆସିଲାଣି । ଏହି ପୋଖରୀ ହୁଡ଼ା ଖୋର୍ଦ୍ଧା ସହରର ସୁଲଭ ଶୌଚାଳୟ କାମ ମାଗଣା ପାଲଟି ଯାଇଛି । ଏହି ହେଉଛି ଆମ ସ୍ୱଚ୍ଛ ଭାରତ । ସ୍ୱଚ୍ଛ ଓଡ଼ିଶା ସ୍ୱଚ୍ଛ ଖୋର୍ଦ୍ଧା ପାଇକ ଜିଲ୍ଲା ଓ ସ୍ୱଚ୍ଛ ଖୋର୍ଦ୍ଧା ପୌର ପରିଷଦ । ଖୋର୍ଦ୍ଧା ଏହି ପୋଖରୀ କଡ଼ରେ ଦୁଇଟି VIP ରାସ୍ତା ଯାଇଛି, ବାଟୋଇ, ଗାଡି ମଟର ହେଉ, ଚାଲିକି ଯିବା ଗଲାବେଳେ ଦୁର୍ଗନ୍ଧ ଏପରି ହୁଏ ନାକରେ ହାତ ଦେଇ ଯିବା କଷ୍ଟ । ଆଉ ଯେଉଁ ମାନେ ଏହି ଠାରେ ଘର କରିଛନ୍ତି କେତେ ନିଜକୁ VIP କହି ସଭା ସମିତିରେ ମଞ୍ଚରେ ବସି ଭାଷଣ ଦିଅନ୍ତି ମାତ୍ର ଏହି ପୋଖରୀ କଥା କହନ୍ତି ନାହିଁ । ଏମାନେ ଗ୍ରାମରୁ ଉଠି ଆସି ସହରୀ ସଭ୍ୟତାରେ ତ୍ରିତାଲା କୋଠା କରି ଅଛନ୍ତି । ପ୍ରାୟ ଗାଁସହ ସମ୍ପର୍କ ତୁଟାଇ ଦେଇଛନ୍ତି । ତାଙ୍କର କିଏ ମଲେ ଟଙ୍କା ଅଛି ପୁରୀ ସ୍ୱର୍ଗଦ୍ୱାର ଅଛି ଦାହ କରନ୍ତି । ମାତ୍ର ଶୁଦ୍ଧ କ୍ରିୟାପାଇଁ ଏହି ସହରୀ ପୋଖରୀରେ ନିର୍ଭର କରନ୍ତି । ସେତେବେଳକୁ କହନ୍ତି କି ଅସନା ହୋଇଛି ତାପରେ ଚୁପ୍ । ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ତାଙ୍କ ଯନ୍ତ୍ରୀ ଆଖିକୁ କ'ଣ ଦେଖା ଯାଏ ନାହିଁ । ଏହି ଆମ ସ୍ୱଚ୍ଛ ଭାରତ । ବହୁ ବାର ସ୍ଥାନୀୟ ପ୍ରଶାନକୁ ଓ ରାଜନେତାଙ୍କୁ କେହି ଜଣେ ସାମ୍ବାଦିକ ଓ ବରିଷ୍ଠ ନାଗରିକ କହିଲେଣି ବହୁବାର ଓ ଲେଖିଲେଣି ମାତ୍ର କାର୍ଯ୍ୟର ପରିଣାମ ଶୂନ୍ୟ ।

## ଓମିକ୍ରନ ପ୍ରତିରୋଧକ.......

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସମସ୍ତଙ୍କ ଭାଗ୍ୟ ଭବିଷ୍ୟତ କେଉଁ ଠାରେ ଲୁଚି ରହିଛି, ତାହା କେହି ଜାଣିନାହିଁ । କିନ୍ତୁ ଯଦି ଆମେ ଆମ ଶରୀରର ଆ ିବଡି ଗୁଡ଼ିକୁ ଅଣଦେଖା କରୁ, ଏହା ସମସ୍ତଙ୍କ ପାଇଁ କିଛି ଖରାପ ଖବର ହୋଇପାରେ । ପ୍ରାରମ୍ଭରେ, କିଛି ଅଧ୍ୟୟନ ଆସୁଛି । କୁହାଯାଏ, ଯଦି ଓମିକ୍ରନରେ ସଂକ୍ରମିତ ହେବା ପୂର୍ବରୁ ଯଦି କେହି କରୋନାରେ ସଂକ୍ରମିତ ହୁଅନ୍ତି, ତେବେ ପୁନର୍ବାର ସଂକ୍ରମଣ ହେବାର ଆଶଙ୍କା ରହିଛି । ଏହି ପ୍ରସଙ୍ଗଟି ମଧ ବିବାଦ ଘେରରେ ରହିଛି ।

କିନ୍ତୁ, ଦେଖାଯାଉଛି ଯେ ଟିକା ପାଇବା ପରେ ଅନେକ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି । ଏହାର କାରଣ ହେଉଛି ଯେ ବ ର୍ମାନ ପର୍ଯ୍ୟନ୍ତ ବଜାରକୁ ଆସିଥିବା ଟିକା କରୋନା ଷ୍ଟ୍ରେନ୍ ପ୍ରତି ସତର୍କତା ଭାବରେ କାର୍ଯ୍ୟ କରିଛି କିନ୍ତୁ ଏକ ନିର୍ଦ୍ଦିଷ୍ଟ ପ୍ରକାର ପାଇଁ ବିକଶିତ ହୋଇନାହିଁ । ଫଳସ୍ୱରୂପ, କେତେକଙ୍କୁ ଏହାର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇଛନ୍ତି । କିନ୍ତୁ ଓମିକ୍ରନ୍ କ୍ଷେତ୍ରରେ କ'ଣ ଘଟୁଛି ତାହା ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡିବ । ତଥାପି, ଜଣେ ଅନୁସନ୍ଧାନକାରୀ ଭାବରେ, କୁହାଯାଇପାରେ ଯେ ଓମିକ୍ରନ୍ ପାଇଁ ଆମକୁ ଆଉ ଏକ ନୂତନ ଟିକା ଦରକାର ନାହିଁ । କାରଣ, ଓମିକ୍ରନ୍ ସଂକ୍ରମଣର ପ୍ରାଦୁର୍ଭାବ ବଢ଼ିଥିବା ବେଳେ ପ୍ରତିରୋଧ ଟିକା ସେହି କ୍ଷେତ୍ରରେ ଭଲ ଭାବରେ କାର୍ଯ୍ୟ କରିବ । ତେଣୁ ଯଦି କେହି ପୁନର୍ବାର ସଂକ୍ରମିତ ହୁଅନ୍ତି , ତେବେ ପୂର୍ବରୁ ନେଇ ଥିବା ଟୀକା ସୁରକ୍ଷା ଯୋଗାଇବ ।

ଏହି ସମୟ ମଧ୍ୟରେ, ଟିକା ଉତ୍ପାଦନକାରୀମାନେ ଟୀକା ବିକଶିତ କରିବା ପାଇଁ ପଦକ୍ଷେପ ନେଉଛନ୍ତି ଯାହା ଆ ିମିକ୍ରୋବିଆଲ୍ ପ୍ରତିରୋଧକ । ଓମିକ୍ରନ୍ ର ପ୍ରଭାବ ଦେଖିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ । ଓମିକ୍ରନ୍ ଆସିବ, ତା'ର ସହଚର ଭାଇଭଉଣୀମାନେ ଆସିବେ । କଥା ହେଉଛି, ଯେପର୍ଯ୍ୟନ୍ତ ବିଶ୍ୱର ପ୍ରତ୍ୟେକ ନାଗରିକ ଟୀକାକରଣ ନକରନ୍ତି, ସେ ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ବିଶ୍ୱ ନେତୃବୃନ୍ଦ ସେମାନଙ୍କର ସୀମା ବନ୍ଦ କରନ୍ତୁ କିମ୍ବା ଖୋଲନ୍ତୁ, ଯେପର୍ଯ୍ୟନ୍ତ ସେମାନେ ଗରିବ ରାଷ୍ଟ୍ରମାନଙ୍କୁ ପ୍ରଚୁର ପରିମାଣରେ ଟିକା ଯୋଗାଇ ନାହାଁନ୍ତି । ଆମୀରନ୍ଙ୍କ ପରି ଏହା ନିଶ୍ଚିତ ଆଗକୁ ଆସିବ । ତେଣୁ, ଯଥାଶୀଘ୍ର ସେମାନେ ଟିକାଗୁଡ଼ିକର ସନ୍ତୁଳିତ ବ ନକୁ ନିଶ୍ଚିତ କରିବା ଉଚିତ୍ । ଯଦିଓ ଟୀକାକରଣ କରାଯାଏ, ତଥାପି ସମସ୍ତେ ସ୍ୱଚ୍ଛତାର ଭାବପୂର୍ଣ୍ଣ ସଂସ୍କୃତି ସୃଷ୍ଟି କରିବା ଉଚିତ୍ ।

ମନେରଖନ୍ତୁ, ଟୀକା ଆପଣଙ୍କୁ ୧୦୦% ସୁରକ୍ଷା ଦେବ ନାହିଁ । ତେଣୁ ସଂକ୍ରମଣକୁ ରୋକିବା ପାଇଁ ମାସ୍କ ବ୍ୟବହାର କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ତା' ସ େ ସରକାରଙ୍କ ନିର୍ଦ୍ଦେଶ ମାନି ଏକତ୍ରିତ ନହେବା, ଜନଗହଳି ଠାରୁ ଦୂରେଇ ରହିବା, କୌଣସି କାର୍ଯ୍ୟ ନଥାଇ ବାହାରକୁ ନଯିବା ଉଚିତ୍ । ସାମାଜିକ ଅଧିକାରର ସୁରକ୍ଷା ପାଇଁ କୌଣସି ବିକଳ୍ପ ନାହିଁ । ଓମିକ୍ରନ୍ ଶକ୍ତିଶାଳୀ କିମ୍ବା ନିଷ୍କ୍ରିୟ ହେଉ, ସମସ୍ତଙ୍କ ପାଇଁ ଟୀକାକରଣ ନିଶ୍ଚିତ ନହେବା ପର୍ଯ୍ୟନ୍ତ ସରକାର ସ୍ୱଚ୍ଛତା ପ୍ରତି କଠୋର ଆଚରଣ କରିବା ଆବଶ୍ୟକ ।

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦୧୫୧୪୭୫

# ରାସନକାର୍ଡ ସମସ୍ୟା ନେଇ ଖଜୁରୀପଡା ବ୍ଲକରେ ଆନ୍ଦୋଳନ

କନ୍ଧମାଳ, ୨୦/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକର ୧୪ ଗୋଟି ଗ୍ରାମପଂଚାୟତରେ ବର୍ତ୍ତମାନ ସୁଦ୍ଧା ପ୍ରାୟତଃ ତିନି ହଜାରରୁ ଅଧିକ ଲୋକଙ୍କ ରାସନକାର୍ଡରେ ନାମ ସଂଯୋଗ ହୋଇନଥିବା ବେଳେ ସେମାନେ ବର୍ଷ ବର୍ଷ ଧରି ରାସନ ସାମଗ୍ରୀ ପାଇବାରୁ ବଂଚିତ ଅଛନ୍ତି । ସେହିଭଳି ଅନେକ ମହିଳାଙ୍କ ଅଭିଯୋଗ ପ୍ରକାରେ ସେମାନଙ୍କ ବିବାହ ପରେ ପିଲାଛୁଆଙ୍କୁ ୪ ବର୍ଷ ହେଲାଣି ଅଥଚ ଏଯାଏଁ ସେମାନଙ୍କ ନାମ ରାସନକାର୍ଡରେ ସଂଯୋଗ ହେଉନାହିଁ କିମ୍ବା କୌଣସି ରାସନ ସାମଗ୍ରୀ ମଧ୍ୟ ମିଳୁନାହିଁ । ଏଭଳି ସମସ୍ୟା ସମସ୍ତ ଅଂଚଳରେ ରହୁଥିବା ବେଳେ କ୍ଷତିଗ୍ରସ୍ତ ହିତାଧିକାରୀ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ପହଂଚିବା ସହ ନିଜର କାଗଜପତ୍ର ଯୋଗାଣ ବିଭାଗରେ ଦେଉଛନ୍ତି । କିନ୍ତୁ ଏଯାଏଁ ସେମାନଙ୍କ ଦୁଃଖ ଶୁଣିବାକୁ ସରକାରୀ ସ୍ତରରେ କୌଣସି ଉଦ୍ୟମ ହେଉନଥିବା ଜଣାପଡିଛି । ଗୋଟିଏ ପଟେ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ଘୋଷଣା ଚାଲୁଥିବା ବେଳେ ଗୋଟିଏ ବ୍ଲକରେ ହଜାର ହଜାର ଭୋକିଲାଙ୍କ ଲମ୍ବା ତାଲିକା ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏହି ରାସନକାର୍ଡ ସମସ୍ୟା ରହିଥିବା ବେଳେ ଆଜି ଖଜୁରୀପଡା ବ୍ଲକ ବିଜେପି ତରଫରୁ ଶହଶହ କ୍ଷତିଗ୍ରସ୍ତ ହିତାଧିକାରୀ ମାନଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯିବା ସହ ଯୋଗାଣ ବିଭାଗ ଅଧିକାରୀଙ୍କୁ ସଂଯୋଗ ହେବାକୁ ଥିବା ରାସନକାର୍ଡ ଏବଂ ଆଧାରକାର୍ଡ ଆଦି ପ୍ରଦାନ କରାଯାଇଛି । ଏହି ଆନ୍ଦୋଳନ ଖଜୁରୀପଡା ବିଜେପି ମଣ୍ଡଳ ସଭାପତି ଦଶରଥ ସାହୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ବଲସକୁମ୍ପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ଜିଲ୍ଲା ବିଜେପି ଅନୁସୂଚିତ ଜାତିମୋର୍ଚ୍ଚା ସଭାପତି ଅନନ୍ତ କୁମାର ଦିଗାଲ ଅନୁସୂଚିତ ଜନଜାତି ମୋର୍ଚ୍ଚା ସମ୍ପାଦକ ସୁବାଷ ଯାନୀ ଖଜୁରୀପଡା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରାଇକିଶୋର ପ୍ରଧାନ କେଦାରଗୌରୀ ସାହୁ ଗୋଲକ ବିହାରୀ ମଲିକ ଙ୍କ ସହ ବହୁ ବିଜେପି କର୍ମୀ ଏବଂ ଶତାଧିକ ରାସନକାର୍ଡ ସମସ୍ୟାରେ କ୍ଷତିଗ୍ରସ୍ତ ହିତାଧିକାରୀ ଆନ୍ଦୋଳନରେ ସାମିଲ୍ ହୋଇ ନିଜର ହକ୍ ପାଇଁ ଲଢେଇ କରିଥିଲେ । ଗୋଷ୍ଠୀ ଯୋଗାଣ ବିଭାଗ ଅଧିକାରୀ ସମରେଶ ଦାସ ବାଦ ପଡିଥିବା ହିତାଧିକାରୀ ଙ୍କ ସମସ୍ୟାକୁ ସ୍ୱୀକାର କରିଥିବା ବେଳେ ଖୁବଶୀଘ୍ର ଆମେ ସରକାରୀ ସ୍ତରରେ ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ ।

## ଲକ୍‌ଡାଉନ୍‌ରେ ଏକ୍ସପାରୀ ହୋଇଥିବା ସିଜନ୍ ଟିକେଟ୍‌ର ବୈଧତା ବୃଦ୍ଧି

ଭୁବନେଶ୍ୱର, ୨୦/୧୨ (ନି.ପ୍ର): କୋଭିଡ ତାଲା ବନ୍ଦ ସମୟରେ ବୈଧତା ଶେଷ ହୋଇଥିବା ବିଭିନ୍ନ ବର୍ଗର ଯାତ୍ରୀଙ୍କ ପାଇଁ ମାସିକ ଓ ତ୍ରୟୋମାସିକ ସିଜନ୍ ଟିକେଟ୍ ଗୁଡ଼ିକର ବୈଧତା ବୃଦ୍ଧି କରିବା ପାଇଁ ରେଳ ମନ୍ତ୍ରଣାଳୟ ଅନୁମତି ଦେଇଛି । ଏହାକୁ ଦୃଷ୍ଟିରେ ରଖି ତାଲା ବନ୍ଦ ସମୟରେ ଶେଷ ହୋଇଥିବା ସିଜିନ ବୈଧତାକୁ ପୂର୍ବତଟ ରେଳପଥ ଡିସେମ୍ବର ମାସ ୧୦ ତାରିଖ ଠାରୁ ଲାଗୁ କରିଛି ଯାହାକି ଯାତ୍ରୀ ମାନଙ୍କର ତାଲା ବନ୍ଦ ସମୟରେ ଯାତ୍ରା କରି ପାରିନଥିବା ଅବଶିଷ୍ଟ ଦିନ ଗୁଡ଼ିକୁ ବୃଦ୍ଧି କରାଯାଇଛି ।

# 'କଳାକାର'ର ଶିଶୁ ନାଟକ ମହୋତ୍ସବ ୨୩ରୁ




ବାଲେଶ୍ୱର,୨୦/୧୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ନାଟ୍ୟ ଅନୁଷ୍ଠାନ 'କଳାକାର' ପକ୍ଷରୁ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେଉଥିବା ୨୨ତମ ଶିଶୁ ନାଟକ ମହୋତ୍ସବର ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହା ସ୍ଥାନୀୟ ଟାଉନହଲ ପରିସରରେ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସହରର ମଲିକାଶପୁର ସ୍ଥିତ ସ୍ୱର୍ଗତ ଅରୁଣ ଦେଙ୍କ ବାସଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ 'କଳାକାର' ଅନୁଷ୍ଠାନର କର୍ମକର୍ତ୍ତାମାନେ ଶିଶୁ ନାଟକ ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ମହୋତ୍ସବରେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜରୁ ୧୫ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ । କୋଭିଡ କଟକଣା ମଧ୍ୟରେ ପ୍ରତି ସଂଧ୍ୟା ୫ଟାରୁ ନାଟକ ଆରମ୍ଭ ହୋଇ ରାତି ୯ଟା ପର୍ଯ୍ୟନ୍ତ ଚାଲିବ । ଏହି ମହୋତ୍ସବରେ ଅଂଶଗ୍ରହଣକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଯାତାୟାତ ଖର୍ଚ୍ଚ ସାଙ୍ଗକୁ ରହିବା, ଖାଇବା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଅଟକଳ ୩,୮୫,୦୦୦ ଟଙ୍କା ରହିଥିବା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁରଞ୍ଜନ ଦାସ ମହାପାତ୍ର ସୂଚନା ଦେଇଛନ୍ତି । ପ୍ରତିଯୋଗିତା ପରିବର୍ତ୍ତେ ଏହାକୁ ଶିଶୁନାଟକ ମହୋତ୍ସବ ଭାବେ ଗ୍ରହଣ କରାଯାଇଥିବା ବେଳେ ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳକୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ସଂସ୍କୃତି ତଥା କଳାସମ୍ପନ୍ନ ବାଲେଶ୍ୱର ଜିଲାର ପୂର୍ବ ଗରିମାକୁ ବଜାୟ ସାଙ୍ଗକୁ ମଞ୍ଚନାଟ୍ୟ କାଳାକୁ ଉଜ୍ଜୀବିତ ରଖିବା ପାଇଁ ଦୀର୍ଘ ୨୧ ବର୍ଷ ଧରି 'କଳାକାର' ତା'ର ଏହି ପରମ୍ପରା ଜାରି ରଖିଛି । କରୋନା ସତ୍ତ୍ୱେ ଚଳିତ ବର୍ଷ ଆୟୋଜିତ ହେବାକୁ ଯାଉଥିବା ଏହି ମହୋତ୍ସବକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ 'କଳାକାର'ର ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ଉପ-ସଭାପତି ରାଜକିଶୋର ବେହେରା, ବରିଷ୍ଠ ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# 'ଚାଲ ଫେରିଯିବା' ଓ 'କିଛି କଥା ବାକିଥାଉ' ଉନ୍ମୋଚିତ



ଭୁବନେଶ୍ୱର,୨୦/୧୨ (ନି.ପ୍ର): କବୟିତ୍ରୀ ଶ୍ୱେତା ରାଉତଙ୍କ ଦୁଇଟି କବିତା ପୁସ୍ତକ 'ଚାଲ ଫେରିଯିବା' ଓ 'କିଛି କଥା ବାକିଥାଉ' ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ଲୋକପ୍ରିୟ ପାରିବାରିକ ପତ୍ରିକା 'କାଦମ୍ବିନୀ'ର କାର୍ଯ୍ୟାଳୟ ପରିସରରେ ଏକ ଉନ୍ମୋଚନ କାର୍ଯ୍ୟକ୍ରମ ଗତ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା । 'କାଦମ୍ବିନୀ'ର ସଂପାଦିକା ଡ. ଇତି ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ବିଜୟ ନାୟକ, ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା କବି ରଂଜନ କୁମାର ଦାସ ଓ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ 'କିଛି କଥା ବାକିଥାଉ'ର ପ୍ରକାଶକ ବନୋଜ ତ୍ରିପାଠୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, କବୟିତ୍ରୀ ଶ୍ୱେତା ରାଉତଙ୍କ ଉକ୍ତ ଦୁଇଗୋଟି ସଂକଳନର ପ୍ରକାଶକ ହେଉଛନ୍ତି ପଶ୍ଚିମା ପବ୍ଲିକେଶନ୍ ଓ ପକ୍ଷୀଘର ପ୍ରକାଶନୀ ।

# ଧାନମଣ୍ଡି ନ ଖୋଲିବାକୁ ନେଇ ରସାଳପୁର ଚାଷୀଙ୍କ ରାସ୍ତାରୋକ ଚେତାବନୀ

ବାଲେଶ୍ୱର,୨୦/୧୨ (ନି.ପ୍ର): ସମବାୟ କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଧାନ ବିକ୍ରି ଚିନ୍ତାରେ ବାଲେଶ୍ୱର ଜିଲାର ପଞ୍ଜୀକୃତ ଚାଷୀ । ଧାର୍ଯ୍ୟ ସଂଖ୍ୟକ ଧାନମଣ୍ଡିରୁ ଅଦ୍ୟାବଧି ମାତ୍ର ୫ ପ୍ରତିଶତ ଖୋଲି ଥିବା ବେଳେ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି ପାଇଁ ଜିଲାପାଳ ଓ ଯୋଗାଣ ବିଭାଗ ଅଧିକାରୀଙ୍କଠାରେ ଆପତ୍ତି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରସାଳପୁର ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ପଞ୍ଜୀକରଣ କରିଥିବା ଚାଷୀମାନେ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ୮ ଦିନ ଧରି ଆନ୍ଦୋଳନ ଚାଲିଥିବା ବେଳେ ସରକାର କିମ୍ବା ପ୍ରଶାସନ କିଛି ପଦକ୍ଷେପ ନ ନେବା ଫଳରେ ଧାନବିକ୍ରି ପାଇଁ ଚାଷୀଙ୍କୁ ବାରଦ୍ୱାର ହେବାକୁ ପଡୁଛି । ଅନ୍ୟପକ୍ଷରେ ଟୋକନ ପାଇଥିବା ଚାଷୀ ଥରକରେ ୭୫ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଜିଲା ପ୍ରଶାସନ ତାହା ୫୦ କ୍ୱିଣ୍ଟାଲକୁ ହ୍ରାସ କରିଛନ୍ତି । ଏହା ଦ୍ୱାରା ଟୋକନ ଅବଧି ଶେଷ ହୋଇଯାଉଥିବା ବେଳେ ଚାଷୀଟି ବାକି ଧାନ ବିକ୍ରି କରି ନପାରି ବେପାରୀଙ୍କୁ ବହୁତ କମ ମୂଲ୍ୟରେ ଯଚାଇ ଦେଉଛି ବୋଲି ରସାଳପୁର ଚାଷୀମାନେ ଆପତ୍ତି କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ମଣ୍ଡି ଖୋଲିବା ସହ ସରକାରୀ ନିର୍ଦ୍ଦେଶାନୁସାରେ ଧାନ କିଣା ନଗଲେ ରସାଳପୁରଠାରେ ସଲଟ ରୋଡ଼ ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଚିତ୍ତରଞ୍ଜନ ପାଣିଗ୍ରାହୀ, ହରିଶ୍ଚନ୍ଦ୍ର ଦାସ, ରବୀନ୍ଦ୍ର ଘଡ଼େଇ, ସୁଶାନ୍ତ କୁମାର ପାଣି, ସୁବାସ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳଗିରିରେ ନୂତନ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ନୀଳଗିରି, ୨୦/୧୨ (ନି.ପ୍ର): ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଅବସର ନେବା ପରେ କିଛି ଦିନ ଧରି ଉପଜିଲ୍ଲାପାଳ ପଦବୀ ଖାଲି ପଡ଼ିଥିଲା । ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ଜଳେଶ୍ୱର ବ୍ଲକର ବି.ଡି.ଓ. ଦୀପ୍ତିରଂଜନ ସେଠୀ ଙ୍କୁ ଉପଜିଲ୍ଲାପାଳ ଭାବେ ନୀଳଗିରିକୁ ନିର୍ଦ୍ଦେଶ ଦେଇଥିବା ବେଳେ ସୋମବାର ଦିନ ୧୧ଟା ସମୟରେ ନୀଳଗିରି ଆସି ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ ବହୁ ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି । ଶ୍ରୀଯୁକ୍ତ ସେଠୀ ୨୦୧୦ ବ୍ୟାଚର ଓ.ଏ.ଏସ. ଅଟନ୍ତି । ନୀଳଗିରିର ସର୍ବାଙ୍ଗୀନ ଉନ୍ନତି, ବିଭିନ୍ନ ସମସ୍ୟା ଉପରେ ନୀଳଗିରି ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୪୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# 'ମୋନା'ପକ୍ଷରୁ ଦିବଂଗତ ଡାକ୍ତର ସୁପ୍ରଭା ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୦/୧୨ (ନି.ପ୍ର): ଦିବଂଗତ ଖ୍ୟାତନାମା ସ୍ତ୍ରୀରୋଗ ବିଶେଷଜ୍ଞ ତଥା ବିଶିଷ୍ଟ ସମାଜସେବୀ ଡାକ୍ତର ସୁପ୍ରଭା ଦାସଙ୍କ ବିୟୋଗରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ଆଇନଜୀବୀ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ । ପ୍ରଫେସର ଡ. ପ୍ରହ୍ଲାଦ ଚରଣ ମହାନ୍ତି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡାକ୍ତର ସୁପ୍ରଭା ଦାସ ଓ ତାଙ୍କ ସ୍ୱାମୀ ଅମରେନ୍ଦ୍ର ଦାସ ଉଭୟଙ୍କ ତ୍ୟାଗମୟ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସେ ଜଣେ ଉତ୍ସର୍ଗୀକୃତ ସେବକ ତଥା ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ବୋଲି ଡ. ମହାନ୍ତି କହିଥିଲେ । ମୋନାର ସାଧାରଣ ସମ୍ପାଦିକା ମମତା ମହାପାତ୍ର ସୁପ୍ରଭା ଦେବୀଙ୍କ ସହ ବାଲ୍ୟକାଳରେ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତି ମନେ ପକାଇଥିଲେ । ଉପ-ସଭାପତି ଡ. କ୍ଷୀତିଶ୍ୱର ଦାଶ, ସମାଜସେବୀ ଅଞ୍ଜଳି ପଣ୍ଡା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୁବ୍ରତ କର, ବେଣୁଧର ସାହୁ, କମଳାକାନ୍ତ ଦାଶ, ଶଶାଙ୍କ ଶେଖର ଦତ୍ତ, ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ରବି କୁମାର ପାଣଗ୍ରାହୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ହିମାଂଶୁ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ସୁପ୍ରଭା ଦେବୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶାର ଦ୍ୱିତୀୟ ବାଚସ୍ପତି ନନ୍ଦକିଶୋର ଦାସଙ୍କ ଝିଆରୀ ତଥା ସ୍ୱାଧୀନତା ସଂଗ୍ରାମୀ ପରିବାରର ବୋହୂ ଭାବରେ ସେ ରମା ଦେବୀ, ମାଳତି ଚୌଧୁରୀ, ନବକୃଷ୍ଣ ଚୌଧୁରୀ ଓ ତାଙ୍କ ମଉସା ରବୀନ୍ଦ୍ର ମୋହନ ଦାସଙ୍କ ଆଦର୍ଶକୁ ଗ୍ରହଣ ସହ ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିଲେ ବୋଲି ବକ୍ତାମାନେ କହିଥିଲେ । ଶିକ୍ଷାରପ୍ରସାର, ନିଶା ନିବାରଣ, ନାରୀ ଚାଲାଣ ବିରୋଧରେ ଓ ନାରୀମାନଙ୍କୁ ସଶକ୍ତ କରିବାରେ ସେ ସର୍ବଦା ଚେଷ୍ଟିତ ଥିଲେ । ନିଜର ସମସ୍ତ ସମ୍ପତ୍ତି 'ଲୋକସେବକ ମଣ୍ଡଳ'କୁ ଦାନ କରି ଦେଇଥିଲେ । ଶେଷରେ ନିଜର ଶରୀରକୁ ଦାନ କରି 'ସମାଜ' ପକ୍ଷରୁ 'ଦଧିଚି' ସମ୍ମାନରେ ସମ୍ମାନିତ ହୋଇଥିଲେ ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ବେଲଦା ୯ଷ୍ଟାର ବିଜୟୀ

ଜଳେଶ୍ୱର, ୨୦/୧୨(ନିପ୍ର): ଓଡିଶାର ଜଳେଶ୍ୱର ଓ ପଶ୍ଚିମବଂଗର ଦାନ୍ତୁନ ଥାନା ଅଙ୍ଗାଙ୍ଗିଭାବେ ଯୋଡି ହୋଇଥିବାରୁ ଏହାର ଭାଇଚାରା, ବନ୍ଧୁତ୍ୱ ଏପରିକି ବୈବାହିକ ସମ୍ପର୍କ ଲାଗି ରହିଥାଏ । ପ୍ରତିବର୍ଷ ଉପାନ୍ତ ଅଂଚଳଗୁଡିକରେ ଆନ୍ତରାଜ୍ୟ ଖେଳ ଅନୁଷ୍ଠିତ ହୁଏ । ଏବେ ଜଳେଶ୍ୱର ପୌରପରିଷଦର ଶାନ୍ତିଆଠାରେ ଚଣ୍ଡିମାତା କ୍ଲବ ପକ୍ଷରୁ ଦିବାରାତ୍ର ସର୍ଟବାଉଣ୍ଡାରୀ ସୀମିତ ଓଭର ଖେଳ ଅନୁଷ୍ଠିତ ହୋଇ ଯାଇଛି । ଦିନିକିଆ ଏହି ଖେଳକୁ ସମାଜସେବୀ ପ୍ରବୀର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଗ୍ରାମ୍ୟକମିଟି ସଭାପତି ସିତାଂଶୁ ସେନାପତି ସଭାପତିତ୍ୱ କରିଥିଲେ । ଉଦ୍‌ଯାପିତ ଉତ୍ସବରେ ପାଲ ଇଭି ମୋଟର୍ସର ମ୍ୟାନେଜର ସନ୍ତୋଷ କୁମାର ପରିଡାଙ୍କ ସଭାପତିତ୍ୱରେ ରାଜଇଲେକ୍ଟ୍ରୋନିକସ୍‌ର ମାଲିକ ଗିରିଜା ଶଂକର ଦାସ ମୁଖ୍ୟଅତିଥିଭାବେ ଯୋଗ ଦେଇ ଖେଳରୁ ମେଳି ଓ ବଂଧୁତ୍ୱ ସୃଷ୍ଟି ହୁଏ । ଦୁଇ ରାଜ୍ୟର ଐତିହ୍ୟ, ପରମ୍ପରା, ସଂସ୍କୃତି ଉପାନ୍ତ ଅଂଚଳରେ ସମାନ ରହିଥିବାରୁ ବିଭିନ୍ନ ଆନ୍ତରାଜ୍ୟ ଖେଳ ଓ ପ୍ରଦର୍ଶନୀ ହୋଇ ଆସୁଛି ବୋଲି କହିଥିଲେ । ଏହି ଖେଳରେ ପଶ୍ଚିମବଂଗର ଦାନ୍ତୁନ ଷ୍ଟାର, ବେଲଦା ୯ଷ୍ଟାର, ଶଙ୍କରପୁର କିଂ ଓ ଓଡିଶାର ତେଘରୀ ଟିମ୍, ଷ୍ଟେସନବଜାର ୯ଷ୍ଟାର, ନଛିମପୁର ନିଳେଶ୍ୱର କ୍ରିକେଟଟିମ୍, ଅଗ୍ରୱାଲା ଟିମ୍ ଓ ରାଜପୁର କ୍ରିକେଟ ଟିମ୍ ଏଥିରେ ଅଂଶ ଗ୍ରହଣ କରିଥିଲେ । ବିଳମ୍ବିତ ରାତିରେ ବେଲଦା ୯ଷ୍ଟାର ଓ ତେଘରୀ ରାଜନନ୍ଦିନୀ କ୍ରିକେଟ ଟମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ବେଳେ ଉପାନ୍ତ ଅଂଚଳର ବହୁ ବ୍ୟକ୍ତି ଉପଭୋଗ କରିଥିଲେ । ବେଲଦା ୯ଷ୍ଟାର ଚମ୍ପିଆନ୍ ହୋଇ ନଗଦ ୪୪୪୪ ଟଙ୍କା ଓ ଟ୍ରଫି ଓ ତେଘରୀ ରାଜନନ୍ଦିନୀ ଟିମ୍ ରନର୍ସ ହୋଇ ନଗଦ ୩୩୩୩ ଟଙ୍କା ଓ ଟ୍ରଫି ହାସଲ କରିଥିଲେ । ଏହି ଖେଳକୁ କ୍ଲବର ସଭାପତି ଲକ୍ଷ୍ମୀଧର ବାଗ, ଅମୂଲ୍ୟ ଅଣ୍ଡିଆ, ସଂପାଦକ ରାଜେଶ୍ୱର ଅଣ୍ଡିଆ, ପ୍ରକାଶଚନ୍ଦ୍ର ଦାସ ପ୍ରମୁଖଙ୍କ ସହିତ କାଳିପୂଜା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ ।

## ଶୀତରେ ଥରୁଛି ନୀଳଗିରି : ନିଆଁ ହୁଳା ହିଁ ସାହା ଭରସା

ନୀଳଗିରି, ୨୦/୧୨ (ନି.ପ୍ର): ଦୁଇ ଦିନ ଧରି ଶୀତର ପ୍ରକୋପ ଏତେ ମାତ୍ରାରେ ବଢ଼ି ଚାଲିଛି ଯେ ସାଧାରଣ ଜନତା ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି । ନୀଳଗିରିରେ ଶୀତର ଲହରୀ ଯୋଗୁଁ ବୃଦ୍ଧବୃଦ୍ଧାମାନେ ଥରୁ ଥିବାର ଦେଖିବାକୁ ମିଳିଛି । ନୀଳଗିରି ସହରକୁ ଆସୁଥିବା ସାଧାରଣ ଜନତା ଜ୍ୟାକେଟ, କ୍ୟାପ, ଗ୍ଲୋବସ ପିନ୍ଧି ଆସୁଥିବା ବେଳେ ସନ୍ଧ୍ୟା ସମୟରେ ଠାବେ ଠାବେ ଲୋକମାନେ ନିଆଁ ହୁଳା ଜାଳି ବସିଛନ୍ତି । ଶୀତର ପ୍ରକୋପ ଏତେ ମାତ୍ରାରେ ବଢ଼ି ଚାଲିଥିବା ବେଳେ ରାତି ୭ଟା ବେଳକୁ ଘରର ଝରକା କବାଟ ବନ୍ଦ କରି ରହୁଛନ୍ତି ।

## ଭୁବନେଶ୍ୱରରୁ ଆଉ ୮୦ ପଜିଟିଭ୍

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୬୨ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୬୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୨୯୫୬କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୦୮୨୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୦୯୪ ରେ ପହଂଚିଛି ।

# ଧାନଖଳାରୁ ଧାନ କିଣା ଓ ଋଷ ଋଣ ଛାଡ଼ ଦାବିରେ ସମିତି ଆଗରେ ଗଣଧାରଣା

ନୀଳଗିରି, ୨୦/୧୨ (ନି.ପ୍ର): ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରେ ଋଷୀମାନେ ଧାନକ୍ରୟ ପାଇଁ ଟୋକନ ପାଇଥିବା ବେଳେ ଏଯାବତ୍ ଋଷୀମାନଙ୍କ ଠାରୁ ଧାନ କ୍ରୟ ନ କରିବା ଏବଂ ଜୱାଦ ଓ ଲଘୁଋପ ବର୍ଷାରେ ନୀଳଗିରି ଉପଖଣ୍ଡରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ତୁରନ୍ତ ଋଣ ଛାଡ଼ ଦାବୀରେ ଶତାଧିକ ଋଷୀ ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତି ଆଗରେ ଧାରଣାରେ ବସିଛନ୍ତି । ୨୦/୧୨/୨୧ରିଖ ଠାରୁ ଧାନ କିଣିବା ଦାବୀରେ ଏକ ଦସ୍ତଖତ ସମ୍ବଳିତ ଦାବୀପତ୍ର ଏ.ଆର.ସି.ଏସ.ଙ୍କୁ ପ୍ରଦାନ କରାଯାଇଥିବା ବଳେ କୌଣସି ସୁଫଳ ନ ମିଳିବାରୁ ଋଷୀମାନେ ଗଣଧାରଣାରେ ବସିଛନ୍ତି । ଏ ନେଇ ଏ.ଆର.ସି.ଏସ.ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଧାରଣାରେ ଋଷୀ ନେତା କୈଳାସ ପଣ୍ଡା, ନିରଂଜନ ବାରିକ, ପୁରୁଷତୋମ ସେଠୀ, କମଳାକାନ୍ତ ବାରିକ, ଗାୟତ୍ରୀ ପଣ୍ଡା, ପ୍ରଭାକର ମହାପାତ୍ର, ନିହାରରଂଜନ ମହାପାତ୍ର, ପ୍ରଭାକର ପରିଡ଼ାଙ୍କ ସମେତ ବହୁ ଋଷୀ ଉପସ୍ଥିତ ଥିଲେ ।

# ଶିଶୁ ମନ୍ଦିରରେ ବିଦ୍ୟୁତ ପରିଷଦ ଆଲୋଚନା ଚକ୍ର



ଭଦ୍ରକ, ୨୦/୧୨ (ନି.ପ୍ର): ସ୍ଥାନୀୟ ମଂଜୁଳ ମଂଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆବଜାର, ଭଦ୍ରକରେ ବିଦ୍ୟା ଭାରତୀ, ଶିକ୍ଷାବିକାଶ ସମିତି, ଓଡ଼ିଶା, ଆନୁକୂଲ୍ୟରେ ଆୟୋଜିତ ସମ୍ଭାଗ ସ୍ତରୀୟ ବିଦ୍ୱତ୍ ପରିଷଦ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଭଦ୍ରକ ଜିଲ୍ଲାର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ ପୂର୍ବୋତ୍ତର ସମ୍ଭାଗର ସଭାପତି ମାନ୍ୟ ଅମୂଲ୍ୟ ପ୍ରସାଦ ନାୟକ ମହୋଦୟ । ସମ୍ଭାଗ ବିଦ୍ୱତ୍ ପରିଷଦର ସଭାପତି ମାନ୍ୟ ବିଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି "ରାଷ୍ଟ୍ରୀୟ ଶିକ୍ଷାନୀତିରେ ଶିକ୍ଷକ ଓ ଅଭିଭାବକ ମାନଙ୍କର ଭୂମିକା" ସମ୍ବନ୍ଧରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରି ଚାଇଲ୍ଡ ଓରିଏଣ୍ଟେସନ ଏଜ୍ୟୁକେସନ କୁ ଗୁରୁତ୍ୱ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକ ଉପସ୍ଥିତ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ । ପୂର୍ବୋତ୍ତର ସମ୍ଭାଗର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିବାବେଳେ ବିଦ୍ୟାଳୟର ସଭାପତି ହୃଷିକେଶ ପଣ୍ଡା ଉପସ୍ଥିତ ସୁଧୀବୃନ୍ଦମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୩୬ଜଣ ବିଦ୍ୱାନମାନଙ୍କ ସମେତ ଭଦ୍ରକ ବିଭାଗର ବିଭାଗ ନୀରୀକ୍ଷକ ମାନ୍ୟ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ । ସୁଧୀର କୁମାର ମହନ୍ତ, ପ୍ରଧାନ ଆଚାର୍ଯ୍ୟ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତଥା ସମ୍ଭାଗ ବିଦ୍ୱତ ପରିଷଦ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସାହାଯ୍ୟ କରିଥିଲେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସୁଶ୍ରୀ ଜୟନ୍ତୀ ମହାନ୍ତି ଓ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ଭାଇଭଉଣୀମାନେ । ସମସ୍ତ କାର୍ଯ୍ୟକ୍ରମ ଶିକ୍ଷା ବିକାଶ ସମିତି ଯୋଜନାର ତଥା ସରସ୍ୱତୀ ଶିଶୁ ମନ୍ଦିରର ବିଧିମତେ କ୍ରିୟାନ୍ୱୟନ ହୋଇଥିଲା । ଏତଦ୍ ବ୍ୟତୀତ ରବକ୍ୱକ୍ଷଚ ମଷସକ୍ଷୟ ମବକ୍ୱର ରୟଙ୍କମବଣ୍ଠସକ୍ଟଭ ସମ୍ବନ୍ଧୀୟ ଏକ କର୍ମଶାଳା ତଥା ଆଲୋଚନା ଚକ୍ରର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ମଧ ଆଜିର ଦିନରେ ଆୟୋଜିତ ହୋଇଥିଲେ । ଏହି କର୍ମଶାଳାରେ ଶିକ୍ଷାବିକାଶ ସମିତିର ପ୍ରାନ୍ତ ଶିଶୁବାଟିକା ଶୈକ୍ଷିକ ସଂଯୋଜକ ମାନ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବୋତ୍ତର ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ମାନ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବୋତ୍ତର ସମ୍ଭାଗ ଶିଶୁବାଟିକା ସଂଯୋଜକ ନାରାୟଣ ପାଣିଗ୍ରାହୀ, ସରୋଜ କୁମାର ଓଝା, ରତିକାନ୍ତ ଆଚାର୍ଯ୍ୟ ଓ ଲକ୍ଷ୍ମୀପ୍ରିୟା ସାହୁ ମଞ୍ଚାସୀନ ଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ୩୦ଜଣ ବାଲ୍ୟଶିକ୍ଷା ମନୋବିଜ୍ଞାନଙ୍କ ଉପସ୍ଥିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଇନରହ୍ୱିଲ କ୍ଲବ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ଉଦଳା, ୨୦/୧୨ (ନି.ପ୍ର): ଉଦଳା ସହରରେ ଥିବା ହୋଟେଲ ସିପ୍ରନ ପରିସରରେ ଇନରହ୍ୱିଲ କ୍ଲବ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି, ସମ୍ପାଦିକା ମିନାକ୍ଷୀ ପଟ୍ଟନାୟକ, ଉପସଭାପତି ମମତା ମହାନ୍ତି, ସଂଯୋଜିକା ପ୍ରମିଳା ପଣ୍ଡା ଯୋଗ ଦେଇ ନିଶାସକ୍ତ କୁପଥଗାମୀ ଯୁବସମାଜକୁ କିପରି ନିଶାମୁକ୍ତ କରି ସୁସ୍ଥ ସମାଜ ଗଠନରେ ସେମାନଙ୍କୁ ନିୟୋଜିତ କରାଯାଇପାରିବ, ବର୍ତ୍ତମାନବି ନୀରକ୍ଷରତାର ଅନ୍ଧକାର ଭିତରେ ଥିବା ବ୍ୟକ୍ତି ମାନଙ୍କୁ ସ୍ୱାକ୍ଷର କରି ସ୍ୱାଭିମାନର ସହ ବଞ୍ଚିବାର ରାହା ଦେଖାଇବା , ମହିଳା ମାନଙ୍କୁ କିପରି ସ୍ୱଭିମାନୀ, ସ୍ୱାବଲମ୍ବୀ କରିହେବ ସେ ସମ୍ପର୍କରେ ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ । ଏହାପରେ ସଭାପତି ଶ୍ରୀମତୀ ପଟ୍ଟନାୟକ ଆସନ୍ତା ୨୦୨୨ -୨୩ ବର୍ଷ ପାଇଁ ଦାୟିତ୍ୱ ଦିଆଯାଇଥିବା ସଭ୍ୟା ମାନଙ୍କ ନାମ ଘୋଷଣା କରିଥିଲେ । ସହ ସଂଯୋଜିକା ଦିଗବାଳା ପରିଡ଼ା, ସିସିସି ସୁଜାତା ବିଶ୍ୱାଳ, କୋଷାଧ୍ୟକ୍ଷ ଗୀତାଶ୍ରୀ ରାୟଙ୍କ ନିର୍ଦ୍ଦେଶନାରେ କ୍ଲବର ସଭ୍ୟାମାନେ ନୃତ୍ୟ ପରିବେଷଣ କରିଥିଲେ । ଶ୍ରୀମତୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରମିଳା ପଣ୍ଡା ସଂଗୀତ ଗାନ କରି ଆନନ୍ଦମୟ ପରିବେଷ ସୃଷ୍ଟି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମମତା ସାହୁ, ଉର୍ମିଳା ମହାନ୍ତି, ରେଣୁବାଳା ପ୍ରଧାନ, ପ୍ରତିଭା ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୈଧୁରୀ କାର୍ଯ୍ୟକ୍ରମର ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo